

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୮ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 08 DECEMBER 2022
Vol.No. 33 ■ No. 319 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଦିଲ୍ଲୀ ଏମସିଡି ନିର୍ବାଚନରେ ଆପ୍‌ର ଐତିହାସିକ ବିଜୟ



ନୂଆଦିଲ୍ଲୀ, ୦୭/୧୨ : ଦୀର୍ଘ ୧୫ ବର୍ଷ ହେଲା ଦିଲ୍ଲୀ ମହାନଗର ନିଗମ(ଏମସିଡି)ରେ ବିଜେପି ଚଳାଇଥିବା ରାଜରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଆମ ଆଦମୀ ପାର୍ଟି(ଆପ୍) ଏମସିଡି ନିର୍ବାଚନରେ ଐତିହାସିକ ବିଜୟ ହାସଲ କରିଛି। ଆପ୍‌ର ଦଳୀୟ ଚିହ୍ନ ଝାଡୁ ବିପୁଳ ପରିମାଣର ଜନମତ ସହ ଏମସିଡିରେ ମେୟର ପଦ ହାତେଇବାକୁ ଯାଉଛି। ଏମସିଡିର ୨୫୦ଟି ଆସନରୁ ଆପ୍ ୧୩୪ଟିରେ ଜିତିଥିବା ବେଳେ ବିଜେପି ୧୦୪ ଓ୍ୱାର୍ଡରେ ବିଜୟୀ ହୋଇଛି। କଂଗ୍ରେସ ମାତ୍ର ୮ଟି ଆସନ ଜିତିବାକୁ ସକ୍ଷମ ହୋଇଥିବା ବେଳେ ଅନ୍ୟାନ୍ୟ ଦଳ ୪ଟି ସ୍ଥାନରେ ବାଜିମାତ କରିଛନ୍ତି। ଆପ୍ ଓ ବିଜେପି ମଧ୍ୟରେ ଏମସିଡି ନିର୍ବାଚନ ସମ୍ମାନର ଲଢ଼େଇ ଥିଲା। ଏମସିଡିକୁ ୪ର୍ଥ ଥର ପାଇଁ ଦଖଲ କରିବା ଉଦ୍ଦେଶ୍ୟରେ ବିଜେପି ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ବି ବ୍ୟବହାର କରିଥିଲା। ଶତାଧିକ ସାଂସଦ ଓ ୭ ରାଜ୍ୟର ମୁଖ୍ୟମନ୍ତ୍ରୀ ଆସି ବିଜେପି ପାଇଁ ପ୍ରଚାର କରିଥିଲେ। ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତିକୁ ମଧ୍ଯ ଦଳ ପ୍ରସଙ୍ଗ କରି ଆପ୍ ବିରୋଧରେ ପ୍ରଚାର କରିଥିଲା। ହେଲେ ଦିଲ୍ଲୀବାସୀ ବିଜେପିକୁ ଆଉ ଥରେ ଶାସନ କରିବାକୁ କୌଣସି ସୁଯୋଗ ଦେଇ ନାହାନ୍ତି। ଏମସିଡି ନିର୍ବାଚନରେ ବିଜେପି ପରାସ୍ତ ହୋଇଛି। ମ୍ୟାଜିକ ନମ୍ବର ୧୨୬ ଠାରୁ ବିଜେପି ପଛରେ ରହିଥିଲେ ମଧ୍ଯ ମେୟର ପଦ ହାତେଇବ ବୋଲି ଦମ୍ଭୋକ୍ତି କରିବା ନୂଆ ଟ୍ୱିଷ୍ଟ ଆଣିଛି। କାରଣ ଆଜି ନିର୍ବାଚିତ ହୋଇଥିବା କର୍ପୋରେଟରମାନେ ମେୟର ନିର୍ବାଚନରେ ଭୋଟ ଦେବେ। ଏହି ସମୟରେ ସେମାନେ ଦଳ ବଦଳ କରିବାର ଯଥେଷ୍ଟ ସମ୍ଭାବନା ଥିବାରୁ ବିଜେପି ମେୟର ପଦ ହାତେଇବା ଲକ୍ଷ୍ୟରେ ରହିଥିବା ଚର୍ଚ୍ଚା ହେଉଛି। ୨୦୧୭ ଏମସିଡି ନିର୍ବାଚନରେ ବିଜେପି ୨୭୨ଟି ଆସନରୁ ୧୮୧ଟିରେ ଜିତିଥିଲା। ଆପ୍ ୪୮ଟି ଓ କଂଗ୍ରେସ ମାତ୍ର ୩୦ଟିରେ ଜିତିଥିଲା। ୨୦୧୫ରେ ଆପ୍ ଦିଲ୍ଲୀ ବିଧାନସଭା ନିର୍ବାଚନରେ ରେକର୍ଡ ୭୦ଟି ଆସନରୁ ୬୭ରେ ଜିତିଥିଲା। ତଥାପି ବିଜେପି ୨୦୧୭ରେ ଏମସିଡି ନିର୍ବାଚନ ଜିତି ଆପ୍‌କୁ ଶକ୍ତ ଝଟକା ଦେଇଥିଲା। ଏମସିଡି ନିର୍ବାଚନରେ ବିଜେପି କ୍ରମାଗତ ଭାବେ ଜିତି ଆସୁଥିଲେ ବି ଏଥର ସ୍ଥିତି ବଦଳିଛି। ଆପ୍ ୧୩୪ଟି ଆସନ ଜିତିବାକୁ ସକ୍ଷମ ହୋଇଛି। ଏହି ବିଜୟ ପରେ ଆପ୍ କର୍ମୀ ଓ ନେତାମାନେ ଦଳୀୟ ମୁଖ୍ୟାଳୟରେ ଏକାଠି ହୋଇ ସେଲିବ୍ରେସନ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ସମେତ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ମଧ୍ୟ ଦଳୀୟ ମୁଖ୍ୟାଳୟରେ ଉପସ୍ଥିତ ରହିଛନ୍ତି।

## ବଢ଼ିଲା ରେପୋରେଟ୍ : ମହଙ୍ଗା ହେବ ହୋମ୍, କାର୍ ଓ ପର୍ସନାଲ ଲୋନ୍




ନୂଆଦିଲ୍ଲୀ, ୦୭/୧୨ : ବଢ଼ିଲା ରେପୋ ରେଟ୍। ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ୩୫ ବେସିସ୍ ପଏଣ୍ଟ ବୃଦ୍ଧି କରିଛି। ଫଳରେ ମହଙ୍ଗା ହେବ ଋଣ। ଆରବିଆଇ ପକ୍ଷରୁ ରେପୋ ରେଟ୍ ୦.୩୫% ବୃଦ୍ଧି କରାଯାଇଛି । ବର୍ତ୍ତମାନ ରେପୋ ରେଟ୍ ୫.୯୦ ପ୍ରତିଶତରୁ ୬.୨୫%କୁ ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଆରବିଆଇ ମନିଟାରୀ କମିଟିରେ ଏହି ନିଷ୍ପତ୍ତି ନିଆଯାଇଛି। ରେପୋ ରେଟ୍ ବୃଦ୍ଧି ପରେ ଋଣ ପରିଶୋଧ ମହଙ୍ଗା ହେବ। ଏହା ସହ ଅନ୍ୟାନ୍ୟ ସାମଗ୍ରୀ ଉପରେ ମଧ୍ଯ ଏହାର ପ୍ରଭାବ ପଡିବା ନେଇ ଘୋଷଣା କରିଛନ୍ତି ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ। ଚଳିତବର୍ଷ ପଞ୍ଚମ ଥର ପାଇଁ ରେପୋ ରେଟ୍ ବୃଦ୍ଧି କରିଛି ଭାରତୀୟ ରିଜର୍ଭ ବ୍ୟାଙ୍କ । ଯାହାଫଳରେ କାର୍, ହୋମ୍ ଓ ପର୍ସନାଲ ଲୋନ୍ ଆଜି ମହଙ୍ଗା ହେବ । ପୂର୍ବରୁ ରେପୋ ରେଟ୍ ୫.୯୦ ପ୍ରତିଶତ ରହିଥିଲା। ରେପୋ ରେଟ୍ ବୃଦ୍ଧି ଯୋଗୁ ଋଣ ବଢିବ । ସେହିପରି ହୋମ୍ ଲୋନ୍, କାର୍ ଲୋନ୍ ଓ ପର୍ସନାଲ ଲୋନ୍ ମହଙ୍ଗା ହେବ । ଏମପିସି ବୈଠକ ପରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ବୁଧବାର ନୀତିଗତ ଦରବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି, ଦେଶରେ ମୁଦ୍ରାସ୍ଫୀତି ହାରକୁ ୬ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ କରିବାକୁ ପଡିବ। ଅକ୍ଟୋବର ମାସରେ ମୁଦ୍ରାସ୍ଫୀତି ହ୍ରାସ ପାଇ ୬.୭୭ ପ୍ରତିଶତରେ ପହଞ୍ଚିଥିଲା । ସୂଚନା ଅନୁଯାୟୀ, ସେପ୍ଟେମ୍ବର ମାସରେ ରିଜର୍ଭ ବ୍ୟାଙ୍କ୍ ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟ ବୃଦ୍ଧି କରି ୫.୯% କରିଥିଲା। ସେହିଭଳି, ନିୟମିତ 'ମନିଟାରି ପଲିସି ରିଭ୍ୟୁ' ବାହାରେ ମଧ୍ୟ ଗତ ଅଗଷ୍ଟ ମାସରେ 'ରେପୋ ରେଟ୍' ୫୦ ବେସିସ୍ ପଏଣ୍ଟ ବୃଦ୍ଧି କରି ୫.୪% କରିଥିଲା।

## ଇଡିରେ ପୁଣି ହାଜର ହେଲେ ଅର୍ଚ୍ଚନା ନାଗଙ୍କ ଆର୍କିଟେକ୍ଟ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଅର୍ଚ୍ଚନା ନାଗଙ୍କ ଘରର ଆର୍କିଟେକ୍ଟ ପ୍ରବର୍ତନ ନିର୍ଦ୍ଦେଶାଳୟରେ ପୁଣି ହାଜର ହୋଇଛନ୍ତି । ଆର୍କିଟେକ୍ଟ ରଞ୍ଜିତ ବେହେରା ମଙ୍ଗଳବାର ଦିନ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିବା ବେଳେ ଦ୍ୱିତୀୟ ଦିନରେ ପୁଣି ହାଜର ହୋଇଛନ୍ତି ।

## ଶ୍ରୀମନ୍ଦିରକୁ ସ୍ମାର୍ଟ ଫୋନ୍ ମନା !

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଶ୍ରୀମନ୍ଦିର ଭିତରକୁ ଯାଇପାରବନି ସ୍ମାର୍ଟ ଫୋନ । ଏହାକୁ ସଂପୂର୍ଣ୍ଣ ଭାବେ ବ୍ୟାନ କରିବା ପାଇଁ ଛତିଶା ନିଯୋଗ ବୈଠକରେ ନଷ୍ପତ୍ତି ନିଆଯାଇଛି । ରତ୍ନ ବେଦୀର ଫଟୋ ଭାଇରାଲ ହେବା ଏବଂ ଡ୍ରୋନ କ୍ୟାମେରାରେ ଶ୍ରୀମନ୍ଦିର ପରିସର ଦୃଶ୍ୟ ଭାଇରାଲ୍ ହେବା ପରେ କଡ଼ା କଟକଣା ଲଗାଇବାକୁ ଛତିଶାନିଯୋଗ ବୈଠକରେ ସ୍ଥିର କରାଯାଇଛି । ତେବେ କୌଣସି ବ୍ୟକ୍ତି ବିଶେଷ ଶ୍ରୀମନ୍ଦିର ଭିତରକୁ କ୍ୟାମେରାଯୁକ୍ତ ଫୋନ ନେଇପାରିବେ ନାହିଁ । ସ୍ମାର୍ଟ ଫୋନ ପାଇଁ କେବଳ ମନ୍ଦିର କମାଣ୍ଡରଙ୍କୁ ଅନୁମତି ମିଳିବ । ତେବେ ଶ୍ରୀମନ୍ଦିରରେ ନିୟୋଜିତ ସେବାୟତ, ଜେଟିପି, ସୁରକ୍ଷାକର୍ମୀ, ଶ୍ରୀମନ୍ଦିର କର୍ମଚାରୀ ସମସ୍ତେ କିପ୍ୟାଡ୍ ଫୋନ ନେଇପାରିବେ । ଆସନ୍ତା ୧୫ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ ହେବ । ଏହି ବୈଠକରେ ଏ ନେଇ ମୋହର ବାଜିବ ବୋଲି ଜଣାପଡ଼ିବ ।

## ମାଡ଼ିଆସୁଛି ବାତ୍ୟା 'ମଣ୍ଡୋସ' : ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀରେ ଆଲର୍ଟ



ନୂଆଦିଲ୍ଲୀ, ୦୭/୧୨ : ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟା' ମଣ୍ଡୋସ' ଯୋଗୁଁ ତାମିଲନାଡୁ ଓ ପୁଡୁଚେରୀରେ ଅଲର୍ଟ ଜାରି କରାଯାଇଛି । ଉତ୍ତର ଭାରତରେ ଥଣ୍ଡା ବଢୁଥିବାବେଳେ ଦକ୍ଷିଣ ଭାରତର କିଛି ସ୍ଥାନରେ ପାଗ ପରିବର୍ତ୍ତନ ହୋଇ ବର୍ଷା ହେବାରେ ଲାଗିଛି । ପାଣିପାଗ ବିଭାଗ ପକ୍ଷରୁ ଦକ୍ଷିଣ ଭାରତର କିଛି ସ୍ଥାନ ପାଇଁ ଅଲର୍ଟ ଜାରି କରାଯାଇଛି । ସମ୍ଭାବ୍ୟ 'ବାତ୍ୟା ମଣ୍ଡୋସ' ପ୍ରଭାବରେ ତାମିଲନାଡୁର ଉପକୂଳବର୍ତୀ ଅଂଚଳରେ ବର୍ଷା ଆରମ୍ଭ ହୋଇଛି । ବାତ୍ୟା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ତାମିଲନାଡୁ , ପୁଡୁଚେରୀ ଠାରେ ନୌସେନା ଓ ଏନଡ଼ିଆରଏଫ ଟିମ ସଜାଗ ରହିଛି । ସେପଟେ ପଶ୍ଚିମ ପାଖ ଜମ୍ମୁ କଶ୍ମୀର ଏବଂ ଆଖପାଖ ଅଂଚଳରେ ଏହାର ପ୍ରଭାବ ପଡ଼ିବାର ସମ୍ଭାବନା ଅଛି । ଏବଂ ପାହାଡ଼ ଉପରେ ବରଫବର୍ଷା ହୋଇପାରେ । ରାଜସ୍ଥାନ, ପଂଜାବ, ହରିୟାଣା, ଦିଲ୍ଲୀ, ଉତରପ୍ରଦେଶ ସମେତ ଭାରତରର ବହୁ ରାଜ୍ୟରେ ବୁଧବାର ଠାରୁ ଆସନ୍ତା ତିନି ଦିନ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

## ପଦ୍ମପୁର ଉପନିର୍ବାଚନ : ଗଣତି ପୂର୍ବରୁ ଇଭିଏମ୍‌ରେ ଅଦଳବଦଳ ଅଭିଯୋଗ



ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଗୁରୁବାର ଦିନ ପଦ୍ମପୁର ଉପନିର୍ବାଚନର ଫଳାଫଳ ବାହାରିବ। ଏହା ପୂର୍ବରୁ ବଡ଼ଧରଣର ଇଭିଏମ ଅଦଳବଦଳ ହୋଇଥିବା ଅଭିଯୋଗ ଆଣିଛି ବିଜେପି। ବିଜେପି ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏହି ଅଭିଯୋଗ ଆଣିଛନ୍ତି। ବୁଧବାର ଦିନ ସେ ବରଗଡ଼ ଜିଲ୍ଲାପାଳ ମନୀଷା ବାନାର୍ଜୀଙ୍କୁ ଭେଟି ଇଭିଏମ୍ ରେ ଅଦଳବଦଳ ନେଇ ଅଭିଯୋଗ କରିବା ସହ ଘଟଣାର ଅନୁସନ୍ଧାନ ଦାବି କରିଛନ୍ତି। ନିର୍ବାଚନ ପରେ ୧୭ (ସି)ରେ ବିଜେପିକୁ ମିଳିଥିବା ଇଭିଏମ ଲିଷ୍ଟ ଏବଂ ଇଲେକ୍ସନ କମିଶନ ତରଫରୁ ଦିଆ ଯାଇଥିବା ତାଲିକା ମେଳ ଖାଉ ନଥିବା ସେ ଅଭିଯୋଗ ଆଣିଛନ୍ତି। ଶ୍ରୀ ପୁରୋହିତ କହିଛନ୍ତି ୧୧ଟି ବୁଥରେ ଇଭିଏମ ନମ୍ବର ତାଳମେଳ ଖାଉ ନାହିଁ। ଯେଉଁ ବୁଥଗୁଡ଼ିକରେ ବିଜେପିର ସ୍ଥିତି ଭଲ ଅଛି ସେହି ବୁଥ୍ ଗୁଡ଼ିକରେ ଏମିତି ସମସ୍ୟା ରହିଛି। ତେବେ ଅଭିଯୋଗର ତଦନ୍ତ ହେଉଥିବା ଜିଲ୍ଲାପାଳ ଶ୍ରୀମତି ବାନାର୍ଜୀ କହିଛନ୍ତି। ଏହି ବୁଥଗୁଡିକର ସମସ୍ତ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସରମାନଙ୍କୁ ଜିଲ୍ଲାପାଳ ତୁରନ୍ତ ଡକାଇଛନ୍ତି। ସୂଚନାଯୋଗ୍ୟ, ଗତ ୫ ତାରିଖରେ ପଦ୍ମପୁର ଉପନିର୍ବାଚନ ପାଇଁ ମତଦାନ ହୋଇଥିଲା। ଏଥର ୮୧.୨୯% ମତଦାନ ହୋଇଛି, ଯାହାକି ନିର୍ବାଚନୀମଣ୍ଡଳୀ ପାଇଁ ଏକ ସର୍ବକାଳୀନ ରେକର୍ଡ।

## ନାବାଳିକାକୁ ନିର୍ଯାତନା ଘଟଣାରେ ଦମ୍ପତି ଗିରଫ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ନାବାଳିକାକୁ ଅକଥନୀୟ ନିର୍ଯାତନା ମାମଲାରେ ଦମ୍ପତିଙ୍କୁ ବାନ୍ଧିଛି କମିଶନରେଟ୍ ପୋଲିସ୍। ଗିରଫ ଦୁଇ ଅଭିଯୁକ୍ତ ହେଲେ ବିଭୂତି ପାଢଶାଣୀ ଓ ତାଙ୍କ ପତ୍ନୀ ସୋନାଲି ପାଢଶାଣୀ। ଗତକାଲି ଅଭିଯୋଗ ପରେ ବୁଧବାର ସେମାନଙ୍କୁ ଗିରଫ କରିଛି ନୟାପଲ୍ଲୀ ଥାନା ପୋଲିସ। ସୂଚନା ଅନୁଯାୟୀ ନାବାଳିକାକୁ ପାଠ ପଢ଼ାଇବା ଲୋଭ ଦେଖାଇ ରାଜଧାନୀ ଆଣି ଚାକରାଣୀ ପରି ଖଟାଉଥିଲେ। ଘର କାମରେ ଭୁଲ୍ କରିବାରୁ ନାବାଳିକାଙ୍କୁ ଅକଥନୀୟ ନିର୍ଯାତନା ଦେଇଥିଲେ। ଗତକାଲି ମାଡ଼ ମାରି ନିର୍ଦ୍ଦୟ ଭାବେ ନାବାଳିକାକୁ ଗୁରୁତର ଅବସ୍ଥାରେ ରାସ୍ତାରେ ଫିଙ୍ଗିଦେଇଥିଲେ। ଖବର ପାଇ ସାଲିଆ ସାହି ଅଂଚଳରୁ ଚାଇଲ୍ଡ ଲାଇନ ସହାୟତାରେ ନାବାଳିକାକୁ ପୋଲିସ ଉଦ୍ଧାର କରିଥିଲା । ଗୁରୁତର ନାବାଳିକା ଏବେ କ୍ୟାପିଟାଲ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛି।

## ୧୦ ଓ ୧୧ ରେ ଦକ୍ଷିଣ ଓଡିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଦକ୍ଷିଣ-ପୂର୍ବ ପାର୍ଶ୍ୱବର୍ତୀ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଅଂଚଳରେ ସୃଷ୍ଟ ଗଭୀର ଅବପାତ ସକ୍ରିୟ ରହିଛି। ଏହା ଧିରେ ଧିରେ ଘନୀଭୂତ ହେଉଛି ଏବଂ ଆଜି ସନ୍ଧ୍ୟା ସୁଦ୍ଧା ବାତ୍ୟାର ରୂପନେବା ସମ୍ଭାବନା ରହିଛି। ଓଡିଶା ଉପରେ ସିଧାସଳଖ ପ୍ରଭାବ ନଥିଲେ ବି, ବାହ୍ୟବଳୟ ସହ ଜଡିତ ମେଘ ସମୂହ ପ୍ରଭାବରେ ଆସନ୍ତା ୧୦ ଏବଂ ୧୧ ତାରିଖରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

## ଆଜି ପଦ୍ମପୁର ରେଜଲ୍ଟ : ୨୩ ରାଉଣ୍ଡରେ ହେବ ଭୋଟ୍ ଗଣତି



ଭୁବନେଶ୍ୱର, ୦୭/୧୨ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ପାଇଁ ଆସନ୍ତାକାଲି (ଗୁରୁବାର) ଭୋଟ୍ ଗଣତି ହେବ। ଗୁରୁବାର ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହେବ। ଏସମ୍ପର୍କରେ ସୂଚନା ଦେଇ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନି କହିଛନ୍ତି ଯେ ପଦମପୁରରେ ମୋଟ ୨୩ ରାଉଣ୍ଡରେ ଭୋଟ ଗଣତି ହେବ। ଆରଏମସି ଗୋଦାମରେ ହୋଇଥିବା ଗଣତି କେନ୍ଦ୍ରରେ ପ୍ରଥମେ ପୋଷ୍ଟାଲ ବାଲାଟ ଭୋଟ ଗଣତି ହେବ । ସକାଳ ୮ଟା ୩୦ରେ ଇଭିଏମ ଗଣତି ଆରମ୍ଭ ହେବ। ୩୧୯ଟି ବୁଥର ଭୋଟ ଗଣତି ୧୪ଟି ଟେବୁଲରେ କରାଯିବାକୁ ଥିବାବେଳେ ବୁଥ ଓ ପ୍ରାର୍ଥୀ ସଂଖ୍ୟା ଅଧିକ ଥିବାରୁ ୨୩ ରାଉଣ୍ଡ ଗଣତି ହେବ। ସମସ୍ତ ବୁଥ ଗଣତି ସରିଲେ ଯେକୌଣସି ୫ଟି ବୁଥର ଭିଭିପ୍ୟାଟ ମ୍ୟାଚ କରାଯିବ । ପ୍ରତି ଟେବୁଲରେ ୩ ଜଣ ରହିବେ। ଜଣେ କାଉଂଟିଂ ଆସିଷ୍ଟାଂଟ, ଜଣେ ମାଇକ୍ରୋ ଅବଜରଭର ମଧ୍ୟ ରହିବେ।ଗଣତି ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ୫ ତାରିଖରେ ପଦମପୁର ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଅନୁଷ୍ଠିତ ହୋଇଥିଲା। ଏଥର ନିର୍ବାଚନରେ ରେକର୍ଡ ହାରରେ ୮୧.୨୯ ପ୍ରତିଶତ ମତଦାନ ହୋଇଛି।

## ଗୋଚାଲାଣକାରୀ ଓ ଏସଟିଏଫ୍ ମଧ୍ୟରେ ଗୁଳି ବିନିମୟ

କେନ୍ଦୁଝର, ୦୭/୧୨ (ନି.ପ୍ର): କେନ୍ଦୁଝର ସହର ନିକଟସ୍ଥ ଜୁଡିଆ ଘାଟିରେ ବେଆଇନ ଗୋ'ବଂଶ ଚାଲାଣକାରୀ ଓ ଏସଟିଏଫ୍ କର୍ମଚାରୀଙ୍କ ମଧ୍ୟରେ ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୨ଟା ୩୦ମିରେ ଗୁଳି ବିନିମୟ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ୫ଟି କେଂଟନର ଯୋଗେ ବେଆଇନ ଭାବେ ଗୋ' ସମ୍ପଦ ବୋଝେଇ ହୋଇ ପଶ୍ଚିମବଙ୍ଗ ରାଜ୍ୟକୁ ଚାଲାଣ ହେଉଥିବା ଖବରପାଇ ଏସଟିଏଫର ଜଣେ ଡିଏସ୍ପିଶ ଓ ୩ଜଣ ଇନ୍ସପେକ୍ଟରଙ୍କୁ ମିଶାଇ ମୋଟ ୧୫ଜଣିଆ ଏକ ଟିମ୍ ଉକ୍ତ ବେଆଇନ ଗୋସମ୍ପଦ ବୋଝେଇ କେଂଟନରକୁ ସମ୍ବଲପୁରରୁ ପିଛା କରି ଆସୁଥିଲେ । ରାତି ପ୍ରାୟ ୨ଟା ୩୦ମି ସମୟରେ ବେଆଇନ ଗୋ' ସମ୍ପଦ ଚାଲାଣକାରୀ ଦଳର ସଦସ୍ୟ ମାନେ କେନ୍ଦୁଝର ସଦର ଥାନା ଅଧିନ ୪୯ନଂ ଜାତୀୟ ରାଜପଥ ଜୁଡିଆ ଘାଟି ନିକଟରେ ପିଛା କରୁଥିବା ଏସ୍ଟିଧଏଫ୍ ଟିମ୍ ଉପରକୁ ୧୦ରାଉଣ୍ଡ ଗୁଳି କରିଥିବା ବେଳେ ଏସ୍ଟିଏଫ୍ ସଦସ୍ୟଙ୍କ ପକ୍ଷରୁ ପାଲଟା ୨/୩ ରାଉଣ୍ଡ ଗୁଳି ବିନିମୟ ହୋଇଥିଲେ ହେଁ କାହାରି କିଛି କ୍ଷତି ହୋଇନଥିବା ଜଣାପଡିଛି । ଗୋରୁ ବୋଝେଇ ୨ଟ୍ରକ୍ ଜବତ ହୋଇଥିବା ବେଳେ ୩ଟ୍ରକ ଫେରାର ହୋଇ ଯାଇଛି । ସେହିପରି ୨ଜଣ ଗିରଫ ହୋଇଥିବା ଜଣା ପଡିଛି ।

## ହକି ପାଇଁ ସଚେତନତା ସୃଷ୍ଟି ନିମନ୍ତେ ସ୍ୱତନ୍ତ୍ର ଖେଳକୁଦ ପ୍ରତିଯୋଗିତା

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ହକିର ବହୁଳ ପ୍ରଚାରପ୍ରସାର ପ୍ରଥା ତୃଣମୂଳ ସ୍ତରରେ ସଚେତନତା ପାଇଁ, ଚଳିତ ବର୍ଷ ଉପରୋକ୍ତ ବ୍ଲକ ତଥା ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ହକି ଏବଂ ହକି ସହିତ ଜଡିତ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଛି । ଚଳିତ ବର୍ଷ ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍-୨୦୨୩ ଆସନ୍ତା ଜାନୁୟାରୀ ୧୩ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଉଭୟ ଭୁବନେଶ୍ୱର ଓ ରାଉରକେଲାଠାରେ ଆୟୋଜିତ ହେଉଥିବାରୁ ବିଭିନ୍ନ ମହଲରେ ହକି ତଥା ଅନ୍ୟାନ୍ୟ ଖେଳକୁଦ ସମ୍ପର୍କରେ ସଚେତନତା ତଥା ଉତ୍ସାହ ସୃଷ୍ଟି କରିବା ନିମନ୍ତେ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ସବୁ ବର୍ଷ ଭଳି ଏ ବର୍ଷ ମଧ୍ଯ ବିଦ୍ୟାଳୟଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଚଳିତ ମାସ ୮ ତାରିଖ ଠାରୁ ଆରମ୍ଭ ହୋଇ ଜିଲ୍ଲା ସ୍ତରରେ ୧୦ ତାରିଖ ଯାଏଁ ଚାଲିବ। ଏହି ଉପକ୍ରମରେ ବିଭିନ୍ନ ସ୍ତରରେ ପ୍ରତିଯୋଗିତା ନିମନ୍ତେ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ଅନୁଦାନ ରାଶି ପ୍ରଦାନ କରିଛନ୍ତି । ବ୍ଲକ ସ୍ତରରେ ପ୍ରତିଯୋଗୀତା ନିମନ୍ତେ ପ୍ରତି ବ୍ଲକ ପିଛା ୫୪ ହଜାର ଟଙ୍କା ହିସାବରେ ମୋଟ ୧୬୯୫୬୦୦୦.୦୦ ଟଙ୍କା ଓ ଜିଲ୍ଲା ସ୍ତରରେ ପ୍ରତିଯୋଗୀତା ନିମନ୍ତେ ୫୭୫୯୭୮୦.୦୦ ଟଙ୍କା ପ୍ରଦାନ କରାଯାଇଛି । ଅନ୍ୟ ପକ୍ଷରେ ଜିଲ୍ଲାସ୍ତରରୁ ରାଜ୍ୟସ୍ତରକୁ ପ୍ରତିଯୋଗିତା ନିମନ୍ତେ ପ୍ରତିଯୋଗୀମାନେ ଆସିବାପାଇଁ ୮୯୯୦୦୦୦.୦୦ ଟଙ୍କା ପ୍ରଦାନ କରାଯାଇଛି । କ୍ରୀଡା ଏବଂ ଯୁବ ବ୍ୟପାର ବିଭାଗ ତଥା ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ।

## ଏତଲା ପଞ୍ଜିକରଣ ନକଲେ କାର୍ଯ୍ୟାନୁଷ୍ଠାନ : ହାଇକୋର୍ଟ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଓଡ଼ିଶା ପୋଲିସର ଓ୍ୱେବସାଇଟ୍ ଖୋଲିଲେ ଆପଣ ଦେଖିପାରିବେ ଲୋଗୋରେ ଲେଖା ହୋଇଛି ଆମେ ସେବା ଓ ସୁରକ୍ଷା ଯୋଗାଇଦେଉ । ଥାନାକୁ ଆସୁଥିବା ଲୋକଙ୍କ ସହ ପୁଲିସର ଉତ୍ତମ ବ୍ୟବହାର ଏବଂ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଅନେକ ପଦକ୍ଷେପ ନିଆଯାଇଛି । କିନ୍ତୁ ଦୁର୍ଭାଗ୍ୟର କଥା, ଆଜି ମଧ ସାଧାରଣ ଲୋକଟିଏ ଥାନାକୁ ଯିବାକୁ ଡରୁଛି । ଲୋକ ଅଭିଯୋଗ ନେଇ ଥାନାକୁ ଯାଉଛନ୍ତି, କିନ୍ତୁ ଥାନାରେ ଏତଲା ପଞ୍ଜୀକରଣ କରାଯାଉନାହିଁ । ଏପରି ଅଭିଯୋଗ ବଢ଼ି ଚାଲିଥିବା ବେଳେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି, ଏତଲା ପଞ୍ଜୀକରଣ ନକଲେ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । କାର୍ଯ୍ୟାନୁଷ୍ଠାନ ନେଇ ସୁନିଶ୍ଚିତ କରିବେ ଡିଜିପି । ଜବାବ ଦାଖଲ ପାଇଁ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଡିସେମ୍ବର ୨୧ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି । ଡିସେମ୍ବର ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଛି । ଅସ୍ତରଙ୍ଗ ଓ ପାଟକୁରା ଥାନାରେ ଏତଲା ପଞ୍ଜୀକରଣ କରାଯାଇ ନଥିବା ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଦୁଇ ଆବେଦନକାରୀ । ଦୁଇଟି ମାମଲାକୁ ହାଇକୋର୍ଟ ଅତି ଗୁରୁତର ସହ ନେଇଛନ୍ତି । ହାଇକୋର୍ଟ କହିଛନ୍ତି, ଥାନାକୁ ଆସୁଥିବା ▶▶ପୃଷ୍ଠା ୭

## ମହୁମାଛି ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ମାଲକାନଗିରି, ୦୭/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅନ୍ତର୍ଗତ ଶିମିଳିବାଞ୍ଚା ପଂଚାୟତ ଗୋରଖପାଲ୍ଲୀ ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଗୋରଖପାଲ୍ଲୀ ଗ୍ରାମର ଗାର୍ଗି ପଦିଆ ନାମକ ମହିଳା ଗତକାଲି ଅପରାହ୍ନରେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିବାବେଳେ ହଠାତ ତାଙ୍କୁ ମହୁମାଛି ଆକ୍ରମଣ କରିଥିଲା। ମହୁମାଛି ଆକ୍ରମଣରୁ ନିଜ ଜୀବନ ବଂଚାଇ ସେ ଘରକୁ ଫେରିଥିଲେ। ହେଲେ ରାତ୍ରରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବା ଦେହ ଫୁଲି ଯିବାରୁ ପରିବାର ଲୋକେ ପଡିଆ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଗାର୍ଗି ର ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆଜି ଚିକିତ୍ସାଧିନ ଅବସ୍ଥାରେ ଗାର୍ଗିଙ୍କ ମୃତ୍ୟୁ ଘଟିଛି।

# ୬୦ତମ ଗୃହରକ୍ଷୀ ବାହିନୀ ପ୍ରତିଷ୍ଠ ଦିବସ ପାଳିତ

ବଲାଙ୍ଗିର, ୦୭/୧୧ (ନି.ପ୍ର): ସ୍ଥାନୀୟ ମନୋହରପୁର ପୋଲିସ ପଡିଆ ଠାରେ ଜିଲ୍ଲା ଗୃହରକ୍ଷୀ ବାହିନୀର ୬୦ତମ ବାର୍ଷିକ ଦିବସ ଗୃହରକ୍ଷୀମାନଙ୍କ ଦ୍ୱାରା ପାଳନ କରାଯାଇଅଛି । ବଲାଙ୍ଗିର ଜିଲ୍ଲାର ସମସ୍ତ ୧୮ ଗୋଟି ଥାନାର ଉତ୍ତମ କାର୍ଯ୍ୟ କରିଥିବା ଗୃହରକ୍ଷୀମାନଙ୍କୁ ଏହି ପ୍ରତିଷ୍ଠା ଦିବସରେ ସାମିଲ କରାଯାଇଥିଲା ଏବଂ ଏକ ଉଚ୍ଚ କୋଟିର ପେରେଡ ଅନୁଷ୍ଠିତ ହେଇଥିଲା । ଏଥିରେ ମୁଖ୍ୟ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଏସ୍ ?.ପି. ନିତିନ କୁଶଲକର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପେରେଡ ଅଭିବାଦନ ଗ୍ରହଣ କରିଥିଲେ । ପେରେଡ ପରିଚାଳନା କରିଥିଲା ଜିଲ୍ଲା ଗୃହରକ୍ଷୀ ବାହିନୀ କମ୍ପାନୀ କମାଣ୍ଡର ହେମନ୍ତ କୁମାର ବେହେରା । ସେକେଣ୍ଡ ଇନ୍ କମାଣ୍ଡ ଭାବରେ ୟୁନିଟ କମାଣ୍ଡର ପ୍ରଫୁଲ୍ଲ କୁମାର ବଗର୍ତ୍ତି ଓ ପ୍ଲାଟୁନ କମାଣ୍ଡର ସୁଧିର କୁମାର ଜାଲ, ଟଙ୍କର ସେଠ, ହେଟକ୍ୱାଟର ପ୍ଲାଟୁନ କମାଣ୍ଡର ଗୁଲାପ ସାହୁ ଟିଟିଲାଗଡ, ପ୍ଲାଟୁନ କମାଣ୍ଡର ଦିନବନ୍ଧୁ ନାଏକ ପାଟଣାଗଡ ପ୍ରମୁଖ ପ୍ଲାଟୁନ ଦାୟିତ୍ୱରେ ରହି ପେରେଡ କାର୍ଯ୍ୟ ନିର୍ବାହ କରିଥିଲେ। ଗୃହରକ୍ଷୀ ମାନଙ୍କର ଉଲ୍ଲେଖନୀୟ ସେବା ଓ ଉତ୍ତମ କାର୍ଯ୍ୟ ସଂପାଦନ ଦିଗରେ ଥାନାାନଙ୍କରେ କାର୍ଯ୍ୟ ନିର୍ବାହ କରୁଥିବା ବିଭିନ୍ନ ଥାନାର ଗୃହରକ୍ଷୀମାନଙ୍କୁ ମାନ୍ୟବର ଏସ୍ ?ପି ଆର୍ଥିକ ଅର୍ଥ ରାଶି ରେ ପୁରସ୍କାର କରିବା ସହ ମାନପତ୍ର ପ୍ରଦାନ କରି ବଲାଙ୍ଗିର ଜିଲ୍ଲାର ଗୃହରକ୍ଷୀମାନଙ୍କ କାର୍ଯ୍ୟକଳାପ ଉପରେ ବିଶେଷ ସନ୍ତୋଷ ପ୍ରକଟ କରି ମହାମାରୀ କରୋନା ଭଳି ସମୟରେ କୋଭିଡ ଯୋଦ୍ଧା ଭାବରେ କାର୍ଯ୍ୟ ନିର୍ବାହ କରିଥିବା ତଥା ବଲାଙ୍ଗିର ଜିଲ୍ଲାରେ ହେବାକୁ ଯାଉଥିବା ରାଜ୍ୟ ସରକାରଙ୍କର ବୃହତ ପ୍ରକଳ୍ପ ଲୋୟର ସୁକତେଲ କାର୍ଯ୍ୟରେ ଗୃହରକ୍ଷୀମାନଙ୍କ କାର୍ଯ୍ୟ ଦକ୍ଷତା ର ବିଶେଷ ପ୍ରଶଂସା କରିଥିଲେ ଓ ବଲାଙ୍ଗିର ଜିଲ୍ଲା ଗୃହରକ୍ଷୀମାନଙ୍କ ପରିବାର ଗୁଡିକର ମଙ୍ଗଳ କମନା କରିବା ସହ ଆହୁରି ଆଗ୍ରହ ସହକାରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ । ରାତ୍ର ପେଟ୍ରୋଲିଂ, ଟ୍ରାଫିକ୍ ଡ୍ୟୁଟି ର ସମ୍ପୁର୍ଣ୍ଣ ଦାୟିତ୍ୱ ହୋମଗାର୍ଡମାନଙ୍କ ଦ୍ୱାରା ହେଉଥିବା ବିଷୟ ମଧ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରି ହୋମଗାର୍ଡମାନଙ୍କ ମନୋବଳ କୁ ଆହୁରି ସୁଦୃଢ କରିଥିଲେ । ଗୃହରକ୍ଷୀମାନେ ଉଲ୍ଲେଖନୀୟ ସେବା ହେତୁ ପୁରସ୍କାର ପ୍ରାପ୍ତ ହୋମଗାର୍ଡ ରାମ କୁମାର ସେଠ ବଲାଙ୍ଗିର ଟାଉନ, ବୈକୁଣ୍ଠ ସଦର ଲାଠୋର ଥାନା, ଗୌର ସେଠ ଦେଓଗାଁ ଥାନା, ଭୋଳାନାଥ ପ୍ରଧାନ ତୁଷୁରା ଥାନା, ହେମସାଗର ବାଗ ବେଲପଡା ତାନା, ହେମନ୍ତ ବାରିକ ଓ ବୃନ୍ଦାବନ ପାଣ୍ଡେ ଲରମ୍ଭା ଥାନା, ପର୍ଶୁରାମ ବେହେରା ବଙ୍ଗୋମୁଣ୍ଡା ଥାନା, କାର୍ତ୍ତିକ ପଟେଲ ସଦର ଥାନା, ଗୌତମ ଲୁହା ତୁରେକେଲା ଥାନା ଏବଂ ବଲାଙ୍ଗିର ହେଡ୍କ୍ୱାଟର ଅଧିନସ୍ଥ ପ୍ଲାଟୁନ କମାଣ୍ଡର ପ୍ରଫୁଲ୍ଲ କୁମାର ବଗର୍ତ୍ତି, ଟଙ୍କଧର ସେଠ, ସୁଧିର କୁମାର ଜାଲ ଓ କମ୍ପାନୀ କମାଣ୍ଡର ହେମନ୍ତ କୁମାର ବେହେରାଙ୍କ ସ୍ୱତନ୍ତ୍ର ଭାବରେ ମାନପତ୍ର ତଥା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ର, ହୋମ ମିନିଷ୍ଟର, ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଓ ଗୃହରକ୍ଷୀ ଅଗ୍ନିଶମ ତଥା ସିଭିଲ ଡିଫେନ୍ସ ମହାନିର୍ଦ୍ଦେଶକଙ୍କ ଠାରୁ ଗୃହରକ୍ଷୀ ଦିବସ ଉପଲକ୍ଷେ ଆସିଥିବା ବାର୍ତ୍ତା ମୁଖ୍ୟ ଅତିଥି ଜିଲ୍ଲା ଏସ୍ପି ନିତିନ କୁଶଲକର ପଠନ କରିଥିଲେ ଓ ଏହି ୬୦ ତମ ଜିଲ୍ଲା ଗୃହରକ୍ଷୀ ବାହିନିର ପ୍ରତିଷ୍ଠା ଦିବସର ସମସ୍ତ କାର୍ଯ୍ୟ କୁମୁଦ ସେଠ ଆସିଷ୍ଟାଣ୍ଡ କମାଣ୍ଡର ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଇଥିଲା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ମାନ୍ୟଗନ୍ୟ ବ୍ୟକ୍ତି ବିଶେଷଙ୍କ ସହିତ ସାମ୍ବାଦିକ ଓ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଯୋଗ ଦେଇ ଜିଲ୍ଲା ଗୃହରକ୍ଷୀ ବାହିନୀର ପ୍ରଶଂସା କରିଥିଲେ ।

## ଚମ୍ପୁଆ ଡାକ୍ତରଖାନାରେ ଅବ୍ୟବସ୍ଥାକୁ ନେଇ ମାନବପ୍ରେମୀ ସେବା ଟ୍ରଷ୍ଟର ୫ ଦଫା ଦାବି

ଚମ୍ପୁଆ, ୦୭/୧୧ (ନି.ପ୍ର): ଉପାନ୍ତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ମାନବପ୍ରେମୀ ସେବାଟ୍ରଷ୍ଟ ପକ୍ଷରୁ ଉପଜିଲ୍ଲାପାଳ ଚମ୍ପୁଆ,ଏସଡିଏମଓ ଚମ୍ପୁଆ ଓ ସିଡିଏମଓ କେନ୍ଦୁଝରଙ୍କ ନିକଟରେ ୫ ଦଫା ଦାବୀ କରାଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ କେନ୍ଦୁଝର ଜିଲ୍ଲାର ଯୋଡ଼ା, ଚମ୍ପୁଆ ଓ ଝୁମ୍ପୁରା ବ୍ଲକ୍ ତଥା ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଅନ୍ତର୍ଗତ ପଶ୍ଚିମ ସିଂହଭୂମ ଜିଲ୍ଲାର ରୋଗୀମାନେ ଉତ୍ତମ ଚିକିତ୍ସା ପାଇବା ଆଶା ନେଇ ନିର୍ଭରଶୀଳ କରିଥାନ୍ତି । କିନ୍ତୁ ଦୁଃଖର ବିଷୟ, ଉପଖଣ୍ଡ ଚିକିତ୍ସାଳୟରେ ରହିଥିବା ଅବ୍ୟବସ୍ଥା ତଥା ବିଭିନ୍ନ ସମସ୍ୟା ଗୁଡ଼ିକ ପାଇଁ ଅନେକ ସମୟରେ ଚିକିତ୍ସା ପାଇଁ ଆସୁଥିବା ରୋଗୀ ମାନେ ହଇରାଣ ଓ ଶୋଷଣର ଶୀକାର ହେଉଥିବାର ନଜିର ରହିଛି। ଧୂଳି ଧୂଆଁ ଭରା ଖଣି ବହୁଳ କେନ୍ଦୁଝର ଜିଲ୍ଲାରେ ଦୃଷ୍ଟିଶକ୍ତି ଅବା ଚର୍ମରୋଗ ଜନିତ ସମସ୍ୟା ଏକ ପ୍ରକାରର ସ୍ୱାଭାବିକ ବୋଲି ମନେ ହେଉଥିଲେ ସୁଦ୍ଧା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଚକ୍ଷୁ ଓ ଚର୍ମତତ୍ତ୍ୱ ବିଶେଷଜ୍ଞଙ୍କ ଅଭାବ ସଙ୍ଗେସଙ୍ଗେ ଅନ୍ୟାନ୍ୟ ବିଭାଗରେ ମଧ ଡାକ୍ତର ପଦବୀ ଖାଲି ପଡ଼ିଛି । ଚିକିତ୍ସାଳୟ ପରିସରରେ ଡାକ୍ତର ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ରହିବାର ସୁବିଧା ନଥିବାରୁ ରାତ୍ର ସମୟରେ ଦୁର୍ଘଟଣା ଜନିତ ଘଟଣାରେ ଚିକିତ୍ସା ପାଇଁ ଆସୁଥିବା ଗୁରୁତର ରୋଗୀମାନଙ୍କୁ ସିଧାସଳଖ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଉଥିବାରୁ ବେଳେବେଳେ ସଠିକ୍ ସମୟରେ ଉତ୍ତମ ଚିକିତ୍ସା ନପାଇ ରୋଗୀ ମୃତ୍ୟୁ ମୁଖରେ ପଡିବା ଭଳି ଘଟଣା ଦେଖିବାକୁ ମିଳୁଛି ।ଉତ୍ତମ ଚିକିତ୍ସା ପାଇବା ଆଶା ନେଇ ଆସୁଥିବା ରୋଗୀମାନଙ୍କୁ ଚିକିତ୍ସାଳୟରେ ହିଁ ବିନା କୌଣସି ଅର୍ଥରେ ସମସ୍ତ ଔଷଧ ଯୋଗାଇ ଦିଆଯିବାର ପ୍ରାବଧାନ ରହିଥିଲେ ସୁଦ୍ଧା ବିଭିନ୍ନ ସମୟରେ ଡାକ୍ତର ମାନେ ନିଜସ୍ୱ ଲାଭ ପାଇଁ ବାହାରୁ ଔଷଧ ନେବା ସକାଶେ ରୋଗୀମାନଙ୍କୁ ପ୍ରବର୍ତ୍ତାଉ ଥିବାର ଦେଖିବାକୁ ମିଳୁଛି । ଯଦ୍ୱାରା ରୋଗୀମାନେ ଶୋଷଣର ଶିକାର ହେଉଛନ୍ତି । ରୋଗୀମାନଙ୍କ ସକାଶେ ରହିଥିବା ପାଇଖାନା ଗୁଡିକ ବର୍ତ୍ତମାନ ସୁଦ୍ଧା ଅପରିଷ୍କାର, ଅପରିଚ୍ଛନ୍ନ ହୋଇ ପଡି ରହିଛି । ତେଣୁ ପାଇଖାନା ଗୁଡିକୁ ନିୟମିତ ଭାବେ ପରିଷ୍କାର, ପରିଚ୍ଛନ୍ନ କରାଯିବାର ବ୍ୟବସ୍ଥା କରାଯିବା ସହିତ ଚିକିତ୍ସାଳୟ ପରିସରରେ ସିଟି ସ୍କାନର ବ୍ୟବସ୍ଥା କରାଯିବା ଭଳି ପାଂଚ ଦଫା ଦାବୀ ନେଇ ଆଜି ଉପଦେଷ୍ଟା ପ୍ରମୋଦ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ମାନବପ୍ରେମୀ ସେବାଟ୍ରଷ୍ଟ ଜରିଆରେ ଉପଜିଲ୍ଲାପାଳ ଚମ୍ପୁଆ, ଏସଡିଏମଓ ଚମ୍ପୁଆ ଓ ସିଡିଏମଓ କେନ୍ଦୁଝରଙ୍କୁ ଲିଖିତ ଆକାରରେ ଅଭିଯୋଗ କରାଯାଇଛି ।

## ଚଉଦକୁଲାଟ ଫାଣ୍ଡିକୁ ଥାନା କରିବାକୁ ଦାବି

କେନ୍ଦ୍ରାପଡ଼ା, ୦୭/୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚଉଦକୁଲାଟ ଠାରେ ଥିବା ଫାଣ୍ଡିକୁ ଥାନା ଏବଂ ଏକ ସବ୍ ରେଜିଷ୍ଟାର ଅଫିସ କରିବା ପାଇଁ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଧିନସ୍ଥ ଚନନ୍ଦପୁର ପଂଚାୟତ ଓ ଆଖପାଖ ପଂଚାୟତର ବାସିନ୍ଦା ଓ କୃଷକ ସଂଘ, ଦଧିବାମନଜୀଉ ସୋସାଇଟି ର ବାସିନ୍ଦା ମାନେ ଦାବି କରିଛନ୍ତି । ଚଉଦକୁଲାଟ ବାଟ ଦେଇ ପ୍ରାୟ ୧୫ ଖଣ୍ଡ ପଂଚାୟତର ଗ୍ରାମାବସୀ ମାନେ ଯାତାୟତ କରିଥାନ୍ତି । ଚଉଦକୁଲାଟକୁ ପ୍ରାୟ ଦୈନିକ ୮ ଖଣ୍ଡ ବସ ଯାତାୟତ କରେ । କେନ୍ଦ୍ରାପଡା ବ୍ଲକ ଅଧିନସ୍ଥ ଚନ୍ଦନପୁର, କେଶପୁର, ସାନମାଣତିଆ, ଗାଙ୍ଗପଡା, ପଳସିଂହା, ଘାଗରା, ବାରୋ, ଚାରିଗାଁ ଗ୍ରାମ ପଂଚାୟତ ଏବଂ ପଟ୍ଟାମୁଣ୍ଡାଇ ବ୍ଲକ ଅଧିନସ୍ଥ ପେଣ୍ଠପାଳ, ତରଡିପାଳ, ଅଳପୁଆ, ବଲୁରିଆ, ଅମୃତ ମଣୋହୀ, ଅଣ୍ଡରା ଗ୍ରାମ ପଂଚାୟତ ଓ ଦାଣ୍ଡିସାହି, ନଡିଆଡିଆର ଲୋକମାନେ ବସ, ବାଇକ ଓ ଚାରି ଚକିଆ ଯାନ ମାଧମରେ ଯାତାୟତ କରିଥାନ୍ତି । ଏବଂ ବିଭିନ୍ନ କାମ ପାଇଁ ଚଉଦକୁଲାଟ ଫାଣ୍ଡିକୁ ଆସିଥାନ୍ତି । ଗଗୁଆ ଛକ ଠାରୁ ଚଉଦକୁଲାଟ ପର୍ଯ୍ୟନ୍ତ ରାସ୍ତାଟି ସଂପୂର୍ଣ୍ଣ ଅନ୍ଧାର ଥିବାରୁ ଏହାକୁ ଆଲୋକୀକରଣ କରିବା ପାଇଁ ସଂଘ ତରଫରୁ ଦାବି କରାଯାଇଛି । ଏହି ରାସ୍ତାଟି ଅତି ନିଛାଟିଆ ଓ ଅନ୍ଧାର ଥିବାରୁ ପଂଚାୟତ ବାସୀମାନେ ଯାତାୟତରେ ଅସୁବିଧା ଭୋଗୁଛନ୍ତି । ଚଉଦକୁଲାଟ ଫାଣ୍ଡିକୁ ଥାନା ଓ ସେଠାରେ ଏକ ସବ୍ ରେଜିଷ୍ଟାର ଅଫିସ ଖୋଲିବା ପାଇଁ ୧୫ଟି ପଂଚାୟତର ବାସିନ୍ଦା ମାନେ ଦାବି କରିଛନ୍ତି । ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ଆଇନଜୀବୀ ରାଜେନ୍ଦ୍ର କୁମାର ସାହୁ, ନଇମ ଖାନ, ଶୁକଦେବ ନାଥଶର୍ମା, ପ୍ରେମେଶ ସେଠୀ, ମହମ୍ମାଦ ମଞ୍ଜୁର ରହେମତ, ସେକ ନିଶାର, ମହମ୍ମଦ ଇଶାକ, ଖଗେଶ୍ୱର ମଲିକ, ସାଗର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ସୁବର୍ଣ୍ଣପୁର ସବ୍ ଜେଲର ସଂସ୍କାର ପାଇଁ ସବ୍ ଜେଲରଙ୍କ ଅଭିନବ ଉଦ୍ୟମ : ଆଧ୍ୟାତ୍ମିକ ପରିବେଶ ସୃଷ୍ଟି

ସୁବର୍ଣ୍ଣପୁର, ୦୭/୧୧ (ନି.ପ୍ର): ସୁବର୍ଣ୍ଣପୁର ସ୍ଥିତ ପୁରୁଣା ଜ଼ିଲ୍ଲାପାଳ ଅଫିସ ସମ୍ମୁଖରେ ଥିବା ଉପ କାରାଗାର ରେ ସବ ଜେଲର ଡିଲେଶ୍ୱର ଜେନା ଓ ଧର୍ମ ପତ୍ନୀ ନିଳୀମା ସ୍ୱାଇଁ ଙ୍କ ପୌରହିତ୍ୟ ରେ ଏବଂ ମହନ୍ତ ଶ୍ରୀ ଶ୍ରୀ ସୁରେନ୍ଦ୍ର ଗିରି (ହନୁମାନ ବାବା) ଙ୍କ ତତ୍ତ୍ୱାବଧାନ ରେ ଏକ ନୂତନ ହନୁମାନ ମନ୍ଦିର ଓ ଶ୍ରୀ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହ ରେ ପାଳିତ ହୋଇଯାଇଛି । ପ୍ରତ୍ୟହ ପରାୟଣ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ ପ୍ରବଚକ ରମେଶ ପୁରୋହିତ, ଜଳନ୍ଧର ସାହୁ, ଲକ୍ଷ୍ମଣ ଦାଶ ମହାରାଜ ସୁନ୍ଦରଭାବେ ଭଜନ ସଂଗୀତ ମାଧମ ରେ ପ୍ରବଚନ ଦେଇଥିଲେ । ମାରୁତି ନନ୍ଦନ ପୂଜକ ଖଗେଶ୍ୱର ମିଶ୍ର, ମାନସ ଆଚାର୍ଯ୍ୟ, ନାରାୟଣ ମିଶ୍ର, ସୌରଭ ପାଣିଗ୍ରାହୀ, ଅକ୍ଷୟ ପାଣିଗ୍ରାହୀ, ନିଷ୍ଠା ର ସହିତ ପ୍ରତିଷ୍ଠା କାର୍ଯ୍ୟରେ ସହଯୋଗ କରିଥିଲେ । ପବନ ସୂତ ନିଜର ଅପୂର୍ବ ଶକ୍ତି ଦ୍ୱାରା ଅନେକ ଅସାଧ କାର୍ଯ୍ୟକୁ ସାଧ କରି ପାରନ୍ତି ବୋଲି ପୁରାଣ କଥା ରୁ ଲୋକ ଙ୍କ ଦୃଢ଼ ବିଶ୍ୱାସ ରହିଛି । ସେ ସୌଭାଗ୍ୟ ବଶତଃ ହେଉ ବା ଦୁର୍ଭାଗ୍ୟ ବଶତଃ କୌଣସି କାରଣ ବା ଘଟଣା କୁ ନେଇ ବିଚାର ଧୀନ କଏଦୀ ଭାବେ ଏଠି ଜୀବନ ବିତାଉ ଥିବା ଏହି ଉପ କାରାଗାର ର କଏଦୀ ମାନଙ୍କ ଜୀବନ ଶୈଳୀ ଓ ବ୍ୟବହାର ରେ ପରିବର୍ତ୍ତନ ଓ ଆଧ୍ୟାତ୍ମିକ ଚିନ୍ତନ ର ବିକାଶ ପାଇଁ ଏବଂ କଏଦୀ ମାନଙ୍କ ମଧ ରେ ସଂସ୍କାର ଆଣିବା ସହିତ ସମାଜ ର ମୁଖ୍ୟ ସ୍ରୋତ କୁ ତାଙ୍କୁ ଫେରାଇ ଆଣିବା ଉଦ୍ଦେଶ୍ୟ ରେ ଏଭଳି ଏକ ଉତ୍ସବ ପାଳନ କରିବା ପାଇଁ ବଲାଡି ମଠ ର ମହନ୍ତ ଶ୍ରୀ ହନୁମାନ ବାବା ମହାରାଜ ଙ୍କ ପରାମର୍ଶ ଥିଲା କ୍ଷ ଯାହାକି ମହନ୍ତ ଶ୍ରୀ ହନୁମାନ ବାବା ଙ୍କ ଏହି ପ୍ରସ୍ତାବ କୁ ସମର୍ଥନ ଜଣାଇ ସବ ଜେଲର ଶ୍ରୀ ଜେନା ଙ୍କ ନେତୃତ୍ୱ ରେ ସବ ଜେଲର ଖିରୋଦ ଦାଶ ଓ ସମସ୍ତ କର୍ମଚାରୀ ଙ୍କ ସମେତ ରିଜର୍ଭ ପୋଲିସ ମନୋଜ ପଣ୍ଡା, ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ, କୃଷକ ନେତା ବୈକୁଣ୍ଠ ଶତପଥୀ ଏହି ତିନି ଦିନିଆଁ ଉତ୍ସବ ରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ମହାବୀର ମନ୍ଦିର ପୂଜା କମିଟି ପକ୍ଷରୁ ଆୟୋଜିତ ଏ ଉତ୍ସବ ରେ କଳସ ଯାତ୍ରା, ଚକ୍ଷୁ ଦାନ, ପ୍ରାଣ ପ୍ରତିଷ୍ଠା, ନ୍ୟାସ ହନୁମାନଙ୍କ ସହସ୍ର ନାମ, ଦେବତା ମାନଙ୍କ ରତ୍ନ ସିଂହାସନ ଆରୋହଣ, ଗୀତକ୍ଷ ହୋମ ପୂର୍ଣ୍ଣାହୁତି ସମେତ ମହନ୍ତ ଶ୍ରୀ ହନୁମାନ ବାବାଙ୍କୁ ଭକ୍ତ ଙ୍କ ଦର୍ଶନ ଓ ତାଙ୍କ ଉପସ୍ଥିତି ସମେତ ଶେଷ ସମୟ ର ଝୁଲ ରେ ହାତୀ ଝୁଲ ସଂଗୀତ ର ତାଳେ ତାଳେ ନାଚୁଥିବା ଆୟୋଜକ ଓ କଲୋନୀ ର ସମସ୍ତ ମହିଳା ପୁରୁଷଙ୍କ ନାଚଗୀତ ଖୁବ ଆକର୍ଷଣୀୟ ଥିଲା । ଯାହାକି ହଜାର ଭକ୍ତ ଙ୍କ ମନ କୁ ଛୁଇଁ ପାରିଥିଲା ଏବଂ ସହରେ ରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା ।

## କନ୍ଧମାଳର ତିନି ଜଣ ବିଶିଷ୍ଟ ସାହିତ୍ୟିକ ପାଇଲେ ବିଶ୍ୱନୟନ ସମ୍ମାନ

କନ୍ଧମାଳ, ୦୭/୧୧ (ନି.ପ୍ର): ଓଡ଼ିଶାର ଆଧ୍ୟାତ୍ମିକ ତଥା ସାମାଜିକ ସଂଗଠନ ଶ୍ରୀ ବିଶ୍ୱନୟନ ଐଶ୍ୱରୀୟ ଟ୍ରଷ୍ଟ, ପୁରୀ ତରଫରୁ ଏବଂ ବିଶ୍ୱନୟନ ଓ ବିଶ୍ୱେଶ୍ୱରୀ ସାହିତ୍ୟ ପତ୍ରିକା ସୌଜନ୍ୟରେ ରାଜ୍ୟ ସ୍ତରୀୟ କବି ଲେଖକ ସମାବେଶ ଏବଂ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କନ୍ଧମାଳର ବରିଷ୍ଠ ସାହିତ୍ୟିକ ମାନେ ସମ୍ବର୍ଦ୍ଧିତ ହୋଇଥିଲେ । କନ୍ଧମାଳର ବରିଷ୍ଠ ସାହିତ୍ୟିକ ତଥା ସମାଜସେବୀ ଡ଼ଃ ନୃସିଂହାନନ୍ଦ ମହାପାତ୍ରଙ୍କୁ କବିରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା ବେଳେ ଶିଶୁ ସାହିତ୍ୟିକ, ସଂଗଠକ, ଶିକ୍ଷାବିତ ତଥା ମଂଚ ସଂଚାଳକ କୈଳାଶ ଚନ୍ଦ୍ର ଧଳଙ୍କୁ ବିଶ୍ୱନୟନ ଶିଶୁ ସମ୍ମାନ, ରାଇକିଆ ଅଂଚଳର କବି ଓ ଶିକ୍ଷାବିତ ଶୀତୁ ପ୍ରକାଶ ରଥ ଙ୍କୁ ବିଶ୍ୱନାୟନ କବି ସମ୍ମାନ ଏବଂ ଅଧ୍ୟାପକ ହରପ୍ରିୟା ମିଶ୍ରଙ୍କୁ ବିଶେଶ୍ୱରୀ ସମ୍ମାନ ପ୍ରଦାନ କରାଯାଇଥିଲା । କନ୍ଧମାଳ ଜିଲ୍ଲାର ଏହି ପ୍ରତିଭୁ ମାନେ ପୁରୀର ସାହିତ୍ୟ ମଂଚରେ ସମ୍ମାନିତ ହେବା ଜିଲ୍ଲା ପାଇଁ ଗର୍ବର କଥା । ଏହି ସଭାରେ ଓଡିଶାର ବିଭିନ୍ନ ସ୍ଥାନରୁ ବହୁ ସାହିତ୍ୟିକ, ସାହିତ୍ୟିକା ଉପସ୍ଥିତ ରହିଥିଲେ । ବାବା ସତ୍ୟାନନ୍ଦ ଦାସ ମହାରାଜ ଉଦଘାଟକ ଭାବେ ଯୋଗ ଦେଇଥିଲା ବେଳେ ଚକ୍ରଧର ମହାପାତ୍ର , ଡାକ୍ତର ବଲ୍ଲଭ କୁମାର ଜୟସିଂହ, ସାଧନା ପାତ୍ରୀ, ମୋହନ ମହାରଣା ପ୍ରଭୃତି ଯୋଗଦେଇଥିଲା ବେଳେ ଡାକ୍ତର ସୌମ୍ୟକାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ । ସମ୍ପାଦିକା ତୃପ୍ତି ପଣ୍ଡା ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ମୁଖପାତ୍ର ବିଶ୍ୱନୟନ ଉନ୍ମୋଚିତ ହୋଇଥିଲା ବେଳେ ଡ଼ଃ ନୃସିଂହାନନ୍ଦ ମହାପାତ୍ରଙ୍କ ପୁସ୍ତକ ମା ବୈଷ୍ଣବଦେବି ଉନ୍ମୋଚନ କରାଯାଇଥିଲା । ଲେଖକ ସାମ୍ମୁଖ୍ୟ ଫୁଲବାଣୀର ଏ ସମସ୍ତ ସଦସ୍ୟମାନଙ୍କର ସମର୍ଦ୍ଧନା ପାଇଁ ସଭାପତି ରବୀନ୍ଦ୍ର ନାଥ ମିଶ୍ର ଓ ସମ୍ପାଦକ ବନବିହାରୀ ନନ୍ଦ ସହ ବହୁ ସାହିତ୍ୟିକମାନେ ଶୁଭେଚ୍ଛା ଜଣାଇଛନ୍ତି । ପ୍ରେସ କ୍ଲବ ସଭାପତି ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଓ ଆଇନଜିବୀ ତଥା ସାମ୍ବାଦିକ ଆଦିତ୍ୟ ପ୍ରସାଦ ତ୍ରିପାଠୀ ମଧ୍ୟ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ।

# ମହାସାଧାନ ଶିବିର ଅନୁଷ୍ଠିତ

ଝାରସୁଗୁଡ଼ା, ୦୭/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଆଜି ଅନୁଷ୍ଠିତ ମହାସମାଧାନ ଶିବିରରେ ୩୫ଗୋଟି ଅଭିଯୋଗ ଶୁଣାଣି ହୋଇଛି । ଏଥି ମଧ୍ୟରୁ ୭ଟି ସାମୁହିକ ଓ ୨୮ଟି ବ୍ୟକ୍ତିଗତ । ବବୁଆ ବଗିଚା(ଗ୍ୟାଲେକ୍ସି କଲୋନୀ) ଅଂଚଳରେ ନାଳ ଅବରୋଧ, ସଦର ମହକୁମାସ୍ଥିତ ରାସ୍ତା ଓ ଗୃହ ବିଭାଗ କାର ?ୟାଳୟ ସମ୍ମୁଖରେ ଭେଣ୍ଡିଂ ଜୋନ ପାଇଁ ଅନୁମତି, ପ୍ଲାଷ୍ଟିକ ବ୍ୟବହାର ଜନିତ ପ୍ରଦୂଷଣ ରୋକିବା ପାଇଁ ଏକାତାଳି ଗ୍ରାମ ଅଧିବାସୀଙ୍କ ଦ୍ୱାରା ଆଗତ ଅଭିଯୋଗ , ଚାଉଳ ସଂଗ୍ରହ କେନ୍ଦ୍ରରେ ହେଉଥିବା ଅନିୟମିତତା ଆଦି ୭ଟି ସାମୁହିକ ଅଭିଯୋଗର ଶୁଣାଣି କରାଯାଇଥିଲା । ସେହିପରି ମଧୁବାବୁ ପେନସନ, ଚିକିତ୍ସା ବାବଦକୁ ଆର୍ଥିକ ସହାୟତା , ରାସ୍ତା ଅବରୋଧ, ବେଦାନ୍ତ ଅଧିଗ୍ରହଣ କରିଥିବା ଜମି ଫେରସ୍ତ, ଜମି ବିବାଦ ଓ ସୀମା ଚିହ୍ନଟ , ଅଲ୍ଟ୍ରାଟେକ ଓ ଏନ୍ ଏଲ୍ ସି ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜମି ବାବଦକୁ କ୍ଷତିପୂରଣ ସଂକ୍ରାନ୍ତୀୟ ୨୮ଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ଶିବିରରେ ଚିକିତ୍ସା ସହାୟତା ବାବଦକୁ ରେଡକ୍ରସ୍ ପାଣ୍ଠିରୁ ଦୁଇ ଜଣଙ୍କୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଛି । ଅଭିଯୋଗ ଗୁଡ଼ିକ ସମ୍ପର୍କରେ ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏ ଦିଗରେ ଯଥା ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଶ୍ରୀ ସାମଲ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗ ଶୁଣାଣି ଓ ସମାଧାନ ଦିଗରେ ଅଧିକାରୀମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ , ଡି ଏଫ୍ ଓ ଲଳିତ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ( ରାଜସ୍ୱ) ଲଙ୍କେଶ୍ୱର ଅମାତ,ଉପ ଜିଲ୍ଲାପାଳ ଦୟାମୟ ପାଢ଼ୀ,ପି ଡି (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲମ୍ବୋଦର ବୁଢ଼ା,ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ରାଧାରମଣ ବିର୍ତିଆ, ଡେପୁଟି କଲେକ୍ଟର ଗିତିକା ନାଏକ , ପ୍ରତିମା ପିଙ୍ଗ, ସହକାରୀ ଜିଲ୍ଲାପାଳ ମନ୍ମଥ ନନ୍ଦଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବଲାଙ୍ଗିରରେ ୬୦ ତମ ହୋମ୍ ଗାର୍ଡ ଦିବସ ପାଳିତ

ବଲାଙ୍ଗିର , ୦୭/୧୧ (ନି.ପ୍ର): ବଲାଙ୍ଗିର ମନୋହର ପୁର ପୁଲିସ ପଡିଆ ଠାରେ ୬୦ ତମ ହୋମଗାର୍ଡ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ପୋଲିସ ସୁପରିଟେଣ୍ଡେଣ୍ଟ ନୀତିନ୍ କୁଶଳ କର ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ । ଶ୍ରେଷ୍ଟ ହୋମ ଗାର୍ଡ ମାନଙ୍କୁ ପ୍ରସଂସା ପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ସେମାନେ କରୁଥିବା ପୋଲିସ ର କାର୍ଯ୍ୟ କୁ ଉଲ୍ଲେଖ କରିଥିଲେ ଏହି କାର୍ଯ୍ୟକ୍ରମରେ ନଗରର ଅନେକ ଦାୟିତ୍ୱବାନ ନାଗରିକ ଯୋଗାଇଥିଲେ ।

# ସିପିଆଇ ପକ୍ଷରୁ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ

ଜୟପୁର, ୦୭/୧୧ (ନି.ପ୍ର): ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଭାରତ ବର୍ଷର ମହାନ୍ ସମ୍ବିଧାନ ପ୍ରଣେତା ଦଳିତ ନିଷ୍ପେସିତ ଶ୍ରମିକ ମହିଳାମାନଙ୍କର ସ୍ୱର ବାବା ସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଜିର ଦିନରେ ୧୯୫୬ ମସିହାରେ ବାବା ସାହେବ ଙ୍କ ମୃତ୍ୟୁ ଘଟିଥିଲା । ତାଙ୍କରି ସ୍ମୃତିରେ ଫୋଟୋ ଚିତ୍ର ରେ ପୁଷ୍ପାଞ୍ଜଳି ପ୍ରଦାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାକୁ ସମ୍ବୋଧିତ କରି ଶ୍ରମିକ ନେତା ତଥା ରାଜ୍ୟ କମିଟି ସଭ୍ୟ ଶ୍ରୀ ପ୍ରମୋଦ କୁମାର ମହାନ୍ତି କହିଥିଲେ ଯେ ସାଧାରଣ ମଣିଷ ର ଅଧିକାର ପାଇଁ ସମ୍ବିଧାନ ରେ ଯାହା ଉଲ୍ଲେଖ ଅଛି ତାକୁ ଲୋକଙ୍କ ପାଖରେ ପହଂଚାଇବାକୁ ସମସ୍ତେ ଉଦ୍ୟମ କରିବା ସମୟର ଆହ୍ୱାନ । ସମ୍ବିଧାନ କ'ଣ ଜାଣିଲେ ହିଁ ସମ୍ବିଧାନକୁ ରକ୍ଷା କରିବା ପାଇଁ ଜନସାଧାରଣ ଙ୍କ ଭିତରୁ ଆନ୍ଦୋଳନ ର ଧାରା ଆସିବ । ସମ୍ବିଧାନ ର ମୌଳିକ ଭିତିଭୂମି ଉପରେ ମୋଦୀ ସରକାର ଶାସନକୁ ଆସିବା ପରଠାରୁ ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷ ରେ ହେଉ ଆକ୍ରମଣ ଚାଲିଛି । ବିବିଧତା ଭିତରେ ଏକତାର ଯେଉଁ ପରିଭାଷା ସମ୍ବିଧାନ ରେ ପ୍ରତିଫଳିତ ହୋଇଛି ତାକୁ ନଷ୍ଟ କରି ଏକକ ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ଉଦ୍ୟମ ଏ ଦେଶର ଐକ୍ୟ ଅଖଣ୍ଡତା ଓ ସଂହତି କୁ ନଷ୍ଟ କରିବ । ଏଣୁ ସମ୍ବିଧାନ ବଂଚାଅ ଆନ୍ଦୋଳନ ସହ ଦେଶରେ ଯେଉଁ ଭଳି ଭାବେ ଘୃଣା ବିଦ୍ୱେଷ ରାଜନିତୀ ବୃଦ୍ଧି ପାଇଛି ତା ବିରୁଦ୍ଧରେ ସଚେତନତା ସୃଷ୍ଟି କରିବାକୁ ହେବ । ଆଜିର ଦିନରେ ୧୯୯୨ ରେ ଆର୍ ଏସ୍ ଏସ୍ ନିର୍ଦ୍ଦେଶନାରେ ପରିଚାଳିତ ସାମ୍ପ୍ରଦାୟିକ ଶକ୍ତି ମାନେ ବାବ୍ରୀ ମସଜିଦ କୁ ସୁପ୍ରିମକୋର୍ଟ ରେ ସୁରକ୍ଷା ଦେବା ପାଇଁ ଶପଥ ପାଠ କରିବା ପରେ ମଧ ଭାଙ୍ଗି ଭାରତବର୍ଷ ର ବକ୍ଷରେ ଆଘାତ ଆଣିଥିଲେ । ସମ୍ବିଧାନ ରେ ପ୍ରଦତ୍ତ ଅଧିକାର ଯଥା ସମସ୍ତ ଙ୍କୁ ଶିକ୍ଷା, ନିଯୁକ୍ତି , ଦରଦାମ୍ ବୃଦ୍ଧି ବିରୁଦ୍ଧରେ, ଶ୍ରମ ଆଇନ ସଂଶୋଧନ, ରାଷ୍ଟ୍ରୀୟ ସମ୍ପଦ ବିକ୍ରି ବିରୁଦ୍ଧରେ ନିରନ୍ତର ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ପୁରୁଷୋତମପୁର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ

ଗଂଜାମ, ୦୭/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ଶିକ୍ଷା ବିଭାଗ ତରଫରୁ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ । ଏହା ସହିତ ତହସିଲଦାର ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଡ଼ିଓ ବିଜୟ କୁମାର ବେହେରା, ସମ୍ମାନିତ ଅତିଥି ଶ୍ରୀମତି ପ୍ରିୟଙ୍କା ଗୌଡ଼ ଯୋଗଦେଇ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ମଂଚାସିନ ଅତିଥି ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ଏହି ବିଜ୍ଞାନ ପ୍ରଦର୍ଶନୀ ମେଳାରେ ବ୍ଲକର ବିଭିନ୍ନ ସ୍କୁଲ ଛାତ୍ର ଛାତ୍ରୀ ମାନେ ବିଜ୍ଞାନ କଳାକୁ ନିଜ ହାତରେ ନିର୍ମାଣ କରି ପ୍ରଦର୍ଶନ କରିଥିବାରୁ ଛାତ୍ର ଛାତ୍ରୀଙ୍କୁ ଆର୍ଶୀବାଦ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀଙ୍କ ଉତରତୋର ଉନ୍ନତି ହୋଉ ବୋଲି ଭଗବାନ ସେମାନଙ୍କ ଉପରେ କୃପା କରନ୍ତୁ ବୋଲି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ଲକ ଅଧିକାରୀ ସିତାରାମ ପଣ୍ଡା, ବିଆରସିସି ବୀର ବେହେରା, ପ୍ରଧାନଶିକ୍ଷକ ଯୁଧିଷ୍ଠିର ସାହୁ, ସମସ୍ତ ସିଆରସିସି ରବି ବେହେରା, କିଶୋର ପଣ୍ଡା ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## କେନ୍ଦୁଝରରେ ବାବାସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ୬୬ ତମ ମହାପରିନିର୍ବାଣ ଦିବସ ପାଳନ

କେନ୍ଦୁଝର , ୦୭/୧୧ (ନି.ପ୍ର): ସମ୍ବିଧାନ ପ୍ରଣେତା ଭାରତରତ୍ନ ଡଃ ଭୀମରାଓ ଆମ୍ବେଦକରଂକ ୬୬ ତମ ମହାପରିନିର୍ବାଣ ( ଶ୍ରାଦ୍ଧ) ଦିବସ ଜିଲା ବିଜେଡି ତରଫରୁ ପାଳନ କରାଯାଇଥିଲା । ସକାଳ ୯ଟା ରେ ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାରଂକ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକର୍ମରେ ବରିଷ୍ଠ ବିଜେଡି ନେତା ଜିଲାପରିଷଦ ସଦସ୍ୟ ଆଶୀଷ ଚକ୍ରବର୍ତୀ, ଜିଲା ଏସ୍ ସି ସେଲ ସଭାପତି ଭରତ ଚନ୍ଦ୍ର ପାତ୍ର, ପୌରପାଳିକା ଉପନଗରପାଳ ବରଦା ପ୍ରସନ୍ନ ଦାସ,ବରିଷ୍ଠ ମହିଳା ବିଜେଡି ନେତ୍ରୀ, ମୀନା ମାଝୀ,ଏସ୍ ସି ସେଲ୍ ନଗର ସଭାପତି ସୁବାସ ଜେନା , ପ୍ରତିମୂର୍ତ୍ତୀ ରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ । ଏତଦ୍ ବ୍ୟତିତ, କେନ୍ଦୁଝର ପାତ୍ରତନ୍ତୀ କଲ୍ୟାଣ ସମିତି ତରଫରୁ ଜିଲା ସାଧାରଣ ସଂପାଦକ ଶରତ ଚନ୍ଦ୍ର ପାତ୍ର, ଉପସଭାପତି ମାଗୁଣି ଚରଣ ପାତ୍ର ,ବରିଷ୍ଠ ସଦସ୍ୟ ଗୋକୁଳ ପାତ୍ର,ପ୍ରେମାନଂଦ ପାତ୍ର ମାଲ୍ୟାର୍ପଣ କରି ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ । ରୋଟାରୀ କ୍ଲବ କେନ୍ଦୁଝର ଗ୍ରୀନ ର ସଭାପତି ରୋଟାରିଆନ୍ ସୁଧାଂଶୁ ଶେଖର ପଟ୍ଟନାୟକ ମଧ ପ୍ରତିମୂର୍ତୀ ରେ ମାଲ୍ୟାର୍ପଣ କରି ଥିଲେ ।

## ଶିକ୍ଷକଙ୍କଠାରୁ ସାଇବର ଠକ ଲୁଟିନେଲେ ୨ ଲକ୍ଷ ୮୪ ହଜାର ଟଙ୍କା

ମାଲକାନଗିରି, ୦୭/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମପିଭି-୩୧ ଗ୍ରାମର ସମୀର କୁମାର ଗୋପ ସାଇବର ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି । ଏନେଇ ଥାନାରେ ସେ ଏତଲା ଦେବା ପରେ ସାଇବର ସେଲ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଘଟଣା ଅନୁଯାୟୀ, ସମୀର କାଲିମେଳା ଷ୍ଟେଟବ୍ୟାଙ୍କକୁ ଯାଇଥିବାବେଳେ ସେଠାରେ ତାଙ୍କୁ କ୍ରେଡିଟ କାର୍ଡ କରିବା ପାଇଁ କୁହାଯାଇଥିଲା । ସେଥିପାଇଁ ତାଙ୍କୁ ସମସ୍ତ ଡକୁମେଂଟ ଦେବାକୁ କୁହାଯାଇଥିଲା । ସେ ବ୍ୟାଙ୍କରୁ ଫେରିବା ପରେ ଏନେଇ ଚିନ୍ତା କରୁଥିଲେ । ତେବେ ହଠାତ୍ ଦିନେ ତାଙ୍କ ମୋବାଇଲକୁ ଏକ ଲିଙ୍କ ଆସିଥିଲା । ସେହି ଲିଙ୍କରେ ତୁମର ୟୁନୋ ବ୍ୟାଙ୍କ କାମ କରୁନଥିବା ଦର୍ଶାଇ ତୁରନ୍ତ ଚାଲୁ କରିବାକୁ କୁହାଯାଇଥିଲା । ସମୀର ୟୁନୋ ବନ୍ଦ ପଡିଥିବାରୁ ହୁଏତ ଚାଲୁ କଲେ କ୍ରେଡିଟ କାର୍ଡ ମିଳିବ ଭାବି ଲିଙ୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ । କିଛି ସମୟ ପରେ ବ୍ୟାଙ୍କ ରୁ କହୁଛି କହି ଏକ ଫୋନ ଆସିଥିଲା । ମୋତେ ତୁମର ଓଟିପି ନମ୍ବର ଦିଅ ନାହିଁ । ତେବେ ତୁମର ସମସ୍ତ କାମ ମୁଁ କରିଦେଉଛି କହି ସେ ଏନିଡେସ୍କ ଡାଉନଲୋଡ କରିବାକୁ କହିଥିଲା । ସମୀର ଏନିଡେସ୍କ ଡାଉନଲୋଡ କରୁ କରୁ କିଛି ମିନିଟ ଭିତରେ ପ୍ରଥମେ ଆକାଉଣ୍ଟରୁ ୨ ଲକ୍ଷ ଟଙ୍କା ଚାଲିଯାଇଥିଲା । ସମୀର କିଛି ଭାବୁ ଭାବୁ ପୁଣି ୬୦ ହଜାର ଟଙ୍କା ଗାଏବ ହୋଇଯାଇଥିଲା । ଆଉ ଥରେ ୨୪, ୯୯୦ ଟଙ୍କା ତାଙ୍କ ଆକାଉଂଟରୁ କଟି ଚାଲିଗଲା । ସମୀର ସେହି ବ୍ୟକ୍ତିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରୁଥିବା ବେଳେ ସେ ଆଉ ଫୋନ ଉଠାଇନଥିଲା । ସେ ଷ୍ଟେଟ ବ୍ୟାଙ୍କ ଯାଇ ଏସବୁ ବିଷୟରେ କହିବା ପରେ ବ୍ୟାଙ୍କ କର୍ମଚାରୀ ସାଇବର ଥାନାରେ କେସ ରୁଜୁ କରିବାକୁ କହିଥିଲେ । ସମୀର ନିଜର ଝିଅ ବାହାଘର ପାଇଁ ଟଙ୍କା ଯୋଗାଡ କରି ରଖିଥିଲେ । ତେବେ ଏତେ ଟଙ୍କା ସାଇବର ଠକ ଲୁଟି ନେଇଥିବାରୁ ସେ ଏବେ ଚିନ୍ତାରେ ପଡିଛନ୍ତି । କଣ କରିବେ କିଛି ବୁଝିପାରୁନାହାନ୍ତି ।

## ଫ୍ରାଏଡ୍ ମୋମୋଜ୍



**ଆବଶ୍ୟକ ସାମଗ୍ରୀ:**
ମଇଦା, ବନ୍ଧା କୋବି, ଗାଜର, କ୍ୟାପ୍ସିକମ୍, ଧନିଆ ପତ୍ର, ତେଲ, କଞ୍ଚା ଲଙ୍କା, ଅଦା, ଲୁଣ, ଦହି, ବେସନ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ବଟର।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଏକ ପାତ୍ରରେ ମଇଦାରେ ଅଳ୍ପ ତେଲ ଓ ପାଣି ମିଶାଇ ଭଲକରି ଦଳି ଦିଅନ୍ତୁ। ନରମ ହେବା ଲାଗି ଏହାକୁ ୨୦ ରୁ ୨୫ ମିନିଟ୍ ଓଦା କପଡ଼ାରେ ଘୋଡ଼ାଇ ରଖନ୍ତୁ। ଏବେ ବନ୍ଧା କୋବି, ଗାଜର, କ୍ୟାପ୍ସିକମ୍, ଅଦା ଓ ଧନିଆ ପତ୍ରକୁ ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ। ଲୁଣ ଓ କଟା କଞ୍ଚା ଲଙ୍କାକୁ ଏହି ପରିବାରେ ମିଶାନ୍ତୁ।

ଏହାପରେ ଚକଟା ହୋଇ ରଖା ଯାଇଥିବା ମଇଦାରେ ଛୋଟ ଛୋଟ ଗୁଳା ତିଆରି କରି ବେଲନ୍ତୁ ଓ ପରିବାକୁ ଏହା ଭିତରେ ପୂର ଭଳି ଦିଅନ୍ତୁ। ଏହାକୁ ନିଜ ମନ ପସନ୍ଦର ଆକୃତି ଦେଇ ଚାରିପଟୁ ବନ୍ଦ କରି ଦିଅନ୍ତୁ।

ଏବେ ଆଉ ଏକ ପାତ୍ରରେ ଦହି ଓ ବେସନର ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳରେ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଓ ଲହୁଣୀ ପକାଇ ଭଲ ଭାବେ ଗୋଳାନ୍ତୁ। ଏହାପରେ ମୋମୋ ଗୁଡ଼ିକୁ ଏହି ଘୋଳରେ ବୁଡ଼ାନ୍ତୁ ଓ କଡ଼େଇରେ ତେଲ ଗରମ କରି ଛାଣନ୍ତୁ। ଗୋଲଡେନ ବ୍ରାଉନ୍ ହେବା ଯାଏ ମୋମୋଗୁଡ଼ିକୁ ତେଲରେ ରଖନ୍ତୁ। ତା'ପରେ ଛାଣନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚଟପଟା ଫ୍ରାଏଡ୍ ମୋମୋଜ୍। ଏହାକୁ ଲଙ୍କା ଚଟଣୀ ଓ ମେଓନିଜ୍ ସହିତ ଗରମ ଗରମ ପରଷନ୍ତୁ।



# କେଶ ଝଡ଼ିବା କମ୍ କରେ ପେଜ

ଭାତ ଗାଳି ସାରିବା ପରେ ଏହାର ପେଜକୁ ଅଦରକାରୀ ଭାବି ଆମେ ଫିଙ୍ଗି ଦେଇଥାଉ। ଏହାକୁ ନଫିଙ୍ଗି ଘରୋଇ ଉପଚାର ଭାବରେ ଆପଣ ବ୍ୟବହାର କରିପାରିବେ। ତ୍ୱଚା ଓ କେଶକୁ ସୁନ୍ଦର କରିବା ପାଇଁ ପେଜକୁ ବ୍ୟବହାର କରାଯାଇଥାଏ। ଚାଉଳ ପାଣି ବା ପେଜ ଆପଣଙ୍କ ତ୍ୱଚାକୁ ଟାଇଟ୍ କରି କେଶକୁ ସୁସ୍ଥ ରଖିଥାଏ। କେବଳ ଏତିକି ନୁହେଁ, ପେଜ ଆପଣଙ୍କ ଶରୀରରେ ବ୍ଲଡ୍ ସର୍କୁଲେସନକୁ ବୃଦ୍ଧି କରିଥାଏ।



- ଗୋଟିଏ ଗ୍ଲାସ୍ ପେଜରେ କିଛି ବୁନ୍ଦା ଗୋଲାପ ଜଳ, ଲାଭେଣ୍ଡର ଓ ଏସେନସିଆଲ୍ ଅଏଲ୍ ମିଶାନ୍ତୁ।
- ଏହାପରେ କେଶରେ ଶାମ୍ପୁ ଲଗାଇ ପେଜ ପାଣିରେ ଧୁଅନ୍ତୁ। କେଶରେ ଏହି ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ।
- କେଶରେ ପେଜ ପାଣି ଲଗାଇ ଭଲ ଭାବରେ ମାଲିସ କରନ୍ତୁ।
- ଏହାପରେ କେଶକୁ ଧୋଇ ଦିଅନ୍ତୁ। ଏହିପରି ସପ୍ତାହକୁ ଥରେ କେଶରେ ପେଜ ପାଣି ଲଗାନ୍ତୁ। ଦେଖିବେ କେଶ ଝଡ଼ିବା କମ୍ ହୋଇଯିବ।

# ଘର ସଫା କରିବା ପାଇଁ ଆପଣାନ୍ତୁ ୪ଟି ସହଜ ଟିପ୍ସ

ସମସ୍ତେ ନିଜ ଘରକୁ ସଫାସୁତୁରା ରଖିବାକୁ ଚାହିଁଥା'ନ୍ତି। କିନ୍ତୁ ବ୍ୟସ୍ତବହୁଳ ଜୀବନରେ ସମୟ ବାହାର କରିବା କଷ୍ଟକର ହୋଇପଡ଼େ। ଏଣୁ ଅଧିକାଂଶ ଲୋକ ସପ୍ତାହକୁ ଥରେ ଘର ସଫା କରିଥା'ନ୍ତି। ତେବେ ଆଜି ଆମେ ଆପଣଙ୍କୁ ଘର ସଫା କରିବା ପାଇଁ କିଛି ସହଜ ଉପାୟ ବତାଇବୁ। ଏହା ଦ୍ୱାରା ଆପଣ ଖୁବ୍ କମ୍ ସମୟରେ ଘର ସଫା କରିପାରିବେ।

- ସର୍ବଦା ଗୋଟିଏ ରୁମ୍‌ରୁ ହିଁ ସଫା କରିବା କାର୍ଯ୍ୟ ଆରମ୍ଭ କରନ୍ତୁ। ପ୍ରଥମେ ଝରକା ଓ କବାଟରେ ଥିବା ଧୂଳିକୁ ସଫା କରିନିଅନ୍ତୁ। ଏହାପରେ ଘରର ଚଟାଣ ସଫା କରିନିଅନ୍ତୁ। ୩୦ ମିନିଟ୍ ମଧ୍ୟରେ ଏସବୁ କରିବା ପାଇଁ ଚେଷ୍ଟା କରନ୍ତୁ।
- ଡଷ୍ଟବିନ୍ ଭିତରେ ପୁରୁଣା ନ୍ୟୁଜ୍ ପେପର୍ସ ରଖନ୍ତୁ। ଏହାଦ୍ୱାରା ଡଷ୍ଟବିନ୍‌ରେ କୌଣସି ଅଳିଆ ଲାଗିବ ନାହିଁ। ଏଣୁ ତାହା ଅସନା ହେବ ନାହିଁ କି ସେଥିରୁ ଦୁର୍ଗନ୍ଧ ବାହାରିବ ନାହିଁ।



- ଯଦି ପାଖରେ ୱିଣ୍ଡୋ ଭାକ୍ୟୁମ୍ କ୍ଲିର୍ନ ନାହିଁ, ତେବେ ବାସନ ଧୋଉଥିବା ଲିକ୍ୱିଡ୍‌ରେ ପାଣି ମିଶାଇ ଝରକା ସଫା କରନ୍ତୁ। ଦେଖିବେ ଝରକା ପୂର୍ବ ପରି ଚମକି ଉଠିବ।
- ଟବ୍ ଓ ବେସିନ୍‌କୁ ଭଲ ଭାବରେ ସଫା କରିବା ପାଇଁ ବାଥରୁମ୍ କ୍ଲିର୍ନ ପକାଇ ୧୦ ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ସଫା କରିନିଅନ୍ତୁ।

# ଘରେ ଔଷଧ ଖାଇବା ପୂର୍ବରୁ....

- ଘରେ ରହି ଯଦି କୌଣସି ରୋଗ ପାଇଁ ନିୟମିତ ଔଷଧ ସେବନ କରିବାକୁ ପଡୁଛି ତେବେ ସାମାନ୍ୟ ସତର୍କ ରୁହନ୍ତୁ । ଔଷଧ ମନଇଚ୍ଛା ବ୍ୟବହାର କରନ୍ତୁ ନାହିଁ ।
- ପ୍ରଥମତଃ ଔଷଧ ସର୍ବଦା ଠିକ୍ ସମୟରେ ନିଅନ୍ତୁ । ଯେତିକି ଘଣ୍ଟା ଅନ୍ତରରେ ଔଷଧ ଓ ଯେତିକି ପରିମାଣରେ ନେବାକୁ କୁହାଯାଇଛି ଠିକ ସେତିକି ମାତ୍ରାରେ ଓ ସେତିକି ସମୟ ଅନ୍ତରାଳୀରେ ନିଅନ୍ତୁ । ଅଧିକ ବା କମ୍ ଖାଆନ୍ତୁ ନାହିଁ ।



# ପ୍ରାଚୀନ ସଭ୍ୟତାର ସ୍ମାରକୀ: ବିକ୍ରମଖୋଲ



ରାଜ୍ୟର ପର୍ଯ୍ୟଟନ ଇତିହାସରେ ଏକ ପରିଚିତ ନାମ 'ବିକ୍ରମଖୋଲ'। ଏଠାରୁ ଆବିଷ୍କୃତ ଶିଳାଲିପି ଐତିହାସିକ, ଗବେଷକଙ୍କୁ ଆକର୍ଷିତ କରୁଥିବା ବେଳେ ବିକ୍ରମ ପାହାଡ଼ ଓ ଗୁମ୍ଫାର ପ୍ରାକୃତିକ ମନୋରମ ଦୃଶ୍ୟ ପର୍ଯ୍ୟଟନ କେନ୍ଦ୍ରର ବିଶେଷତ୍ୱକୁ ବୃଦ୍ଧି କରୁଛି। ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ସହରଠାରୁ ମାତ୍ର ୧୨ କିଲୋମିଟର ଦୂରେ ଅବସ୍ଥିତ ବିକ୍ରମ ପାହାଡ଼। ପାହାଡ଼ର ଏକ ଗୁମ୍ଫାରେ ଖୋଦିତ ପ୍ରାଚୀନ ଶିଳାଲିପି ସର୍ବପ୍ରଥମେ ୧୯୨୪ ମସିହାରେ ଆବିଷ୍କୃତ ହୋଇଥିଲା। ପରେ ୧୯୭୨ମସିହାରେ ପ୍ରଖ୍ୟାତ ଭାରତୀୟ ଲିପିତତ୍ତ୍ୱବିତ୍ ଗବେଷକ କେ.ପି ଜୟଶ୍ୱାଲ ଏହାକୁ ଲୋକଲୋଚନକୁ ଆଣିବାରେ ପ୍ରୟାସ କରିଥିଲେ।



- ପ୍ରସ୍ତର ଦେହରେ ଖୋଦିତ ଏହି ଲିପି କେଉଁ କାଳରୁ, ତାହା ଏଯାଏଁ ସ୍ପଷ୍ଟ ହୋଇନଥିଲେ ହେଁ ଏହା ସିନ୍ଧୁ ସଭ୍ୟତାକାଳୀନ ଲିପି ଏବଂ ପରିବର୍ତ୍ତୀ କାଳରେ ବିକଶିତ ବ୍ରାହ୍ମୀଲିପିର ମଧ୍ୟବର୍ତ୍ତୀ ଯୁଗର ବୋଲି ବିଶ୍ୱାସ କରାଯାଏ। ବେଲପାହାଡ଼ଠାରୁ ଲଖନପୁର ପର୍ଯ୍ୟନ୍ତ ଲମ୍ବିଥିବା ବିକ୍ରମ ପାହାଡ଼ର ମଧ୍ୟବର୍ତ୍ତୀ ସ୍ଥଳରୁ ସୃଷ୍ଟି ହୋଇଥିବା ଶାଖା ପାହାଡ଼ରୁ ବହିଯାଉଛି ଆମ୍ୱଝରଣା ନାମକ ଏକ ସୌନ୍ଦର୍ଯ୍ୟଭରା ଝରଣା। ବିକ୍ରମଖୋଲ ଗୁମ୍ଫାର ଦୈର୍ଘ୍ୟ ପ୍ରାୟ ୧୧୫ ମିଟର ଓ ପ୍ରସ୍ଥ ୨୮ ଫୁଟ୍। ଗୁମ୍ଫା ଦେହରେ ଖୋଦିତ ଶିଳାଲିପି ବ୍ୟତୀତ ରହିଛି ବନ୍ୟଜନ୍ତୁଙ୍କ ଅସ୍ପଷ୍ଟ ଚିତ୍ର।
- ଗୁମ୍ଫାର ଶୀର୍ଷରେ ପ୍ରାୟ ୮ଫୁଟ ଓସାର ଓ ୩୫ଫୁଟ ଲମ୍ବର ବିସ୍ତୃତ ପ୍ରସ୍ତର ଖଣ୍ଡେ ରହିଛି। ଏହା ଗୁମ୍ଫାର ଛାତ ସଦୃଶ ଦୃଶ୍ୟମାନ ହୋଇଥାଏ। ଗୁମ୍ଫାର ଏହି ପ୍ରାକୃତିକ ଛାତ ତଳେ ସେ ସମୟରେ ଲୋକମାନେ ବାସପୋଯୋଗୀ ସୁରକ୍ଷା ପାଉଥିବା ଅନୁମାନ କରାଯାଏ। ଗୁମ୍ଫାର ପ୍ରସ୍ତର ଚଟାଣ ଶଯ୍ୟାରେ ରହିଥିବା କେତେକ ବର୍ଗାକାର ଗର୍ତ୍ତ ଖାଦ୍ୟଶସ୍ୟ ରଖିବା, କୁଟିବା ଆଦିରେ ବ୍ୟବହୃତ ହେଉଥିବା ବିଶ୍ୱାସ କରାଯାଏ।
- ବିକ୍ରମଖୋଲ ଗୁମ୍ଫାର ଅନତି ଦୂରରେ ମହେଶ୍ୱର ପାହାଡ଼ରେ 'ଉଷାକୁଟୀ' ନାମକ ପର୍ବତ୍ୟ ଗୁମ୍ଫା ରହିଛି। ଯେଉଁଥିରେ କେତେକ




ପ୍ରାଚୀନ ଶିଳାଲିପି ଓ ଅସ୍ପଷ୍ଟ ଚିତ୍ର ଦୃଶ୍ୟମାନ। ଏହାକୁ ଲାଗି ଉଲାପଗଡ଼ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ରହିଛି। ମାଲିକଗୁଣ୍ଡା, ଚିତରାଖୋଲ ପ୍ରଭୃତ ଗୁମ୍ଫା ଗୁଡିକରେ ବନ୍ୟଜନ୍ତୁଙ୍କ ଚିତ୍ର ଦେଖିବାକୁ ମିଳେ।

- ଝାରସୁଗୁଡ଼ା ଜିଲ୍ଲାର ଏହି ବଣପର୍ବତ ଘେରା ଦୁର୍ଗମ ଅଞ୍ଚଳରେ ଅତୀତର କୃଷି କର୍ମ, ପଶୁ ଶିକାର ସହ ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଏକ ସମୃଦ୍ଧ ମଣିଷ ସମାଜ ବସବାସ କରି ରହିଥିବା ଏଠାରୁ ଆବିଷ୍କୃତ ଶିଳାଲିପି ଓ ଚିତ୍ରରୁ ସୁସ୍ପଷ୍ଟ। ଏକ ସ୍ୱତନ୍ତ୍ର ଭାଷା ଓ ଲିପି ସେ ସମୟରେ ବ୍ୟବହୃତ ହେଉଥିଲା, ଯାହାକି ବର୍ତ୍ତମାନ ସୁଦ୍ଧା ଐତିହାସିକ ଓ ଗବେଷକମାନେ କେଉଁ କାଳର ତାହା ସ୍ପଷ୍ଟ କରି ନାହାନ୍ତି।
- ଐତିହାସିକ ସ୍ୱାକ୍ଷର ବହନ କରି ଆସୁଥିବା ଏହି ବିକ୍ରମଖୋଲ ଗୁମ୍ଫା ୧୯୫୮ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାତୀୟସ୍ତରରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଲାଭ କରିଛି।

# ତ୍ୱଚାର ଚମକ ଫେରାଇ ଆଣିବାର ଉପାୟ

ପ୍ରାୟ ସମସ୍ତେ ଚାହାନ୍ତି ଯେ ତାଙ୍କ ତ୍ୱଚାରେ ସବୁବେଳେ ଚମକ ରହୁ। ହେଲେ ବଦଳୁଥିବା ଋତୁର ପ୍ରଭାବରେ ଆମ ତ୍ୱଚାର ନମନୀୟତା ନଷ୍ଟ ହୋଇଥାଏ। ଫଳରେ ସୁନ୍ଦର ଚେହେରା ସ୍ୱପ୍ନ ପାଲଟିଯାଏ। ଆଜି ଆମେ ଆପଣଙ୍କୁ ଏପରି କିଛି ଉପାୟ କହିବୁ ଯାହାକୁ ଆପଣେଇଲେ ଆପଣଙ୍କ ଚେହେରା ଜହ୍ନ ପରି ଚମକିବ।



### ପାଣି ପିଅନ୍ତୁ:
ଅନେକ ସମୟରେ ପର୍ଯ୍ୟାପ୍ତ ପରିମାଣରେ ଶୋଇବା ପରେ ମଧ ଆପଣଙ୍କ ଚେହେରାରେ କ୍ଲାନ୍ତପଣ ଦେଖାଯାଏ। ତେଣୁ ଯଦି ଆପଣ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଆପଣଙ୍କ ତ୍ୱଚାରେ ଏକ ପ୍ରାକୃତିକ ଚମକ ଚାହୁଁଛନ୍ତି, ତେବେ ଆପଣଙ୍କୁ ରାତିରେ ବହୁତ ଛୋଟ କାମ କରିବାକୁ ପଡ଼ିବ। ପ୍ରତ୍ୟେକଦିନ ରାତିରେ ଶୋଇବାର ଅଧ ଘଣ୍ଟା ପୂର୍ବରୁ ୧ଗ୍ଲାସ ପାଣି ପିଅନ୍ତୁ।

### ଗାଜର ଖାଆନ୍ତୁ:
ଖାଦ୍ୟରେ ଗାଜରକୁ ସାମିଲ କରନ୍ତୁ। ଏଥିରେ ଭିଟାମିନ୍ କେ, ସି, ଇ, ଏ ଏବଂ ବି ପ୍ରଚୁର ପରିମାଣରେ ରହିଥାଏ। ଯାହା ଫଳରେ ଏହାକୁ ଖାଇଲେ ଚର୍ମରେ ଥିବା ମୃତ କୋଷଗୁଡିକ ଦୂର ହୋଇଯାଏ।

### ହଳଦି କ୍ଷୀର ପିଅନ୍ତୁ:
ପ୍ରତ୍ୟେକ ରାତିରେ ଶୋଇବା ପୂର୍ବରୁ ହଳଦି କ୍ଷୀର ପିଅନ୍ତୁ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ରକ୍ତ ସଫା କରି ଦେଇଥାଏ। ଏହାକୁ ନିୟମିତ ପିଇବା ଦ୍ୱାରା ସ୍କିନ୍ ?ରେ ଗ୍ଲୋ ଆସିଥାଏ।

### କ୍ଷୀର ଲଗାନ୍ତୁ:
କ୍ଷୀର ଆମ ଶରୀରକୁ ପୋଷକ ତତ୍ତ୍ୱ ଯୋଗାଇବା ସହ ଏଥିରେ ଥିବା ଲାକ୍ଟିକ ଏସିଡ୍ ଆମ ଚିହେରାରେକୁ ଉଜ୍ଜ୍ୱଳ କରିଥାଏ। ଅଳ୍ପ କଞ୍ଚା କ୍ଷୀରରେ ମହୁ ମିଶାଅ ଏହାକୁ ମୁହଁରେ ଫେସପ୍ୟାକପରି ଲଗାନ୍ତୁ। ୧୫ ମିନିଟ୍ ପରେ ଧୋଇଦିଅନ୍ତୁ। ଏହାଦ୍ୱାରା ବ୍ରଣର ସମସ୍ୟା ସଂପୂର୍ଣ୍ଣ ଦୂର ହୋଇଥାଏ।

### ଆଭୋକାଡୋ ଖାଆନ୍ତୁ:
ତ୍ୱଚା ପାଇଁ ଆଭୋକାଡୋ ହେଉଛି ସର୍ବୋତ୍ତମ ଖାଦ୍ୟ, କାରଣ ଏହା ତ୍ୱଚାକୁ ସୁସ୍ଥ ଏବଂ ଚିକ୍କଣ ରଖିବାରେ ସାହାଯ୍ୟ କରେ। ଏଥିରୁ ଅନେକ ପ୍ରକାରର ପ୍ରାକୃତିକ ଫେସ୍‌ପ୍ୟାକ୍ ଏବଂ ମାସ୍କ ତିଆରି କରାଯାଇପାରିବ। କେବଳ ଏତିକି ନୁହେଁ, ଆପଣ ଏହାକୁ ନିଜ ଖାଦ୍ୟରେ ମଧ୍ୟ ସାମିଲ୍ କରିପାରିବେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗଣ ଆନ୍ଦୋଳନ ଓ ସାଧାରଣ ଲୋକ...

ସମସ୍ତଙ୍କୁ ଜଣା, ବହୁ ବଡ଼ ବଡ଼ ସାମ୍ରାଜ୍ୟ ସାଧାରଣ ଜନତାଙ୍କ ବିକ୍ଷୋଭ ଆଗରେ ଆଣ୍ଠେଇ ପଡ଼ିଛି; କେତେକର ପତନ ବି ଘଟିଛି। ଏହା ପ୍ରମାଣିତ କରି ଦେଇଛି ଯେ ତାହା ଯେଉଁ ପ୍ରକାରର ଶାସନତନ୍ତ୍ର ହୋଇଥାଉ ନା କାହିଁକି, ଲୋକମାନଙ୍କ ଶକ୍ତି ହିଁ ସର୍ବବୃହତ ଶକ୍ତି। ଏହି ଶକ୍ତିକୁ କେବେହେଲେ ହେୟଜ୍ଞାନ କରାଯାଇପାରିବ ନାହିଁ। ସର୍ବାଧିକ ଆଧୁନିକ ଯୁଗରେ ମଧ୍ୟ ଅନେକଗୁଡ଼ିଏ ଆନ୍ଦୋଳନ ମୁଣ୍ଡ ଟେକିବାର ଦେଖାଯାଇଛି। ଉଦାହରଣ ଭାବରେ ନିଆଯାଇପାରେ ଭୀଷଣ ଭାବରେ ବ୍ୟାପିଥିବା ଆରବ ସ୍ପ୍ରିଙ୍ଗ ବା ଆରବ ଉଚ୍ଛ୍ୱାସକୁ ଯାହା ନାଟକୀୟ ଭାବରେ ରାଜନୀତିକ ଏବଂ ସାମାଜିକ ପରିବର୍ତ୍ତନକୁ ବହନ କରି ଆଣିବା କ୍ଷେତ୍ରରେ ଏକ ମୋଡ଼ ଭାବରେ ସାବ୍ୟସ୍ତ ହୋଇଥିଲା। ସାମ୍ପ୍ରତିକ ସମୟରେ ଚୀନ୍ ଏବଂ ଇରାନ୍ ମଧ୍ୟ ଏହା ଦର୍ଶାଇଛନ୍ତି ଯେ କିପରି ସରକାରମାନେ, ତାହା ଗଣତାନ୍ତ୍ରିକ ହୋଇଥାଉ କି ଅନ୍ୟ କୌଣସି ପ୍ରକାରର ସରକାର, ଲୋକମାନଙ୍କ ସ୍ୱରକୁ ଶୁଣିବା ଉଚିତ, ଅନ୍ୟଥା ସ୍ଥିତିଗତ ସଂକଟର ସମ୍ମୁଖୀନ ହେବେ। ସମାନ କଥା କିଛି ସପ୍ତାହ ପୂର୍ବରୁ ଘଟିଥିଲା ଶ୍ରୀଲଙ୍କାରେ ଯେଉଁଠି ଲୋକମାନଙ୍କର ଜୀବନ ଧାରଣ କରିବା ସହିବାର ସୀମା ଟପି ସାରିଥିଲା, ଯେତେବେଳେ କି ସମଗ୍ର ରାଷ୍ଟ୍ର ଅଭୂତପୂର୍ବ ଅର୍ଥନୀତିକ ସଂକଟର ସମ୍ମୁଖୀନ ହୋଇଥିଲା। 'ଜିରୋ କୋଭିଡ' ଲକ୍‌ଡାଉନକୁ ନେଇ ଚୀନରେ ପ୍ରତିବାଦ ତୀବ୍ର ହେବା ସମଗ୍ର ବିଶ୍ୱକୁ ଜଣା। ଦେଶର ବଡ଼ ବଡ଼ ସହରମାନଙ୍କରେ ଏହି ପ୍ରତିବାଦ ଭୀଷଣ ଆକାର ଧାରଣ କରୁଥିବା ଦେଖି ଚୀନ୍ ସରକାର ଏବେ ତାଙ୍କର ନୀତିକୁ କୋହଳ କରିବାକୁ ଆରମ୍ଭ କରିଛନ୍ତି। ଏହି ଆନ୍ଦୋଳନ କେବଳ ଲକ୍‌ଡାଉନର ଉଚ୍ଛେଦ ପାଇଁ ନୁହେଁ, ବରଂ ଏଇଥିରୁ ଆରମ୍ଭ ହୋଇ ଚୀନ୍ କମ୍ୟୁନିଷ୍ଟ ପାର୍ଟି ଏବଂ ରାଷ୍ଟ୍ରର ସର୍ବାଧିକ ଶକ୍ତିଶାଳୀ ମୁଖ୍ୟ ତଥା ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଗାଦିରୁ ହଟାଇବାର ଦାବି ଭଳି ଏକନୂଆ ତଥା ସାହସିକ ଦିଗକୁ ମଧ୍ୟ ଆପଣାଇବା ଦେଖାଯାଇଥିଲା। ପ୍ରତିବାଦର ପ୍ରାଥମିକ ପ୍ରତିକ୍ରିୟା ହୁଏତ ସଡ଼କରେ ଏକତ୍ରିତ ହୋଇ ବିକ୍ଷୋଭ କରୁଥିବା ବିପୁଳ ସଂଖ୍ୟକ ବିଦ୍ୟାର୍ଥୀମାନଙ୍କ ପ୍ରତି କ୍ଷତି ପହଂଚାଇବା ହୋଇଥାଇପାରେ। ପରନ୍ତୁ, ପରବର୍ତ୍ତୀ କାଳରେ ସାମଗ୍ରିକ ପ୍ରତିକ୍ରିୟା ସହିବାର ଶେଷ ସୀମା ଟିପି ସାରିଥିବା ଲୋକମାନଙ୍କୁ ଦମନ କରିବା ସହଜସାଧ୍ୟ ନୁହେଁ ବୋଲି ସରକାର ମାନି ନେଇଥିବା ମନେହୁଏ। ଏମିତିକି ଧର୍ମକୁ ଜୀବନର ମୁଖ୍ୟ ଆଧାର ଭାବରେ ମାନି ନେଇଥିବା ଇରାନର ଧାର୍ମିକବାଦୀ ସରକାର ଯୁବପିଢ଼ି, ଯେଉଁମାନେ ସାଧାରଣ ସ୍ୱାଧୀନତାଗୁଡ଼ିକ ସଂକୁଚିତ କରିବାରେ କୌଣସି ପ୍ରକାରର ଆବଶ୍ୟକତା ନଥିବାକୁ ଗ୍ରହଣ କରନ୍ତି, ସେମାନଙ୍କ ଦ୍ୱାରା ପ୍ରଚୋଚିତ ପ୍ରତିବାଦ ଆଗରେ ମଥା ନତ ନକରି ରହିପାରିବେ ନାହିଁ ବୋଲି ସମ୍ଭବତଃ ଅନୁଭବ କରିଛନ୍ତି। ଏହି ଯୁବପିଢ଼ୀ ଯେଉଁମାନେ କି ଆଗାମୀ ଦିନରେ ନାଗରିକ, ସେମାନେ ଜୀବନର ଆବଶ୍ୟକତା ବିନିମୟରେ ରାଷ୍ଟ୍ର ପ୍ରଦାନ କରୁଥିବା ଏସବୁ ସୁରକ୍ଷା ବ୍ୟବସ୍ଥାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି, କାରଣ ସେମାନେ ସମଗ୍ର ବିଶ୍ୱରେ ଏସବୁ ଉଠିଯିବାକୁ ପରିଲକ୍ଷିତ କରୁଛନ୍ତି; ଆଧୁନିକ ଭାବ ବିନିମୟର ଶକ୍ତି ବିଷୟରେ ସଚେତନ ଅଛନ୍ତି, ଯାହା ସେମାନଙ୍କର ସରକାର-ବିରୋଧୀ ମତଗୁଡ଼ିକୁ ମାତ୍ର କେଇ ସକେଣ୍ଡରେ ପୃଥିବୀର ଗୋଟିଏ କୋଣରୁ ଅନ୍ୟ କୋଣକୁ ସମ୍ପ୍ରସାରିତ କରିପାରୁଛି। ଟ୍ୟୁନିସିଆରେ ଜଣେ ସାଧାରଣ ବିନଗ୍ର ଗାଡ଼ି ଚାଳକର ଅବଜ୍ଞା ଆରବ ସ୍ପ୍ରିଙ୍ଗ ବା ଉଚ୍ଛ୍ୱାସ ଭଳି ଏକ ଗଣ ଆନ୍ଦୋଳନକୁ ଜାଗ୍ରତ କରିବାର ସମର୍ଥ ହୋଇଥିଲା। ସେହିଭଳି ଇରାନର ମୋରାଲ ପୁଲିସର ହେପାଜତରେ ଥିବାବେଳେ ପୋଷାକ ପରିଧାନର ନିୟମରେ ସାମାନ୍ୟ ବିଚ୍ୟୁତି ଯୋଗୁଁ ଦଣ୍ଡିତା ମାତ୍ର ୨୨ ବର୍ଷୀୟା ମାହାସା ଅମିନୀଙ୍କ ମୃତ୍ୟୁ ହିଜାବ୍ -ବିରୋଧୀ ଆନ୍ଦୋଳନକୁ ଉସୁକାଇ ଥିଲା ଯାହା ବିଶ୍ୱର କୋଣ ଅନୁକୋଣକୁ ବ୍ୟାପିଯାଇଛି, ଏମିତିକି ଫୁଟବଲ ବିଶ୍ୱକପକୁ ମଧ୍ୟ ଏହା ସଂଚରିତ ହୋଇଛି, ଯେଉଁଠି ଇରାନ୍ ଦଳର ସଦସ୍ୟମାନେ ଜାତୀୟ ସଂଗୀତ ଗାନ କରିବାକୁ ମନା କରିଦେଇଥିଲେ। ଧର୍ମୀୟ ନେତାମାନଙ୍କ ଆଦେଶକୁ ପୁଲିସ କାର୍ଯ୍ୟରେ ପରିଣତ କରିଥିବାବେଳେ ସାମରିକ ବାହିନୀ ସେମାନଙ୍କ ଆଦେଶକୁ ପାଳନ କରିବା ନିମନ୍ତେ ଚାହିଁ ବସିଛନ୍ତି, ଯଦିଓ ସେମାନେ ଲିଙ୍ଗଭେଦକୁ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିବା ମହିଳାମାନଙ୍କ ଆନ୍ଦୋଳନରେ ନିଆଁରେ ଘିଅ ପକାଇବା ସଦୃଶ ହୋଇଛି ଏବଂ କେବଳ ନୈତିକ ପୁଲିସ ବ୍ୟବସ୍ଥାର ଉଚ୍ଛେଦ ପ୍ରତିବାଦକାରୀଙ୍କ ମନକୁ ମୋହିବାର ସମ୍ଭାବନା କ୍ଷୀଣ ହୋଇଥିବାରୁ ସେମାନଙ୍କ ଆନ୍ଦୋଳନରେ ଏହା ପୂର୍ଣ୍ଣଚ୍ଛେଦ ପକାଇବା ନିମନ୍ତେ ପର୍ଯ୍ୟାପ୍ତ ହେବା ମନେହୁଏ ନାହିଁ।

# ପଞ୍ଚ ମହାଭୂତ

### ଶ୍ରୀ ପରେଶ ଚନ୍ଦ୍ର ସାହୁ

ଆମ ଶରୀର ପଂଚ ମହାଭୁତରୁ ତିଆରି । ଗୁରୁକୂଳରେ ଶିକ୍ଷାଦାନର ପ୍ରଥମ ଦିନରେ ଏହି ଶିକ୍ଷା ଦିଆଯାଉଥିଲା । ସମାଜରେ ଚଳିଲା ସମୟରେ ଧର୍ମ ସଙ୍କଟ କିମ୍ୱା ଦୁର୍ଘଟଣା ସମୟରେ କିପରି ବିବେକର ସତ୍ତା ହରାଇ ପଶୁ ତୁଲ୍ୟ ବ୍ୟବହାର ନକରେ ଶିକ୍ଷାର ଥିଲା ପ୍ରଥମ ଲକ୍ଷ୍ୟ। ତେବେ ଏଇ ପଂଚ ମହାଭୁତର ସନ୍ତୁଳନ ଠିକ୍ ରହିଲେ ମଣିଷ ଦେହରେ ଆତ୍ମାର ସଂଚାର ହୋଇଥାଏ ଏବଂ ପରବର୍ତ୍ତୀ ଅବସ୍ଥାରେ ବ୍ରହ୍ମରେ ବିକଶିତ ହୋଇଥାଏ ଯାହା ଉଦ୍ଭିଦ କ୍ଷେତ୍ରରେ ଆମେ ଦେଖୁ । ସେତେବେଳେ ମଣିଷ ଚେତନା ଯୁକ୍ତ ଥାଏ । ଗଛଟିର ପ୍ରତ୍ୟେକଟି ଅଙ୍ଗ-ପତ୍ର, ଫୁଲ, ଫଳ, ଡାଳ, ଗଣ୍ଡି ଓ ଚେର ପ୍ରାଣୀ ଜଗତ ପାଇଁ ଉପାଦେୟ। ସେଥିପାଇଁ ହୁଏତ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ପରମାତ୍ମାଙ୍କର ସ୍ୱରୂପ ଦାରୁବ୍ରହ୍ମ ରୂପରେ ଶ୍ରୀକ୍ଷେତ୍ରରେ ପୂଜା ପାଉଛନ୍ତି । ସୁତରାଂ ମଣିଷ ଭଗବତ୍ ପ୍ରାପ୍ତି ନାମରେ ନିଜର ଖାଦ୍ୟ, ପାନୀୟ, ବାୟୁ, ଓ ଜ୍ଞାନର ସନ୍ତୁଳନ ରକ୍ଷା କଲେ ଯାଇ ପରମାତ୍ମାଙ୍କ ନିକଟତର ହୋଇପାରିବ। ବିଶେଷ କରି ପବିତ୍ରତା ରକ୍ଷା କରି ସହନଶୀଳତା (ଶୂନ୍ୟତାର ପ୍ରତୀକ) ବଜାୟ ରଖିବା ଦ୍ୱାରା ପଂଚମହାଭୁତର ସନ୍ତୁଳନ ରକ୍ଷା କରିହୁଏ ଏବଂ ନିଜ ମଧ୍ୟରେ ପରମବ୍ରହ୍ମଙ୍କୁ ସ୍ଥାନିତ କରିହୁଏ।

ତେବେ ପଞ୍ଚ ମହାଭୁତର ସରଳ ଅର୍ଥ କ'ଣ ହୋଇପାରେ ! ପଞ୍ଚ ମହାଭୁତ ହେଉଛି ପଞ୍ଚ ତତ୍ତ୍ୱ । ମାଟି, ପାଣି, ପବନ, ଅଗ୍ନି ଓ ଆକାଶ ତତ୍ତ୍ୱ ଶରୀର ଗଠନ ପାଇଁ ସମାନ୍ତରାଳ ଭାବେ ଦାୟୀ । ମହାଭାରତରେ ବର୍ଣ୍ଣିତ ପଞ୍ଚପାଣ୍ଡବଙ୍କୁ ଯଦି ଆମେ ପଞ୍ଚ ତତ୍ତ୍ୱ ସହ ତୁଳନା କରିବା ବୋଧ ହୁଏ ଭୁଲ ହେବ ନାହିଁ । ଅର୍ଥାତ ଧର୍ମପୁତ୍ର ଯୁଧିଷ୍ଠିର ମାଟି, ବାୟୁଦେବ ପୁତ୍ର ଭୀମ ବାୟୁ ଏବଂ ଇନ୍ଦ୍ର ପୁତ୍ର ଅର୍ଜୁନ ଜଳ ତତ୍ତ୍ୱକୁ ସୂଚେଇଥାଏ ଏବଂ ଅଶ୍ୱିନୀ କୁମାର ଦ୍ୱୟ ପୁତ୍ର ନକୁଳ ସହଦେବ ଯଥାକ୍ରମେ ଅଗ୍ନି ଓ ଆକାଶ ତତ୍ତ୍ୱ କୁ ସୂଚାଇଥାଏ ।

ଯେତେବେଳେ ଏଇ ପଞ୍ଚ ମହାଭୁତର ସନ୍ତୁଳନ ଠିକ୍ ଥାଏ ଆତ୍ମା ବା ଅଲୌକିକ ସତ୍ତାର ସଞ୍ଚାର ଶରୀର ଉପରେ ଠିକ୍ ଭାବରେ ପଡ଼େ ଏବଂ ବ୍ରହ୍ମର ବିକାଶ ସମ୍ଭବ ହୋଇପାରେ । ସେତେବେଳେ ମଣିଷ ଦେବତାର ସତ୍ତା ବହନ କରିଥାଏ ଏବଂ ଆମେ ତାକୁ ଦେବତା କହିପାରୁ । ଅଗ୍ନି ଏବଂ ଆକାଶ ତତ୍ତ୍ୱ ଠିକ୍ ରହିଲେ ମଣିଷ ଭିତରେ ତେଜ ବା କ୍ଷତ୍ରିୟ ସ୍ୱଭାବ ସହିତ ସହନଶୀଳତା ସ୍ଥାନ ପାଇଥାଏ। ଅଗ୍ନିକୁ ପବିତ୍ରତା ଓ ଆକାଶକୁ ସହନଶୀଳତାର ପ୍ରତୀକ ସହ ତୁଳନା କରାଯାଇପାରେ ଆଉ ଏଇ ଦୁଇ ତତ୍ତ୍ୱର ଅଭାବ ଘଟିଲେ ମଣିଷ ସ୍ୱର୍ଗଚ୍ୟୁତ ହୋଇ ମର୍ତ୍ତ୍ୟକୁ ପଳାଇ ଆସେ। ଆତ୍ମା ନିର୍ଲିପ୍ତ ହୋଇ ରହେ ନାହିଁ । ମଣିଷ ମନ ଉପରେ ନିର୍ଭରଶୀଳ ହୋଇଯାଏ । ଚେତନା କ୍ରମଶଃ ଲୋପ ପାଇ ଭାବନା ବଢ଼ିବାରେ ଲାଗେ । ମାନସିକ ଚାପ ବୃଦ୍ଧି ପାଏ ଏବଂ କ୍ରମେ କ୍ରମେ ମନର ପ୍ରଭାବ କମିଯାଏ ଏବଂ ଶେଷରେ ଶରୀର ସର୍ବସ୍ୱ ହୋଇଯାଏ ଏବଂ ରସାତଳକୁ ଚାଲିଯାଏ । ଇଚ୍ଛା ଶକ୍ତି ସମ୍ପୂର୍ଣ୍ଣ ଲୋପ ପାଇଯାଏ । ଶରୀରର ଆବଶ୍ୟକତାକୁ ପୂରଣ କରିବା ପାଇଁ ବଞ୍ଚି ରୁହେ । ଯାହା ପଶୁ ତଥା ଅନ୍ୟାନ୍ୟ ପ୍ରାଣୀମାନେ କରୁଛନ୍ତି । ମଣିଷ ଆଉ ମଣିଷ ହୋଇ ରହେ ନାହିଁ । ବିବେକ ଶୂନ୍ୟ ହୋଇ ବିଚାରଶକ୍ତି ହରେଇ ବସେ । ଏପରି କୋଉଁ ଭଲଗୁଣ ନାହିଁ ଯାହା ରାମଚନ୍ଦ୍ରଙ୍କ ଠାରେ ନଥିଲା । ଦେବତ୍ୱ ନଥିଲେ ମାନବ ଜୀବନ ସଫଳ ହୋଇପାରେ ନାହିଁ । ଯିଏ କିଛି ଦେଇ ପାରିବ ନାହିଁ ତ୍ୟାଗ ମନୋଭାବ ଆସିବ କୋଉଁଠୁ । ସ୍ୱର୍ଗକୁ ଯିବା ପାଇଁ ଯେଉଁ ସିଡ଼ି ଥାଏ ତାହାର ପ୍ରଥମ ପାହାଚ ହେଲା ତ୍ୟାଗ । ଗୁରୁ ବଶିଷ୍ଠ ଏଇ ଶିକ୍ଷା ରାମଚନ୍ଦ୍ରଙ୍କୁ ଦେଇଥିଲେ । "ଶାସନ କାଳରେ ତମର ଅତି ପ୍ରିୟ ବସ୍ତୁକୁ ଯଦି ତ୍ୟାଗ କରିବାକୁ ପଡ଼େ କେବେ ପଛକୁ ଫେରିଯିବ ନାହିଁ । ପରବର୍ତ୍ତୀ ସମୟରେ ସ୍ୱୟଂ ରାମଚନ୍ଦ୍ର ମାତା ସୀତାଙ୍କୁ ପ୍ରଜା ମନୋରଞ୍ଜନ ପାଇଁ ତ୍ୟାଗ କରିଥିଲେ । ଏହାଦ୍ୱାରା ସେ ଆଦୌ ବିବ୍ରତ ନଥିଲେ । ସୁତରାଂ ପଞ୍ଚ ମହାଭୁତର ସନ୍ତୁଳନ ଠିକ୍ ରହିଲେ ଯାଇ ମଣିଷର ଉଦାରତା ଅକ୍ଷୁର୍ଣ୍ଣ ରହିଥାଏ ଏବଂ ସେ ଅବଲୀଳା କ୍ରମେ କାମ କରିଯାଏ । ସୂର୍ଯ୍ୟବଂଶରେ ଜାତ ମଣିଷ ଏବଂ ଅଗ୍ନି ବଂଶରେ ଜାତ ବସୁମାନେ ହିଁ ଉଦାର ମନୋଭବ ପୋଷଣ କରି ପ୍ରତ୍ୟେକଟି କାର୍ଯ୍ୟ କରିଥାନ୍ତି । ସେଇମାନେ ହିଁ ପୃଥିବୀ ପୃଷ୍ଠରେ ଜାତ ହୋଇଥିବା ଉପକାରୀ ପ୍ରାଣୀ ।

ଉପକାରୀ ପ୍ରାଣୀ କଥା ବିଚାରକୁ ନେଲେ ଆମେ ଦେଖିବା ବୋଧହୁଏ ବଳଦହିଁ ସବୁଠାରୁ ବେଶୀ ଉପକାରୀ । ଜୀବନଧାରଣ କରିବା ସହ ପ୍ରତ୍ୟେକ ସମୟରେ କର୍ମକୁ ଅପେକ୍ଷା କରିବା ତାର ଧର୍ମ । ଗାଈ ଗୋରୁ ଯେଉଁଠି ଗାଁ ଗାଁ କରନ୍ତି ସେଇଟା ହେଉଛି ଗାଁ ଏବଂ ସେଇ ଗାଁ ହିଁ ଗୋପ । ସେଇଠି ଥାଏ ପବିତ୍ରତା ଏବଂ ସହନଶୀଳତା । ପ୍ରାଣୀ ଜଗତକୁ ଛାଡ଼ି ଦେଲେ ଆମେ ଦେଖିବା ଉଦ୍ଭିଦ ଠାରେ ହିଁ ପଞ୍ଚ ମହାଭୂତରେ ସନ୍ତୁଳନ ସଠିକ ରହିଥାଏ। ଆଉ ସେଇ ବୃକ୍ଷ ଚାରିଆଡ଼କୁ ତାର ଡ଼ାଳ ବା ଭୁଜ ମେଲେଇ ଚତୁର୍ଭୁଜ ହୋଇ ଆମକୁ ଆଶୀର୍ବାଦ କରନ୍ତି । ସେଇଥି ପାଇଁ ହୁଏତ ଶ୍ରୀକ୍ଷେତ୍ରରେ ଦାରୁବ୍ରହ୍ମ ରୂପରେ ନିରାକାର ବ୍ରହ୍ମ ହିସାବରେ ପୂଜା ପାଉଛନ୍ତି ।

ବ୍ୟାସଦେବଙ୍କର ଗୋଟେ ଇଚ୍ଛା ଥିଲା ମଣିଷ କିପରି ବ୍ରହ୍ମତ୍ୱ ପାଇ ପାରିବ ବା ଅମରତ୍ୱ ହାସଲ କରିପାରିବ । ଅର୍ଥାତ ମଣିଷ ପ୍ରାଣୀର ସ୍ତରକୁ ଛାଡ଼ି ଉଦ୍ଭିଦ ସ୍ତରକୁ ଚାଲିଯାଇ ପାରିବ । ସେଇଟା ହିଁ ବାସ୍ତବରେ ଭଗବତ ପ୍ରାପ୍ତି ବା ଭଗବାନଙ୍କ ସ୍ତର। ଉଦ୍ଭିଦ ଯାହାର ପ୍ରତ୍ୟେକଟି ସମୟ ଉତ୍ସର୍ଗୀକୃତ । ଯେଉଁଠି ତାର ସୃଷ୍ଟି ସେଇଟା ହିଁ ତାର ଉର୍ଦ୍ଧ୍ୱଗତି । (ଉଦ୍+ଭିଦ୍+ଅ) ଅର୍ଥାତ ଯେ ଉପରକୁ ଭେଦ କରେ । ମଣିଷ ଯେତେ ପର୍ଯ୍ୟନ୍ତ ପ୍ରାଣୀର ସ୍ତରରେ ରହିଥିବ ସେ କେବଳ ଇତଃସ୍ତତ ହିଁ ହେଉଥିବ । ବ୍ୟସ୍ତ ହେଉଥିବ, ବିବ୍ରତ ହେଉଥିବ । ନିଜର ପ୍ରାପ୍ତ ବସ୍ତୁ ପାଇଁ ସମୟ ଖର୍ଚ୍ଚ କରୁଥିବ । ନା ଥିବ ଶାନ୍ତି ନା ସ୍ଥିରତା । ସ୍ଥିରତା ନଥିଲେ ଶାନ୍ତି ଆସେ ନାହିଁ । ସେଇଥି ପାଇଁ ଆମର ସବୁଠୁ ଉର୍ଦ୍ଧ୍ୱରେ ଧ୍ରୁବତାରା ସ୍ଥିର । ଧ୍ରୁବ ଯେ ଅତି ଛୋଟବେଳୁ ଭଗବାନଙ୍କୁ ପାଇ ପାରିଥିଲେ ଏବଂ ରାଜ୍ୟଭାର ବିମାତା ପୁତ୍ର ହାତରେ ଅର୍ପଣ କରି ସନ୍ୟାସୀ ହୋଇଯାଇଥିଲେ।

ଏବେ ଯଦି ଆମେ ଦୁନିଆଁକୁ ଦେଖିବା ପଞ୍ଚ ମହାଭୁତର ସନ୍ତୁଳନ ଲୋକଙ୍କ ଠାରେ ଆଉ ସଠିକ ରହୁନାହିଁ । ନିର୍ଲିପ୍ତ ହୋଇପାରୁ ନାହାନ୍ତି । ଦୃଷ୍ଟିକୋଣର **develop** ହେଉଛି । ନିଜ ହିସାବରେ ଅନ୍ୟକୁ ଦେଖୁଛି । ପରସ୍ପର ପରସ୍ପର ବୁଝାମଣା ଠିକ୍ ରହୁ ନାହିଁ । ଅନ୍ୟକୁ ଦେଖି ନିଜକୁ ପ୍ରସ୍ତୁତ କରୁଛି । ଲକ୍ଷ୍ମଣ ସହ ଯୁଦ୍ଧରେ ଜିତିବା ପାଇଁ ଇନ୍ଦ୍ରଜିତ ହୋଇ ନିକୁମ୍ଭିଳା ଯଜ୍ଞ କରି ଦିବ୍ୟରଥ ପାଇବାର ମିଛ ଯଜ୍ଞ କରୁଛି । ଗଛଟିଏ ନିଜ ସ୍ଥାନରେ ସ୍ଥିର ରହି ଉର୍ଦ୍ଧ୍ୱକୁ ଗମନ କରି କିଛି ଟା ହେଲ ଶୂନ୍ୟକୁ ଭେଦ କରିପାରୁଛି । ମାତ୍ର ମଣିଷଯାକ ଅନ୍ୟକୁ ଲକ୍ଷ କରି ନିଜକୁ ପ୍ରସ୍ତୁତ କରିବା ନାଁରେ ସାପ, ମୂଷା ଭଳିଆ ହୋଇଯାଉଛନ୍ତି ।

ଏଥର ଆସନ୍ତୁ ଆମେ କିଭଳି ପଞ୍ଚମହାଭୁତର ସନ୍ତୁଳନ ଠିକ୍ ରଖିପାରିବ । ଏବଂ ଉଦ୍ଭିଦର ସ୍ତରକୁ ପ୍ରାପ୍ତ ହେବା ସେ ବିଷୟରେ ଆଲୋଚନା କରିବା । ମାଟି, ପାଣି, ପବନ, ଅଗ୍ନି ଓ ଆକାଶ ହେଲେ ପଞ୍ଚମହାଭୁତ । ସୁତରାଂ ପିଲାଟି ବେଳୁ ତାଙ୍କର ଲାଳନ ପାଳନ ବେଳେ ଆମେ ଏଇ ସବୁ ଦିଗକୁ ଧ୍ୟାନ ଦେବା ଉଚିତ । ଗର୍ଭରେ ୯ ମାସ ତଥା ଜନ୍ମ ପରେ ୧୨ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଖୋଇବା, ଶୁଆଇବା ସହ ପିଲାକୁ ସମ୍ବୋଧନ କରିବା ମଧ୍ୟ ଶିଖିବାର ଆବଶ୍ୟକତା ରହିଛି । ବିଲେଇ, କୁକୁରକୁ ଡାକିଲା ଭଳି ପିଲାଙ୍କୁ ସମ୍ବୋଧନ କଲେ ସେମାନେ ସେଇଭଳି ହୋଇଯିବାର ମଧ୍ୟ ସମ୍ଭାବନା ରହିଛି । ଅତ୍ୟନ୍ତ ଉଦାରତାର ସହିତ ପିଲାଙ୍କୁ ସମ୍ବୋଧନ କଲେ ତାଙ୍କ ଠାରେ ଦେବତ୍ୱ ଅକ୍ଷୁର୍ଣ୍ଣ ରହିଥାଏ । ଭୁଲିଯିବା ଉଚିତ ନୁହେଁ ଆମେ ତାକୁ ମଣିଷ ପରି ଗଢ଼ି ତୋଳିବାର ଅଛି । ଯେତେ ପର୍ଯ୍ୟନ୍ତ ତା ଠାରେ ବିବେକର ସଂଚାର ନହୋଇଛି; ବିଚାରଶକ୍ତି ନଆସିଛି ଆମର କର୍ତ୍ତବ୍ୟ ସରି ନାହିଁ ବୋଲି ଜାଣିବାର ଅଛି । ଥରେ ବିବେକ ଗଠନ ହୋଇଗଲେ ଆମେ ଜାଣିବା ସେ ମଣିଷ ସ୍ତରକୁ ଆସି ଯାଇଛି ଏବଂ ସେ ଆତ୍ମାର ସନ୍ଧାନ ପାଇଯିବ । ପରମାତ୍ମାକୁ ପ୍ରାପ୍ତ ହେବା ଆଉ ଡ଼େରି ହୋଇ ନଥାଏ ।

ପାଣ୍ଡବ ମାନଙ୍କର ଅଜ୍ଞାତବାସର ଅବଧିର କିଛି ଦିନ ପୂର୍ବରୁ ଦ୍ରୌପଦୀଙ୍କ ତୃଷ୍ଣା ମେଣ୍ଟାଇବାକୁ ଯାଇ କିଭଳି ନକୁଳ, ସହଦେବ ଅର୍ଜୁନ ଓ ଭୀମ ଯକ୍ଷଙ୍କ କବଳରେ ପଡ଼ି ମୂର୍ଚ୍ଛା ହୋଇଥିଲେ ସେ କଥା ସମସ୍ତଙ୍କୁ ଜଣା । ଯୁଧିଷ୍ଠିର ଶେଷରେ ଯକ୍ଷଙ୍କ ସମସ୍ତ ପ୍ରଶ୍ନର ଉତ୍ତର ସଠିକ ଭାବେର ଦେଇ ନିଜର ଅନୁଜ ମାନଙ୍କୁ ଉଦ୍ଧାର କରିଥିଲେ । ଶଙ୍ଖ, ଚକ୍ର, ଗଦା, ପଦ୍ମ । ଯଥାକ୍ରମେ ସହଦେବ, ଅର୍ଜୁନ, ଭୀମ ଏବଂ ନକୁଳ । ଚତୁର୍ଭୁଜ । ପରବ୍ରହ୍ମ । ଯୁଧିଷ୍ଠିର ଯଦି ଧର୍ମ ହୁଅନ୍ତି ସେ ହେଲେ ଆଧାର ଯାହାର ମୂଳ ହେଲା ମାଟି । ସୁତରାଂ ଏଇ ଶରୀର ଯଦି ବ୍ରହ୍ମତ୍ୱ ପ୍ରାପ୍ତି ହୋଇଗଲା ତେବେ ଆମ ଜୀବନ ସାର୍ଥକ ହୋଇଗଲା । ଶରୀର ଅର୍ଥ ରଥ । ଠାକୁର ବା ବ୍ରହ୍ମ ରଥାରୁଢ଼ ହୋଇଯିବା ହେଉଛି ବ୍ରହ୍ମତ୍ୱ ପ୍ରାପ୍ତି । ଯୁଧିଷ୍ଠିର ଏହା ସମ୍ଭବ କରିପାରିଲେ । ଯକ୍ଷଙ୍କର ସମସ୍ତ ପ୍ରଶ୍ନର ସଠିକ ଉତ୍ତର ଦେଇ ପାରିଲେ । **Realisation** ବା ଅନୁଭବ ଯାହାର ଯେତେ ବେଶୀ ସେ ସେତେ ବଡ଼ ଦର୍ଶନର ଅଧିକାରୀ । ପାଠ କହୁଛି To achieve God (i) Upliftment is the Scale (ii) Realisation is the method ଏବଂ Peace is the Goal. ଯାହାର ଦର୍ଶନ ନାହିଁ ସେ ଅନ୍ଧ । ଅନୁଭବ ହିଁ ସବୁଠୁ ବଡ଼ ଦର୍ଶନ । ଯେ ଅନୁଭବୀ ସେହିଁ ଶ୍ରେଷ୍ଠ ଦାର୍ଶନିକ। ତାଙ୍କ ଠାରେ ବ୍ରହ୍ମ ବିଦ୍ୟମାନ । ଆମେ ଯେଉଁ ଶିବଲିଙ୍ଗଙ୍କୁ ପୂଜା କରୁ ବାସ୍ତବରେ ସେ ହିଁ ବ୍ରହ୍ମ।

ନିରାକାର ବ୍ରହ୍ମ ଆମକୁ ଏଇ ଶିକ୍ଷା ଦିଏ ଯେ ବରଂ କିଛି ହୁଅ ନାହିଁ କିଛି ଖରାପ ହୁଅ ନାହିଁ । କିଛି ଗୋଟେ ହୋଇ ଦୁନିଆ ଆଗରେ ନିଜକୁ ପ୍ରଦର୍ଶନ କରିବା ଭିତରେ ଆମ ଭିତରେ ବ୍ରହ୍ମତ୍ୱ ସରିଯିବାର ମଧ୍ୟ ସମ୍ଭାବନା ରହିଛି । ନିଜ ପସନ୍ଦର ଗହଣା ତିଆରି କରୁ କରୁ ସୁନାଟକ ସରି ଯାଇପାରେ । ପଦାର୍ଥ ହୋଇ ରହିବା ବରଂ ଭଲ । ପଦାର୍ଥରୁ ବସ୍ତୁ ତିଆରି କରିବା ଭିତରେ ଅପଦାର୍ଥର ସଞ୍ଜ୍ଞା ବହନ କରିବାର ସମ୍ଭାବନା ରହିଛି । ଏବେକାର ମଣିଷ ନିଜକୁ ଡାକ୍ତର, ଇଂଜିନିୟର, ମନ୍ତ୍ରୀ ହେବା ନାଁ ରେ ମଣିଷ ପଣିଆକୁ ଜଳାଞ୍ଜଳି ଦେଇ ଦେଉଛି । ସେ ମଣିଷ , ମଣିଷର ସଞ୍ଜ୍ଞା ବହନ କରିବାର ଆବଶ୍ୟକତା ରହିଛି । ସୂର୍ଯ୍ୟଙ୍କ ଭଳି ଜୀବନ ଯାକ ଜଳିବାର ରହିଛି । କେତେବେଳେ ହୁଏ ତ ଅଗ୍ନିରେ ରୂପାନ୍ତର ହୋଇ ତାକୁ ସାଇତି ରଖିଲେ ଜଣେ ପଦାର୍ଥଟିଏ ହୋଇ ପାରନ୍ତା । କ୍ରୋଧ ଆଉ ପ୍ରକାଶ କରନ୍ତା ନାହିଁ । ଉଦ୍ଭିଦଟିଏ ହୋଇ ପାରନ୍ତା । ହୋଇଯାନ୍ତା ନୀରବ ସେବକ। ଆଉ ତାକୁ କାଟିବାକୁ ଆସିବାବେଳେ କୁହନ୍ତା । "ଦେଖ ଯେମିତି ମୁଁ ତମ ଉପରେ ନପଡ଼େ।" ଓଁ ଶାନ୍ତି ।


+ ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ, ଓଡ଼ିଶା ସରକାର,
ମୋ-୯୪୩୭୦୬୮୯୧୯/ ୮୦୧୮୭୩୮୮୪୪


# ଶିକ୍ଷାକୁ ରାଜନୀତି ମୁକ୍ତ କରାଯାଉ

### ବିଷ୍ଣୁ ପ୍ରସାଦ ଦାସ

କଥାରେ ଅଛି ' ଓଳିଆରୁ ପଡି ଗଜା ' ସଦୃଶ ଆମ ପିଲା ସ୍କୁଲରୁ ରାଜନୀତି ଶିଖିଯାଉଛନ୍ତି , ଏଥିପାଇଁ କିଏ ଦାୟୀ ? ଆମେ ଅଭିଭାବକ ନା' ସରକାର ? ସନ୍ତାନର ପ୍ରଥମ ଗୁରୁ ପିତା ମାତା, ପ୍ରଥମେ ପିଲାଟି ଘରୁ ଗୁରୁଜନ ମାନଙ୍କ ଠାରୁ ଶିକ୍ଷା ଲାଭ କରେ ତା' ପରେ ଶିକ୍ଷାନୁଷ୍ଠାନ ଯାଏ ଓ ଛୋଟ ଶ୍ରେଣୀରେ ପଢୁଥିବାବେଳେ ଛୋଟ ଛୋଟ କଥାକୁ ନେଇ ପାଠର ଅନ୍ତର ଓ ଶିକ୍ଷକ ମାନଙ୍କ ଆଚରଣ ଉଚ୍ଚାରଣ କିଛିଟା ପିଲା ଉପରେ ପ୍ରଭାବ ପକାଇଥାଏ ଓ ଛାତ୍ର ଛାତ୍ରୀ ଟିକେ ବଡ଼ ହୋଇଗଲେ ୮ /୧୦ ବର୍ଷ ବେଳକୁ ରାଜନୀତି ଉପରେ କିଛିଟା ଜ୍ଞାନ ଆସିଯାଇଥାଏ ଓ ସହରର ନାମୀ ଦାମୀ ଘରୋଇ ସ୍କୁଲ ଗୁଡିକୁ ଛାଡିଦେଲେ ପ୍ରାୟ ସବୁଠାରେ ରାଜନୀତିର ଚର୍ଚ୍ଚା, ଗ୍ରାମ୍ୟ ପରିବେଶରେ ଏହାର ପ୍ରଭାବ ଖୁବ ବେଶୀ ଦେଖିବାକୁ ମିଳେ ଓ ବିଭିନ୍ନ ଦଳ ରାଜନୈତିକ ସମାବେଶ ପାଇଁ ସ୍କୁଲ ପିଲାଙ୍କୁବି ଛାଡି ନ'ଥାନ୍ତି, ଅନେକ ଜାଗାରେ କୋମଳମତି ବାଳକ, ବାଳିକା ଦଳୀୟ ପତାକା ଧରି ସଭା ସମିତିରେ ଯୋଗ ଦେବାର ନଜିର ଅଛି ଓ ରାଜନୀତି ଆଜି ଏକ ଦୁହାଁଳିଆ ଗାଈ ସଦୃଶ, ସମସ୍ତେ ଆଜି ରାଜନୀତି ପାଇଁ ଆଗହୀ ଓ ଶିକ୍ଷିତ, ଅଶିକ୍ଷିତ, ବେକାର, ଉଚ୍ଚଡିଗ୍ରୀ ଧାରୀ, ଇଞ୍ଜିନିଅର, ଡାକ୍ତର, ଓକିଲ, ବାବାଜୀ, ୫ ବର୍ଷ ଆୟୁଷ ନଥିବା ବୃଦ୍ଧ, ବୃଦ୍ଧା, ଭିକ୍ଷା ବୃତ୍ତି କରୁଥିବା ବ୍ୟକ୍ତି ବି ଆଜିକାଲି ପ୍ରାର୍ଥୀପତ୍ର ଦେଇ ନିର୍ବାଚନ ଲଢେଇରେ ଅବତୀର୍ଣ୍ଣ ଓ ଦେଶ ଓ ଜନତାଙ୍କ ସେବା ପାଇଁ ପ୍ରାର୍ଥୀ ମାନେ ଆଗଭର ନା' ଅନ୍ୟକିଛି ଉଦ୍ଦେଶ୍ୟ ପାଇଁ ଲାଳାୟିତ ? ସେବା କରିବାପାଇଁ ସବୁ ପ୍ରକାର ବାଟ ଅଛି, ରାଜନୀତିରେ ପ୍ରବେଶ ପାଇଁ ଆଶାୟୀ ପ୍ରାର୍ଥୀ ମାନେ ଯେଉଁ ବିଷୟରେ ଶିକ୍ଷାଲାଭ କଲେ, ଯେଉଁଥିରେ ଦକ୍ଷତା ହାସଲ କଲେ ସେଇ କାର୍ଯ୍ୟ କରି ଦେଶସେବା ବା ଜନତାଙ୍କ ସେବା କରିବାକୁ କୁଣ୍ଠିତ କାହିଁକି ? ଆମ ସମ୍ବିଧାନ ଆମକୁ ଅନେକ ସ୍ୱାଧୀନତା ଦେଇଛି ତେଣୁ ସାମ୍ବିଧାନିକ ନିୟମ ଦ୍ୱାରା ଯେ କେହି ପ୍ରାର୍ଥୀ ହେବାରେ କୌଣସି ସମସ୍ୟା ନାହିଁ ।

ନିର୍ବାଚନ ଋତୁ ଆସିଲେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ସରକାରଙ୍କ ନିର୍ଦ୍ଦେଶ ମାନି ନିର୍ବାଚନ କାର୍ଯ୍ୟରେ ନିଜକୁ ସମର୍ପିତ କରନ୍ତି, ନହେଲେ ଚାକିରୀ ଯିବାର ଭୟ ଓ ସର୍ବ ଶକ୍ତିମାନ ନିର୍ବାଚନ ଆୟୋଗର କୋପଦୃଷ୍ଟି ପଡ଼ିବାର ଆଶଙ୍କା ଥାଏ ଓ ସରକାର ନିଜ ଅଧୀନରେ ଥିବା କର୍ମଚାରୀଙ୍କ ସହିତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରନ୍ତି ଫଳରେ ସେମାନେ କାର୍ଯ୍ୟ କରୁଥିବା ସ୍କୁଲରେ ଶିକ୍ଷା ଦେବାରେ ବ୍ୟାଘାତ ସୃଷ୍ଟି ହୁଏ ଓ ସରକାର ଶିକ୍ଷାନୁଷ୍ଠାନର ଉନ୍ନତି କରୁଥିବାବେଳେ, ଡିଜିଟାଇଜେସନ, ସ୍ମାର୍ଟ ବୋର୍ଡ, ଚକ ଖଡ଼ି, ଡଷ୍ଟର, ବ୍ଲାକ ବୋର୍ଡ ରହିତ ଶିକ୍ଷା, ନୂତନ ଶ୍ରେଣୀଗୃହ, ଉନ୍ନତ ମାନର ଚୌକି ଟେବୁଲ, ଉଜ୍ଜଳ ଆଲୋକ, ଫୁଲ ଫଳରେ ପୂର୍ଣ୍ଣ ବାଡ଼ିବଗିଚା, ଜୀବାଣୁ ରହିତ ପାନୀୟ ଜଳ, ପୋଷାକ, ସୁଷମ ଖାଦ୍ୟ, କ୍ରୀଡା ସାମଗ୍ରୀ, ଇଣ୍ଟରନେଟ, ଦଣ୍ଡମୁକ୍ତ ପରିବେଶ, ବସ୍ତାନି ହାଲୁକା କରିବାର ନିୟମ କରିଦେଇ ଖୁବ ସୁନାମର ଅଧିକାରୀ ହେବା ସହିତ ବିଶ୍ୱସ୍ତରୀୟ ମାନ୍ୟତା ପାଇବାକୁ ଯୋଗ୍ୟ ବୋଲି ଖୁବ୍ ପ୍ରଚାର ପ୍ରସାର ହେଉଛି ଓ ଏହା ସତ୍ୟ, ଯେକେହି ମଡେଲ ସ୍କୁଲ ଗୁଡିକକୁ ବାହାରୁ ଦେଖିବେ ଘଡ଼ିଏ ରହିଯିବେ ..... କିନ୍ତୁ ଏହି ସ୍କୁଲ ଚାଲିବ କେମିତି ? ଚଳାଇବ କିଏ? ଖାଲି ବାତାନୁକୂଳିତ କାର୍ଯ୍ୟାଳୟରେ ବସି ପରିକଳ୍ପନା କରିବା ଅପେକ୍ଷା ବାସ୍ତବତାକୁ ଅଙ୍ଗେ ଅଙ୍ଗେ ଅନୁଭବ କରିବା ଉଚିତ ଓ ଶିକ୍ଷକ ବିହୀନ ସ୍କୁଲ, ଚାଳକ ବିହୀନ ଗାଡି ଓ ଅଙ୍କୁଶ ବିହୀନ ହସ୍ତୀ ପରି ଅବସ୍ଥା ଓ ସରକାର କେତେବେଳେ ଶିକ୍ଷକ ମାନଙ୍କୁ ନିର୍ବାଚନ ତ ' କେତେବେଳେ ଜନଗଣନା ତ ' କେତେବେଳେ ଆଉ କିଛି କାର୍ଯ୍ୟରେ ନିୟୋଜିତ କରିଥା'ନ୍ତି ଓ ଶିକ୍ଷକମାନେ ଦେଶର ମେରୁଦଣ୍ଡ । ସେମାନେ ନଥିଲେ ଆମେ ଆଜି ଯେଉଁ ମୂର୍ଖକୁ ସେଇ ମୂର୍ଖ ହୋଇ ଥା'ନ୍ତୁ । ଶିକ୍ଷକମାନଙ୍କୁ ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ ନକରି ଏକ ଶୃଙ୍ଖଳିତ ପରିବେଶ ତିଆରି କରି କେବଳ ଶିକ୍ଷା ଏବଂ ଶିକ୍ଷାର ଉନ୍ନତି ପାଇଁ ଯାହା ଆବଶ୍ୟକ କେବଳ ସେହି କାର୍ଯ୍ୟରେ ନିୟୋଜିତ କରନ୍ତୁ ଓ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ହାତଚିକ୍କଣ କରିବାକୁ ବା ଉପରିସ୍ଥ ବାବୁମାନଙ୍କ ପ୍ରିୟପାତ୍ର ହେବାକୁ ନିଜ ଦାୟିତ୍ୱକୁ ଜଳାଞ୍ଜଳି ଦେଇ ନିଜ ତରଫରୁ ନିଜ ଦାୟିତ୍ୱ ଠାରୁ ଦୁରେଇ ରହୁଛନ୍ତି ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେବାକୁ ବି ପଶ୍ଚାତପଦ ହେଉ ନାହାନ୍ତି । ସେମାନେ ନିଜେ ନିଜର ଆତ୍ମସମୀକ୍ଷା କରିବା ଉଚିତ ଯେ, ସେମାନେ ଯେଉଁଥି ସରକାରଙ୍କ ଠାରୁ ପାଇଁ ଦରମା ପାଉଛନ୍ତି ତାହା ବଦଳରେ ସେମାନେ ଶିକ୍ଷାର ଉନ୍ନତି ପାଇଁ ନିଜକୁ କେତେ ସମର୍ପଣ କରୁଛନ୍ତି ? ଶିକ୍ଷାର ବିକାଶ କେତେ ହେଉଛି? ଦେଶ ତା'ଙ୍କଠାରୁ କ'ଣ ଆଶା କରୁଛି? ଆଜିର ଛାତ୍ରଛାତ୍ରୀ ତଥା ଆଗାମୀ କାଲିର ନାଗରିକଙ୍କ ଭବିଷ୍ୟତ କ'ଣ ହେବ? ଏହା ଏକ ଗୁରୁତ୍ୱ ପୂର୍ଣ୍ଣ ବିଷୟ । ହୁଏତ କିଛି ବ୍ୟକ୍ତି ଏହି କଥାକୁ ନାପସନ୍ଦ କରିବେ । ତେବେବି ବର୍ତ୍ତମାନ ଆତ୍ମସମୀକ୍ଷା କରିବାର ବେଳ ଉପନୀତ । ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଲେ ଦେଶ ଭୁଶୁଡି ପଡିବ ଏହା ନିଃସନ୍ଦେହ । ଶିକ୍ଷକମାନଙ୍କୁ ନିଜ କର୍ତ୍ତବ୍ୟ କରିବାକୁ ଦିଅନ୍ତୁ, ତା'ଙ୍କ ଭଲ କାମ ପାଇଁ ପ୍ରୋତ୍ସାହନ ଦିଆ ଯିବା ସହିତ ଦୁର୍ନୀତିଖୋର ଶିକ୍ଷକମାନଙ୍କୁ ଆଇନ ଅନୁଯାଇ ଦଣ୍ଡିତ କରିବା ଉଚିତ । ଶିକ୍ଷାଧିକାରୀମାନେ ଆଜିକାଲି ଆଉ ସ୍କୁଲ ଗସ୍ତ କରୁନଥିବା ପରି ମନେହୁଏ ଓ ନିକଟ ଅତୀତରେ ଶିକ୍ଷାମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ଆଉ ଅଚାନକ ସ୍କୁଲ ପରିଦର୍ଶନ କଥା ଅନ୍ତେ ବହୁତେ ସମସ୍ତେ ଜାଣନ୍ତି । ନକଲି ଶିକ୍ଷକ ଆଉ ତା'ଙ୍କୁ ପ୍ରୋତ୍ସାହିତ କରୁଥିବା ଅଧିକାରୀଙ୍କ ସଂଖ୍ୟା ମଧ କମ୍ ନୁହେଁ । ଏଠି ତ' କମ୍ବଳ ଯାକ ବାଳ । କାହାକୁ ଧୋଇବା ଆଉ କାହାକୁ ବାଛିବା? ସତ କହିବାକୁ ଗଲେ କେହି କାହାରିକୁ ମାନିବାକୁ ଚାହୁଁ ନାହାନ୍ତି । ଏହାପଛର ରହସ୍ୟ କଣ? ଅରାଜକତା ଛଡା କିଛି ନୁହେଁ ଓ ତେଣୁ କଥାରେ ଅଛି 'ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡା କାଠ' ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରୁ ଶିକ୍ଷକମାନଙ୍କୁ ଦୂରେଇ, କେବଳ ଛାତ୍ର ଛାତ୍ରୀଙ୍କୁ ଶିକ୍ଷା ଦେବେ ଏହି ନିୟମ କଡାକଡ଼ି ପାଳନ ହେଲେ ଶିକ୍ଷାର ବିକାଶ ହେବ ଓ ଶିକ୍ଷକ ସମାଜରେ ଏକ ସମ୍ମାନିତ ବ୍ୟକ୍ତିତ୍ୱ, ଶିକ୍ଷକଙ୍କୁ ସମ୍ମାନ ଦେଇ ଜାଣିଲେ ଆମ ପିଲା ଭବିଷ୍ୟତରେ ସମ୍ମାନ ନିଶ୍ଚୟ ପାଇବେ ଏହା ନିଃସନ୍ଦେହ ।


ସ୍ନେହ କୁଟୀର, ଝାଞ୍ଜିରୀ
ମଙ୍ଗଳା, କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭





## ଛଣଘର

### ସୁନୀଲ କୁମାର ପ୍ରଧାନ

ଛଣଘର ଆଉ ଦେଖାଯାଉନାହିଁ
ସବୁହୋଇଗଲା ପକା
ଗୋବର ଲେପନ କାନ୍ଥରେ ଲାଗୁନି
ଆଉ ନ ପଡଇ ଦେଖା ।

ନଡ଼ା ଛପରରେ ମାଟି ଘର ସବୁ
ହୋଇଥାଏ ଯେ ତିଆର
ସେ ଘରରେ ଲୋକ ବାସକରୁଥାନ୍ତି
ଆନନ୍ଦ ସତେ ମନର ।

ଛଣ ଘରରେ ଘର ଚଟିଆ ଯେ
କରିଥାଏ ନିଜ ବସା
ସବୁ ଘର ଜାକ ପକା ହୋଇଗଲା
ପଡ଼ିଗଲା ପକ୍ଷୀଙ୍କୁ ଦଶା ।

ମଗୁସୁର ମାସ ଆସିଗଲେ ଭାଇ
ମାଟିକାନ୍ଥ ଦେଉ ଚିତା
ସୁନ୍ଦର ଲାଗଇ ତାହାରି ଯେ ଦୃଶ୍ୟ
ଜଳାଇ ସଂଜବଳିତା ।

ଛଣଘର ସତେ ଆଉ ମିଳିବନି
ନ ମିଳିବ ସେହି ଘର
ପକା ଘରେ ସତେ ଜୀବନ କଟିବ
ଏହା ହିଁ ଅଟଇ ସାରା ।


ଝାଟିପଦର, ପାଲୁର ,ଗଞ୍ଜାମ
ମୋ - ୭୬୦୯୯୩୪୩୬୬


## ଶୀତ ତୁମେ କେଡ଼େ ଭଲ !

### କାଳିକିଙ୍କର

ଗରିବ ନିଃସ୍ୱ ବାସହୀନ ଯେତେ
କଷ୍ଟପାଆନ୍ତି
ଶୀତ କାକରରେ ଶୋଇବା ପାଇଁ ଯେ
ବାଧ ହୁଅନ୍ତି

ଖରା କିନ୍ତୁ କରେନି କଲବଲ,
ଧନୀକ ମଧ୍ୟମ ଘର ଲୋକ ଯେତେ
କହନ୍ତି ଶୀତକୁ ଯେ କେଡ଼େଭଲ।

ଶୀତରେ ସଅଳ ପାହେନାହିଁ ରାତି
ଦିନଟି ଛୋଟ
ଗୁହାଳକୁ ଛାଡ଼ି ରାତିରେ ବାହାରେ
ଯେ ଗୋରୁଗୋଠ

କେଡ଼େ ମନୋରମ ସଞ୍ଜ-ସକାଳ,
ସୁରୁଜ ଉଇଁଲେ ସଭିଏଁ କହନ୍ତି
ଶୀତ ତୁମେ କେଡ଼େ ଭଲ।

ଶୀତ ଏକ ଋତୁ ତାପରେ ଆସନ୍ତି
ବସନ୍ତରାଜା
ଶୀତେ ଫୁଲଫଳ ପନିପରିବାର
ନହୁଏ ଖୋଜା

ଶୀତବସ୍ତ୍ର ଶେଯ ସହ କମ୍ବଳ,
ମିଳିଲେ ସଭିଁଙ୍କୁ ଗରିବ ବି କହେ
ଶୀତ ତୁମେ କେଡ଼େଭଲ।

ଶୀତହେ ଶୀତ
ତୁମେ ଆସିଗଲେ ନଲାଗେ ଭୋକ
କେବଳ କମ୍ବଳ ରେଜେଇ ଭିତରେ
ଶୋଇବାକୁ ଲାଗେ ଭା'ରି ସଉକ
ଆମ୍ବଉଳ
ଶୀତ ତୁମେ କେଡ଼େ ଭଲ !


ସୌଭାଗିନୀ ନିବାସ, ରଟିଲୋ,
ରେଞ୍ଚ, ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭।


## ବିବଶ ମୃତ୍ୟୁ

### ଶୁଭଦର୍ଶିନୀ ଦାଶ

ହୋଇପାରେ ମୃତ୍ୟୁ ସତ୍ୟ ଚିରନ୍ତନ
ଭୟଭୀତ କରିପାରେ ଭୟାତୁର ମନକୁ
ଜିଇବା ଇଚ୍ଛାରେ ପାଇପାରେ ପ୍ରଭୂ ପଦ
ଅଙ୍କିପାରେ ମୃତକର ନାମ ଆଗେ ନିଜ
ସ୍ୱାକ୍ଷର
ନୀରବେ ଆସି ଖେଳିଦେଇ ଯାଇପାରେ
ରକ୍ତର ହୋଲି
ହୋଇପାରେ ସେ କୋମଳ ସ୍ପର୍ଶ
ଚୀର ନିଦ୍ରାର
ଶେଷ ଠିକଣା ଶେଷ ନିଶ୍ୱାସର
ନେପଥ୍ୟ ନାୟକ ସାଜି ଖତେଇଦେଇ
ଯାଇପାରେ
ସମୟର ହିସାବରେ କମା ଦିଆ
ଜୀବନକୁ,
ସମୟଟା କିନ୍ତୁ ଖାଣ୍ଟି ସୌଦାଗର
ହିସାବ ନିକାଶରେ କେବେ କରେନି
ପାତର ଅନ୍ତର
ତା ନାମ ଜପି ଆୟୁଷ ମଇଦାନରେ
ରଚିଗଲେ ମୃତ୍ୟୁ ଯେତେ ତାଣ୍ଡବ
ସମୟ ଆଗେ ସେଯେ ବିବଶ ଦାସ
ମୁଣ୍ଡ ନୁଆଁଇ ବଞ୍ଚିବାକୁ ହୁଏ ତାକୁ
ତା ପରିବାପଣିଆକୁ କରିବାକୁ ଚରିତାର୍ଥ
କାହାରି ଜୀବନେ ନାହିଁ ତାର ଅଧିକାର
ଯେ ଯାଏଁ ପଢ଼ିନାହିଁ
ଜୀବନ ପୁସ୍ତିକାରେ
ସମୟର ପୂର୍ଣ୍ଣଚ୍ଛେଦ ।


+ ଭୁବନେଶ୍ୱର
(ମୋ) ୮୨୮୦୩୧୧୦୦୦



ଜୟଶ୍ରୀ ପଟ୍ଟନାୟକ

# ମାର୍ଗଶୀର ମାସ ଓ ମାଣବସା ପୂଜା



ଧର୍ମ, ଐତିହ୍ୟ, ସଂସ୍କୃତିର ରାଜ୍ୟ ଓଡିଶା ଏକ ଆଧ୍ୟାତ୍ମିକ ପରମ୍ପରାର ରାଜ୍ୟ । ଓଡିଶାର ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ନେଇ ଅନେକ ପର୍ବ ପର୍ବାଣିରେ ମହିମା ମଣ୍ଡିତ ଆମ ଓଡିଶା । ପର୍ବ ପର୍ବାଣି , ଯାନି ଯାତରା , ଝୋଟି ଚିତା, ପିଠା ପଣା, ଓଷା ବ୍ରତ ଉତ୍କଳର ବୈଶିଷ୍ଟ୍ୟ । ଭାରତୀୟ ସଂସ୍କୃତିରେ ମହାଲକ୍ଷ୍ମୀ ଧନ ଓ ପ୍ରାଚୁର୍ଯ୍ୟର ଦେବୀ ରୂପେ ପ୍ରତୀୟମାନ । ସେ ପରମାତ୍ମାଙ୍କ ଶକ୍ତି ରୂପେ ପୂଜିତା । ସେ ଅନ୍ନଦାତ୍ରୀ, ବିଷ୍ଣୁପ୍ରିୟା । ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଓଡିଆ ମାଣବସା ପୂଜା, ସୁଦଶା ବ୍ରତ ଉତ୍କଳର ଘରେ ଘରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଆସିଛି କୋଉ ଆବାହମାନ କାଳରୁ । ଗଣନାକାରଙ୍କ ମତରେ ମାର୍ଗଶିର ମାସକୁ ପ୍ରଥମ ବା ଆଦ୍ୟମାସ ବୋଲି ପରିଗଣିତ କରାଯାଇଛି ।ଭାଗବତ ଗୀତାର ବିଭୂତିଯୋଗରେ କୁହାଯାଇଛି- ମାସାନାଂ ମାର୍ଗଶୀର୍ଷୋଅହମ୍ ଅର୍ଥାତ ମାସମାନଙ୍କ ମଧ୍ୟରେ ମୁଁ ଅଟେ ମାର୍ଗଶିର । ଏହିମାସରେ ବିଷ୍ଣୁଙ୍କର ନାମ କେଶବ । ଏହିମାସ ବିଷ୍ଣୁ ବା ବା କୃଷ୍ଣଙ୍କର ସ୍ୱରୂପ ଅଟେ । ନକ୍ଷତ୍ର ଗଣନାରେ ଏହିମାସ ପୂର୍ଣ୍ଣମୀରେ ଚନ୍ଦ୍ର ମୃଗଶିରା ନକ୍ଷତ୍ରରେ ଅବସ୍ଥାନ କରନ୍ତି ତେଣୁ ମଧ୍ୟ ମଙ୍ଗସର ନାମ ମାର୍ଗଶିର ।

ପୃଥିବୀର ପ୍ରତ୍ୟେକ ବସ୍ତୁରେ ଦୈବୀ ଶକ୍ତି ରହିଥିବା ଆମ ବିଶ୍ୱାସ । ଶକ୍ତି ହିଁ କଲ୍ୟାଣମୟୀ, ପାଳନକାରିଣୀ ପୁଣି ସଂହାରକାରିଣୀ । ଆଦ୍ୟାଶକ୍ତି ମହାଶକ୍ତି, ମହା ସରସ୍ୱତୀ, ମହାକାଳୀ, ମହାଲକ୍ଷ୍ମୀ ରୂପରେ ବିଦ୍ୟମାନ ହୋଇ ଭକ୍ତମାନଙ୍କୁ ସହାୟ ହୋଇଥାନ୍ତି । ଲକ୍ଷ୍ମୀଙ୍କୁ ନେଇ ଆମ ଓଡିଶାରେ ଅନେକ ପୂଜା ରହିଛି ଆଶ୍ୱିନ ପୂର୍ଣ୍ଣିମାରେ ଗଜଲକ୍ଷ୍ମୀ, ଦୀପାବଳୀରେ ଧନ ଓ ଐଶ୍ୱର୍ଯ୍ୟର ଦେବୀ, ଗୁରୁପଂଚମୀ ବ୍ରତ, ସୁଦଶା ବ୍ରତ ଏବଂ ମାଣବସା ପ୍ରଭୃତି ଅନେକ ପୂଜା ହୁଏ । ତନ୍ମଧ୍ୟରୁ ମାର୍ଗଶିର ମାସ ଗୁରୁବାର ଆସିଲେ ଓଡିଶାର ପୁରପଲ୍ଲୀରେ ମହକିଉଠେ ପବିତ୍ରତାର ବାସ୍ନା । ଘରଦ୍ୱାର ପରିଷ୍କାର, ପରିଚ୍ଛନ୍ନ କରି, ଗୋବରପାଣି ଛିଂଚି , ଗୋବରଲିପା ଅଗଣା ଉପରେ ବନମାଟି ଲିପା ହୋଇ , ତା ଉପରେ ଅରୁଆ ଚାଉଳକୁ ବଟୁରାଇ ବାଟି ପଡିଥାଏ ଲକ୍ଷ୍ମୀପୂଜାର ଚିତା, ଲକ୍ଷ୍ମୀପାଦ, ହାତୀ, କଳସ, ଧାନକେଣ୍ଡା, ବିଭିନ୍ନ ପ୍ରକାରର ସୁନ୍ଦର ସୁନ୍ଦର ଚିତା ।ଯାହା ଓଡିଆ ଘରର ପ୍ରଥା ଓ ପରମ୍ପରା । ଘରେ ଘରେ ପିଠାପଣା ସାଙ୍ଗକୁ ପଂଚସଖା ଯୁଗର ବଳରାମ ଦାସଙ୍କ ଦ୍ୱାରା ଲିଖିତ ଲକ୍ଷ୍ମୀପୁରାଣର ମିଳିତ ସ୍ୱର ଭାସିଆସେ ଶୁକ୍ଳବସ୍ତ୍ର ପିନ୍ଧା ପାଦରେ ଅଳତାଲଗା ସଧବା ସ୍ତ୍ରୀମାନଙ୍କ କଣ୍ଠରୁ । ଜାତି, ବର୍ଣ୍ଣ, ଧର୍ମ ଠାରୁ ଉର୍ଦ୍ଧ୍ୱରେ ଚଣ୍ଡାଳ ଠାରୁ ବ୍ରାହ୍ମଣ ସମସ୍ତେ କରନ୍ତି ଏହି ପୂଜା । ଲକ୍ଷ୍ମୀ ପୁରାଣ ଜାତି ଉପରେ ଗୁରୁତ୍ୱ ଦିଏନାହିଁ ବରଂ ଗୁରୁତ୍ୱ ଦିଏ ଆଚରଣ ପବିତ୍ରତା, ସ୍ୱଚ୍ଛତା ଉପରେ । ଅସ୍ପୃଶ୍ୟତା ନିବାରଣ, ଜାତିପ୍ରଥା ଲୋପ କରିବା, ଶ୍ରୀମନ୍ଦିରରେ ମୁଷ୍ଟିମେୟ ବ୍ରାହ୍ମଣମାନଙ୍କର ଉଗ୍ର ଆଚରଣ ବଳରାମ ଦାସଙ୍କୁ ବିଚଳିତ କରିଥିଲା ତେଣୁ ସେ ଜଗନ୍ନାଥ ଓ ବଳଭଦ୍ରଙ୍କୁ ରତ୍ନ ସିଂହାସନରୁ ଓହ୍ଲାଇ ଆଣିଥିଲେ ଶ୍ରୀୟା ଚଣ୍ଡାଲୁଣୀର ଭଙ୍ଗା କୁଟୀରକୁ । ଓଡିଆ ପରମ୍ପରାରେ ଧନଧାନ୍ୟ, ସୌଭାଗ୍ୟ, ପ୍ରାଚୁର୍ଯ୍ୟର ଦେବୀ ହେଉଛନ୍ତି ଲକ୍ଷ୍ମୀ । ସେ ସୁଦୟା ହେଲେ ଭଙ୍ଗା କୁଡିଆ ବି ହୋଇପାରେ ରାଜମହଲ । ସେ ସୁଦୟା ନ ହେଲେ ରାଜମହଲ ବି ସାଜିପାରେ ଭଙ୍ଗା କୁଡିଆ । ତେଣୁ ସେ ଦରିଦ୍ରଭଞ୍ଜନୀ । ସେ ଧର୍ମ, ଅର୍ଥ, କାମ, ମୋକ୍ଷ ଓ ଐଶ୍ୱର୍ଯ୍ୟର ଦେବୀ । ବିଷ୍ଣୁ ପତ୍ନୀ , ପରମାତ୍ମାଙ୍କ ଶକ୍ତି ରୂପରେ ପୂଜା ପାଆନ୍ତି ଶ୍ରୀ ମନ୍ଦିରରେ । ରତ୍ନ ସିଂହାସନରେ ଶ୍ରୀ ଜଗନ୍ନାଥଙ୍କ ସହ ଶ୍ରୀ ଦେବୀ ଭାବରେ ପୂଜା ପାଉଛନ୍ତି । ସେ ସିନ୍ଧୁସୂତା, ପଦ୍ମାଳୟା, କମଳା, ଶ୍ରୀହରିପ୍ରିୟା, ଇନ୍ଦିରା, ଲୋକମାତା, କ୍ଷିରାବ୍ଧିତନୟା, ରମା, ସାଗରଦୁଲଣୀ,ଚଂଚଳା । ଲକ୍ଷ୍ମୀଙ୍କରଏହି ଦଶ ନାମରେ ଗଣ୍ଠି ପକାଇ ସୁଦଶା ବ୍ରତ ଧାରଣ କରିଥାନ୍ତି ଓଡିଆ ଘରର ବୋହୂମାନେ, ଶୁକ୍ଳଦଶମୀ ଗୁରୁବାର ସୁଦଶାବ୍ରତ ପଡିଲେ ।

ମାର୍ଗଶିର ମାସରେ ପଡେ ମାଣବସା ପ୍ରତ୍ୟେକ ଓଡିଆ ଘରର ପୂଜା । ଓଡିଶାରେ ମାର୍ଗଶିର ମାସ ଚାରିପାଳି ହୋଇଥାଏ ଲକ୍ଷ୍ମୀପୂଜା ଯାହାକି ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ । ଏ ପୂଜାରେ ଜାତି ଅଜାତି କିଛି ବି ନାହିଁ । ମହାଲକ୍ଷ୍ମୀ ଧନ, ଅନ୍ନର ଦେବୀ । କୃଷିଭିତିକ ପର୍ବ ମାଣବସା । ଚାଷୀ ତା ଅମଳର ପ୍ରଥମ ଧାନ ମା'କୁ ଅର୍ପଣ କରେ । ସେଥିପାଇଁ ମାଣବସା ଗୁରୁବାର ଆସିଲେ ପ୍ରତି ଓଡିଆଣି ଘରଦ୍ୱାର ଗୋବରରେ ଲିପାପୋଛା କରି ବନମାଟି ଲିପି ଅରୁଆ ଚାଉଳ ପିଠଉ ବାଟି ଲକ୍ଷ୍ମୀ ପାଦ ଚିତା, ଷୋଳକ ପଦ୍ମ, ଧାନକେଣ୍ଡା, ମାଣଚିତା ଘର ଅଗଣାରୁ ଖଳାଯାଏଁ ଆଙ୍କିଥାଏ । ଶେଷପାଳି ଗୁରୁବାର ଦିନ ପ୍ରଭାତରୁ ସ୍ନାନ କରି, ମାଣ ଓ ଖଟୁଲିକୁ ଚିତା ଚନ୍ଦନ, ସିନ୍ଦୂର ଦେଇ ସଜାଏ । ଶୁକ୍ଳବର୍ଣ୍ଣ ଧାନ ମାଣରେ ଓ ଗୌଣିରେ ବିରି ରଖି, ଖଟୁଲିକୁ ବୋହୂ ରୂପେ ବସ୍ତ୍ର ପିନ୍ଧାଇ, ଗେଣ୍ଡୁଫୁଲ, ପଦ୍ମଫୁଲ, ଧାନମେଂଟା, ମୂଳା, ଆଖୁ, ସୋରିଷଫୁଲ, ଦୂବ, ବରକୋଳି ପତ୍ରରେ ସଜେଇଦିଏ । କଦଳୀ, ଛେନା, ନଡିଆ ଗୁଡ ଦହି, ଅଁଳା, କଂଟେଇକୋଳି ଥୋଇ ଚନ୍ଦନ, ସିନ୍ଦୂର ଲଗାଏ । ବଳରାମ ଦାସଙ୍କ ଲିଖିତ ମାଣବସା ଗୁରୁବାର ବା ଲକ୍ଷ୍ମୀ ପୁରାଣ ପଢ଼ି, ପିଠାପଣା, ଧୂପଦୀପ ଥୋଇ ସାଷ୍ଟାଙ୍ଗ ହୁଏ ଲକ୍ଷ୍ମୀ ମାତାଙ୍କୁ । ଭୋଗ ଖାଇ, ପାଦରେ ଅଳତା, ମଥାରେ ସିନ୍ଦୂର ନାଇ, ଶୁକ୍ଳବର୍ଣ୍ଣର ଲୁଗା ପିନ୍ଧି ଖୁବ୍ ନିଷ୍ଠାରେ ପାଳେ । ଏ ପୂଜା ସାମାଜିକ ଚଳଣିକୁ ଖୁବ୍ ପ୍ରାଧାନ୍ୟ ଦେଇଛି ଯେମିତିକି ଗୁରୁବାର ଦିନ ଅନେକ କଥା କରିବାକୁ ବାରଣ କରିଛି ଯଥା କ୍ଷୌର ହେବା, ଖଇ ନଭାଜିବା, ନଖରେ ଭୂମି ବିଦାରଣ ନକରିବା, ଗୁରୁଜନଙ୍କୁ ଭକ୍ତି କରିବା, ସେବା ମନୋଭାବ ରଖିବା, ଉଚ୍ଚନୀଚ ଭେଦଭାବ ନ ରଖିବା, ପତିଙ୍କୁ ମାନିବା ଇତ୍ୟାଦି ଆହୁରି ଅନେକ କଥା । ଯାହା ସମାଜକୁ ସଂସ୍କାର ମୂଳକ ଶିକ୍ଷା ଦେଇଛି ଲକ୍ଷ୍ମୀ ପୁରାଣ ମାଧ୍ୟମରେ । ମାଣବସା ଅସ୍ପୃଶ୍ୟତା ଦୂରୀକରଣ, ଜାତିଭେଦ ଲୋପ, ପୁରୁଷକୁ ପ୍ରାଧାନ୍ୟ ଦେବାର ହୀନମନ୍ୟତାକୁ ମହତ୍ୱ ପ୍ରଦାନ କରିଛି । କବି ଶ୍ରୀୟା ଚଣ୍ଡାଲୁଣୀ ମାଧ୍ୟମରେ ତଥାକଥିତ ସମାଜକୁ ସୁଧାରିବାକୁ ଚାହିଁଛନ୍ତି ରକ୍ଷଣଶୀଳ ମନୋଭାବରୁ । ଯେତେବେଳେ ଲକ୍ଷ୍ମୀ ଶ୍ରୀମନ୍ଦିର ଛାଡି ନଗର ବୁଲି ଯାଇଛନ୍ତି ଅନେକ ଅସ୍ୱଚ୍ଛ ଜନିତ ଘଟଣାମାନ ନଗରସାରା ବୁଲି ଦେଖିଛନ୍ତି କିନ୍ତୁ ଚାଣ୍ଡାଳ ସାହିରେ ପ୍ରବେଶ କରି ଯେତେବେଳେ ଦେଖୁଛନ୍ତି ଶ୍ରୀୟା ଚଣ୍ଡାଲୁଣୀର ବିଷ୍ଣୁ ଭକ୍ତି ପୂଜା ସେତେବେଳେ ପ୍ରସନ୍ନ ହୋଇ ବର ଯାଚିଦେଇଛନ୍ତି । ଏହି ସମୟରେ ଜଗନ୍ନାଥ ଓ ବଳଭଦ୍ର ମୃଗୟାରୁ ମନ୍ଦିରକୁ ଫେରି ଦେଖନ୍ତି ଲକ୍ଷ୍ମୀ ନାହାନ୍ତି । ବଳରାମ ଓ ଜଗନ୍ନାଥ ଲକ୍ଷ୍ମୀ ଅଛୁଆଁ ଘରେ ପଶି ବାରଦୂଆର ବୁଲି ପୁଣି ମନ୍ଦିର ପଶୁଛି, ଛୁଆଁ ଅଛୁଆଁ କିଛି ବାରୁନାହିଁ ଜାଣିପାରି କ୍ଷୁବ୍ଧ ହୋଇ ଲକ୍ଷ୍ମୀଙ୍କୁ ମନ୍ଦିରରୁ ବିତାଡିତ କରିଛନ୍ତି । ପ୍ରତି ବଦଳରେ ମହାଲକ୍ଷ୍ମୀଙ୍କ କୋପ ଫଳରେ ବାରବର୍ଷ ଖାଦ୍ୟ ପାନୀୟ ନ ମିଳିବାର ଅଭିଶାପ ମଧ୍ୟ ପାଇଛନ୍ତି ଏବଂ କହିଛନ୍ତି - ମୁହିଁ ଚାଣ୍ଡାଲୁଣୀ ଯେବେ ଟେକିଦେବି ଅନ୍ନ ଭୋଜନ କରିବ ତୁମେ କାଳୀୟ ଗନ । ଜାତିପ୍ରଥା ବିଷୟରେ ସ୍ୱର ଉଠାଇଛନ୍ତି । ପ୍ରତ୍ୟେକ ମଣିଷ ମଧରେ ଭଗବାନ ଅଛନ୍ତି ବୋଲି ଲକ୍ଷ୍ମୀ ଶେଷରେ ପ୍ରମାଣିତ କରିଛନ୍ତି । ସେ ଏଥିପାଇଁ ବିଶ୍ୱକର୍ମା, ସରସ୍ୱତୀ, ବେତାଳ, ପଣ୍ଡା ପଢ଼ିଆରୀ ମାନଙ୍କର ସହାୟତା ନେଇ ପ୍ରଭୁ ସେବା ବନ୍ଦ କରିଦେଲେ । ଶେଷରେ ଦୁଇଭାଇ ଲକ୍ଷ୍ମୀଙ୍କ ନଗରରେ ପହଂଚିଲା ପରେ ପତ୍ନୀ ହିସାବରେ ପ୍ରଭୁଙ୍କ ପ୍ରତି ସମ୍ମାନ ଓ ପ୍ରେମ, ବିଚ୍ଛେଦ ଜନିତ ଅବସାଦକୁ ଶାନ୍ତ କରି ନିଜ ହାତରେ ରୋଷେଇ କରି ଆଦର ସହକାରେ ବାଢ଼ି ଦେଇଛନ୍ତି ଖାଦ୍ୟ ଯାହାକୁ ଖାଇ ତୃପ୍ତ ହୋଇଛନ୍ତି ଦୁଇଭାଇ ଏବଂ ବଡଦେଉଳକୁ ଫେରିଯିବାକୁ କହିଛନ୍ତି । ଲକ୍ଷ୍ମୀ ସର୍ତ୍ତ ରଖିଲେ ଯଦି ତାଙ୍କ ମହାପ୍ରସାଦରେ ଚଣ୍ଡାଳ ଠାରୁ ବ୍ରାହ୍ମଣର ଅଧିକାର ରହିବ, ଜାତିଗୋତ୍ରର ଭେଦଭାବ ରହିବନି ମହାପ୍ରସାଦ ପାଇବାରେ କେହି ବି ବଂଚିତ ହେବେନାହିଁ ତେବେ ଯାଇ ସେ ମନ୍ଦିରକୁ ଯିବେ ଏହା କହିବାରୁ ଜଗନ୍ନାଥ ସମ୍ମତି ପ୍ରକାଶ କଲେ ଏବଂ ଜଗନ୍ନାଥ ଲକ୍ଷ୍ମୀଙ୍କ ବିବାଦର ସୂତ୍ରପାତ ହେଲା । ଲକ୍ଷ୍ମୀ ନାରୀର ସମ୍ମାନ, ମର୍ଯ୍ୟାଦା ପାଇ ଶ୍ରୀମନ୍ଦିରରେ ପ୍ରବେଶ କଲେ । ଜଗନ୍ନାଥ ବଳଭଦ୍ର ମଧ୍ୟ ମନ୍ଦିରକୁ ପ୍ରବେଶ କଲେ । ସେଦିନ ଠାରୁ ବ୍ରାହ୍ମଣ ଚଣ୍ଡାଳ, ଶୁଦ୍ରଙ୍କ ମନ୍ଦିର ପ୍ରବେଶ, ରଥଯାତ୍ରାରେ ସାମିଲ ହେବା ଓ ମହାପ୍ରସାଦ ସେବନ ପ୍ରଚଳିତ ହେଲା । ଛୁଆଁ ଅଛୁଆଁ ଭେଦଭାବ ଦୂର ହେଲା । ଜାତିଧର୍ମ ବର୍ଣ୍ଣର ବାଛବିଚାର ଯୁଗ ଯୁଗକୁ ଦେଖାଇଦେଲା ଯେ ମଣିଷ ମନ ପବିତ୍ର ସମସ୍ତଙ୍କ ଦେହରେ ଭଗବାନ ବିଦ୍ୟମାନ । ଆଚରଣ, ସଂଯମତା, ଶିଷ୍ଟାଚାର, ବ୍ୟବହାର , ସୁମିଷ୍ଟ ବଚନ ଚଣ୍ଡାଳକୁ ମଧ୍ୟ ସାଧୁତାରେ ପରିଣତ କରାଏ । ଏହା ଦ୍ୱାରା ଲକ୍ଷ୍ମୀ ପୂଜାର ଆଦର୍ଶ ଓ ମହନୀୟତା ପ୍ରତିପାଦିତ ହେଲା । ସମାଜରେ ପ୍ରତ୍ୟେକ ମଣିଷର ଆଦର୍ଶକୁ ସମ୍ମାନ କରାଗଲା ।

+ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

# ଆତ୍ମବଳ କମାନ୍ତୁ ନାହିଁ

ଶ୍ୱେତା ରାଉତ୍

## ସମ୍ପର୍କର ଗିଣ୍ଠି



ବେଳେବେଳେ ଆମେ ଆମ ବିଚାରକୁ ଏତେ ଦୁର୍ବଳ କରିଥାନ୍ତି ଯେ କୌଣସି କାର୍ଯ୍ୟରେ ସଫଳତା ମିଳିନଥାଏ ଏବଂ ଆମେ ଭାଗ୍ୟକୁ ଦୋଷ ଦିଅନ୍ତି। ପ୍ରତ୍ୟେକ କାର୍ଯ୍ୟର ଆରମ୍ଭ ଯଦି ସକାରାତ୍ମକ ବିଚାରରେ ହୋଇଥାଏ, ତେବେ ସଫଳତା ନିଶ୍ଚୟ ମିଳିଥାଏ, କିନ୍ତୁ କୌଣସି କାର୍ଯ୍ୟର ଆରମ୍ଭ ପୂର୍ବରୁ ଆମେ ଗୁଡ଼ାଏ ନକରାତ୍ମକ କଥା ବିଚାରକୁ ଆଣନ୍ତି ଯେମିତିକି ଆମେ କୁଆଡେ ଯିବାକୁ ବାହାରିବା ବେଳେ ଖୁବ୍ ବ୍ୟଗ୍ର ହୋଇ ଭାବିଥାନ୍ତି ଡେରି ହୋଇଗଲାଣି ପହଞ୍ଚି ହେବନି, ରାସ୍ତା ଭିଡ଼ ଥିବ, ଏତେ ଟ୍ରାଫିକ ଦେଇ ଗଲେ ଆହୁରି ବିଳମ୍ବ ହେବ, ଅଫିସରେ ଗାଳି ଶୁଣିବାକୁ ପଡ଼ିବ ଇତ୍ୟାଦି ଏବଂ ଆମେ ଘରେ ଥିଲେ, ପିଲାମାନେ ସ୍କୁଲ ଯାଇଥିଲେ, ସାମାନ୍ୟ ଡେରି ହେଲେ ବ୍ୟସ୍ତ ହୋଇ ଆମେ ଗୁଡ଼ାଏ ଇଆଡୁ- ସିଆଡୁ ଭାବିଥାନ୍ତି 'ବସ୍ ଷ୍ଟପରୁ ମୋ ପିଲାକୁ କିଏ ଉଠେଇ ନେଲା କି, ମିଛ କହି ସ୍କୁଲ ନଯାଇ ଆଉ କୁଆଡେ ବୁଲୁଛି କି, ସାଙ୍ଗମାନଙ୍କ ସହିତ ମଦ ପିଉଛି କି, ବାଟରେ କିଛି ଦୁର୍ଘଟଣା ହେଲା କି ଇତ୍ୟାଦି ଇତ୍ୟାଦି। ଆମ ମନକୁ ସବୁବେଳେ ଏତେ ନକରାତ୍ମକ ବିଚାର କାହିଁକି ଆସେ ?

ଆମେ ଏମିତି ବି ଭାବିପାରନ୍ତେ, ଇଶ୍ୱର ସବୁବେଳେ ଆମର ସୁରକ୍ଷା କବଚ ହୋଇ ଆମ ରକ୍ଷା କରନ୍ତି, ମୋ ସହିତ ସବୁକିଛି ଠିକ୍ ହେବ, ମୋ ପିଲା ଖୁବ୍ ସାହସୀ,ସେ ଭଲରେ ଆସି ଘରେ ପହଞ୍ଚିବ, ଅଫିସରେ ବହୁତ ଭଲରେ ଦିନ କଟିବ, ଟିକେ ବିଳମ୍ବ ହେଲେ କଣ ଅଛି,ମୁଁ ଠିକ୍ ସମୟରେ ଅଫିସରେ ପହଞ୍ଚି ଯିବି ଇତ୍ୟାଦି। ସୁଖ ଦୁଃଖ ତ ଜୀବନର ଖେଳ, ଦୁଃଖ ଆସିଲେ ଆସୁ ଆଗକୁ ଦେଖାଯିବ, ଏ ଦୁଃଖ ପଛରେ ବି କିଛି ମହତ କାରଣ ଥାଇପାରେ, କାରଣ ଈଶ୍ୱର ସବୁବେଳେ ପ୍ରାଣୀର ମଙ୍ଗଳ କରନ୍ତି। ଈଶ୍ୱର ସ୍ୱୟଂ ଆମର ରକ୍ଷା କର୍ତ୍ତା, ପରମାତ୍ମଙ୍କ ପ୍ରତି ଆମ ଆତ୍ମା ବିଶ୍ୱାସ ଓ ଭରସା ରଖିଲେ ସେ ବଡ ବଡ ବିପଦରୁ ଉଦ୍ଧାର କରିବେ, ଆଉ ଯଦି ଆମ ଆତ୍ମାରେ ବିଚଳନ ଥାଏ ଆମେ କେବେ ଈଶ୍ୱରଙ୍କ ସାନିଧ୍ୟ ପାଇ ପାରିବା ନାହିଁ।

କେବେ କେଉଁଠି କଣ ଘଟିଥିଲା ସେ କଥାକୁ ମୁଣ୍ଡରେ ରଖି ଆମେ ଯଦି ବ୍ୟସ୍ତ ବିବ୍ରତ ହୋଇ ସବୁବେଳେ ସେହି ଦୁର୍ଘଟଣାକୁ ଭାବି ହେବା, ତାହା କେତେବେଳେ ଘଟିଯାଇପାରେ ! କାରଣ ଆମେ ବାରମ୍ବାର ଯାହା ଭାବନ୍ତି, ଆମକୁ ତାହା ଦରକାର ବୋଲି ପ୍ରକୃତି ବିବେଚନା କରେ ଓ ତାହା ହିଁ ଦେଇଥାଏ। ଆମେ ଯଦି ଆତ୍ମବଳକୁ ଦୁର୍ବଳ କରି ସବୁବେଳେ ଦୁର୍ଘଟଣାକୁ ମୁଣ୍ଡରେ ରଖି ଭାଳି ହେବା, ପ୍ରକୃତି ଆମକୁ ଦୁର୍ଘଟଣା ହିଁ ଦେଇଦେବ। ସେଥିପାଇଁ ବୋଧହୁଏ କୁହନ୍ତି 'କାଳ କଥା ତୁଣ୍ଡରେ ଧରନା' ଓ'ଶୁଭ୍ ଶୁଭ୍ ବୋଲୋ' ଇତ୍ୟାଦି।

ଝିଅକୁ ଶାଶୁ ଘରକୁ ପଠାଇବାବେଳେ ମାଆମାନେ ଭାରି ବିବ୍ରତ ହୁଅନ୍ତି,ପର ଘରେ ମୋ ଝିଅ ଚଳି ପାରିବ ତ! ଜ୍ୱାଇଁଟା ଯଦି ଖରାପ ପଡିବ, କାଲେ ତାକୁ କିଏ ବାଡାବାଡି କରିବେ କି ? ଝିଅ ପଛକେ ଶାଶୁ ଘରେ ସମସ୍ତଙ୍କୁ ଧମକେଇ ରଖିଥିବ, କିନ୍ତୁ ମାଆମାନେ ଚିନ୍ତା କରୁଥିବେ ଓଲଟା। ଯଦି ମାଆଟିଏ ଠିକ୍ ସଂସ୍କାର ଦେଇ ଝିଅକୁ ପଠେଇଛି, ତେବେ ସେ ଡରିବ କାହିଁକି, ଝିଅ ନିଜର ଶ୍ରଦ୍ଧା, ବୁଦ୍ଧି ଓ ସଂସ୍କାର ଦ୍ୱାରା ସେ ପରିବାରକୁ ଆପଣେଇ ନେବ। ଝିଅ ପାଇଁ ଅଯଥା ଚିନ୍ତା ନକରି ବରଂ ଗଢ଼ିବା ବେଳେ ତାକୁ ସଠିକ୍ ବ୍ୟବହାର ଶିଖେଇଲେ, ସଂପର୍କର ମର୍ଯ୍ୟାଦା ଓ ମୂଲ୍ୟବୋଧ ସିଖେଇଲେ ଅନ୍ତତଃ ଏତେ ଚିନ୍ତା କରିବାକୁ ପଡ଼ିବ ନାହିଁ।

କେବେ ଯଦି ଅସମୟରେ କୋଉଠୁ ଫୋନ୍ ଆସିଯାଏ, କିମ୍ବା ସମ୍ପର୍କୀୟ କେହି ଡେରି ରାତିରେ ଫୋନ୍ କରିଦିଅନ୍ତି, ଆମେ ଆଗ ଭାବିନିଅନ୍ତି କିଛି ଅଘଟଣ ଘଟିଲା କି, କିଏ ମରିଗଲା କି ? ଯେ କୌଣସି କଥାରେ ଆମେ ନକରାତ୍ମକ ଭାବିବାଟା ଥୟ।

ଜୀବନର ସବୁ ଖେଳ ବିଚାର ଉପରେ ନିର୍ଭର କରେ। ସବୁବେଳେ ଛୋଟ-ମୋଟ କଥାରେ ଭୟ କରି ଆତ୍ମବଳକୁ ଦୁର୍ବଳ କରିବା କଣ ଦରକାର ! ଯେତେଥର ଆପଣ ନିଜକୁ କମଜୋର କରି କହିବେ ମୋ ଦେହ ଆଉ ଭଲ ହେବନି, ମୁଁ କୁଆଡେ ଯାଇ ପାରିବିନି, ଖାଇ ପାରିବିନି, ଚାଲି ପାରିବିନି, ଦେଖି ପାରିବିନି, ପାରିବିନି ଶବ୍ଦଟା ଏତେ ପ୍ରଖର ହୋଇଥଯିବ ଯେ ଆପଣ ସତରେ କିଛି କରି ପାରିବେନି, କାରଣ। ଆପଣ ନିଜକୁ କିଛି ନକରିବାର ଅଭିଶାପ ଦେଉଛନ୍ତି ବୋଲି ଧରି ନିଆଯିବ।ତେଣୁ ସବୁବେଳେ ସକାରାତ୍ମକ ବିଚାର ରଖି କୁହନ୍ତୁ ମୁଁ ପାରିବି, ମୁଁ ଭଲ ହୋଇଯିବି, ମୁଁ ଠିକ୍ ଅଛି, ଯେତେ ନିଜର ଆତ୍ମବଳକୁ ପ୍ରୋତ୍ସାହିତ କରିବେ, ସେତେ ଶୀଘ୍ର ସୁସ୍ଥ ହେବେ,ସକ୍ଷମ ରହିବେ, ଆନନ୍ଦ ଅନୁଭବ କରିବେ। ଯଦି ବି ଆପଣ ସଫଳ ନହୁଅନ୍ତି, ତଥାପି କ୍ଷତି କଣ ! ଅନ୍ତତଃ ନିଜ ମନ ତ ସବୁବେଳେ ସକରାତ୍ମକ ବିଚାର ରଖିବା ଦ୍ୱାରା ଭଲ ରହିବ। ଆମ ମନ ଠାରୁ ଅଧିକ ସାହସୀ ଓ ବିଚାର ଠାରୁ ଅଧିକ ଶକ୍ତିଶାଳୀ କେହି ନାହିଁ। ତେଣୁ ଆମେ ସବୁବେଳେ ଆମ ବିଚାର ଦ୍ୱାରା ଆତ୍ମବଳ ବଢ଼ାଇବା ଓ ଆନନ୍ଦ ପାଇବା।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ଆଜିର କବିତା

### କାନ୍ତକବି ଲକ୍ଷ୍ମୀକାନ୍ତ

ଲୀଳାବତୀ ପରିଡ଼ା

ଉତ୍କଳ ମାଟିର ସୁଯୋଗ୍ୟ ସନ୍ତାନ
ଆହେ କାନ୍ତକବି ଲକ୍ଷ୍ମୀକାନ୍ତ,
ଆଜି ତୁମ ପୁଣ୍ୟ ଜନ୍ମ ତିଥିରେ ମୁଁ
ପାଦେ କରେ କୋଟି ମଥାନତ।
ଅଠରଶ ଅଠାଅଶୀ ମସିହାର
ଡିସେମ୍ବର ନଅ ତାରିଖର,
କୋଳ ମଣ୍ଡିଥିଲ ପିତା ଭାଗବତ
ପ୍ରସାଦ ଓ ମାତା ରାଧାଙ୍କର।
ଉଇଁ ଆସିଥିଲ ଭଦ୍ରକ ମାଟିରେ
ସତେ କୋଟି ସୂର୍ଯ୍ୟ ତେଜ ଭାଜି,
ଲକ୍ଷ୍ମୀକାନ୍ତ ନାମ ସାର୍ଥକ କରିଛ
ପାଇ ମହାଲକ୍ଷ୍ମୀ ଶୋଭା ରାଜି।
ଉତ୍କଳ ମାଟିର ସଂଗ୍ରାମୀ ଦାୟାଦ
ଆହେ ଜାତୀୟତାବାଦୀ ନେତା,
ରଣ ହୁଙ୍କାର ଦେଇ ଥାଏ ତୁମ
ଦେଶାତ୍ମବୋଧକ ଗୀତି ଗାଥା ।
ଗଳ୍ପ ଉପନ୍ୟାସ ନାଟକ କବିତା
କାନ୍ତ ସାହିତ୍ୟାନ ରଚୟିତା,
''ବନ୍ଦେ ଉତ୍କଳ ଜନନୀ'' ସଙ୍ଗୀତ
କଥା କହୁଥିଲା ଜାତୀୟତା ।
କୋଟି ଓଡ଼ିଆ ର ହୃଦୟ ଗହ୍ୱରେ
ହୁଏ ଯେବେ ଏହା ନିନାଦିତ,
ମନେ ପଡିଯାଅ ସାରସ୍ୱତ ସ୍ରଷ୍ଟା
ଆହେ କାନ୍ତକବି ଲକ୍ଷ୍ମୀକାନ୍ତ।
ବୁଦ୍ଧିମନ୍ତ ହୋଇଥିଲା ସେ 'ଡଗର'
ସାହିତ୍ୟ ପତ୍ରିକା ସବୁ ଠାରେ,
ଅପୂର୍ବ ଶବ୍ଦ ସମ୍ଭାର ସାଜୁଥିଲା
'ଚଟକ ଚନ୍ଦ୍ରହାସ' ଚମ୍ପୁରେ ।
ସତ୍ୟବାଦୀ ଯୁଗେ ଛାଡ଼ି ଯାଇଥିଲ
ଗୋପବନ୍ଧୁ ସ୍ମୃତି, ଚିନ୍ତା ସ୍ମୃତି,
ତ୍ୟାଗ ସମର୍ପଣ ଥିଲା ତ ଭୂଷଣ
ପ୍ରତି ସାହିତ୍ୟ ସର୍ଜନା ସିଦ୍ଧି।
ମାତୃଭୂମି ସେବା ସାହିତ୍ୟ ସାଧନା
ଥିଲା ଜୀବନ ର ମୂଳ ମନ୍ତ୍ର,
ଜନ୍ମ ଦିବସରେ ଭକ୍ତି ପୁଷ୍ପାଞ୍ଜଳି
ଘେନିବ ହେ ଉତ୍କଳ ସୁପୁତ୍ର
ଘେନିବ ହେ ଉତ୍କଳ ସୁପୁତ୍ର।

କୁଟୁଣିଆଁ,ହିନ୍ଦୋଳ, ଢେଙ୍କାନାଳ
ମୋ: ୯୮୬୧୯୪୫୬୭୬

### ପୁଣି ଏକ ବର୍ଷ

ଚିରସ୍ମିତା ଯେନା

ଶୁଭାସିତ କୁସୁମ ମହକେ
ଆଶାର ନୂଆ କିରଣେ,
ନୂଆନୂଆ ଲାଗେ ଆଜି
ମାଟିର ବାସ୍ନା ପବନେ ।

ମନରେ ପୁରୁଣା ଭାବନା
ଆଖିରେ ପୁରୁଣା ସ୍ୱପ୍ନ,
କିନ୍ତୁ ବଦଳିଛି କ୍ୟାଲେଣ୍ଡର
ବର୍ଷ, ମାସ, ଦିନ ।

ଅତୀତକୁ ଛାଡି କେବେ
ନା ଜୀଇ ହୁଏ ଜୀବନ,
ସ୍ମୃତିରେ ରହିଥିବ ସଦା
ବିତିଯାଇଥିବା ଅଭୁଲା ଦିନ ।

କିଛି ଛାଡିଯାଇ
ପୁଣି କିଛି ହରାଇ,
ଆଗକୁ ବଢ଼ାଇବା ପାଦ
ମନେ ନୂଆ ବିଶ୍ୱାସ ନେଇ ।

ପୁଣି ଆସୁଛି ଏକ ନୂତନ ବର୍ଷ
ସାଧା କାଗଜ ପୃଷ୍ଠା ସଦୃଶ ,
ପୂରଣ କରିବା, କିଛି ସୁଖ କିଛି ଦୁଃଖ
ଜୀବନ କାହାଣୀର ଅଂଶ ବିଶେଷ ।

ଜଳି ଜଳି ଦୀପ ଲିଭିଯାଏ
ଆସିବ ବୋଲି ନୂତନ ଆଲୋକ,
ରଜନୀ ଆସ୍ତେ ଆସ୍ତେ ଦୂରେଇଯାଏ
ସୂର୍ଯ୍ୟ ଆସେ ବିଛେଇ ଦେବାକୁ ଖୁସିର ମୁରୁଜ ।

+ମଙ୍ଗଳପୁର, ଯାଜପୁର

# ବିକାଶ କାର୍ଯ୍ୟ ତଦାରଖ ପାଇଁ ପୁରୀ ରେଲୱେ ଷ୍ଟେସନଠାରେ କ୍ୟାମ୍ପ ଅଫିସ୍ କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ପୁରୀ ରେଳ ଷ୍ଟେସନର ପ୍ରସ୍ତାବିତ ପୁନଃ ବିକାଶ କାର୍ଯ୍ୟର ତଦାରଖ ପାଇଁ ପୁରୀ ରେଳ ଷ୍ଟେସନ ଠାରେ ଅସ୍ଥାୟୀ କ୍ୟାମ୍ପ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଯାତ୍ରୀମାନଙ୍କ ଅନୁକୂଳ ସୁବିଧା ସହ ବିଶ୍ୱ ସ୍ତରୀୟ ଭିତିଭୂମି ନିର୍ମାଣ ପାଇଁ ପୁରୀ ରେଳ ଷ୍ଟେସନକୁ ପୁନଃ ନିର୍ମାଣ କରାଯାଉଛି । ଷ୍ଟେସନର ମୁଖଦ୍ୱାର ଏବଂ ଯାତ୍ରୀ ନିବାସ ଓଡିଶାର ମନ୍ଦିର ସ୍ଥାପତ୍ୟ ଓ କାରୁକାର୍ଯ୍ୟ ଦ୍ୱାରା ଅନୁପ୍ରାଣିତ ହେବ ।

ନୂତନ ବିଲଡିଂ, ଏୟାର କନକୋର୍ସ, ପ୍ଲାଟଫର୍ମ ଓ ପ୍ଲାଟଫର୍ମ ଆଶ୍ରୟସ୍ଥଳର ଏବଂ ପ୍ରସସ୍ତ ଚଳପ୍ରଚଳ କ୍ଷେତ୍ରର ନବୀକରଣ କରାଯିବ। ବର୍ଜ୍ୟବସ୍ତୁ ପରିଚାଳନା ସହିତ ଫୁଡ୍ କୋର୍ଟ ଜୋନ୍, ସପିଂ କ୍ଷେତ୍ର । ସୁ-ପରିକଳ୍ପିତ ଡ୍ରେନ୍, ସାଇନେଜ୍ ଏବଂ ଡିଭାଇଡର୍ସର ବ୍ୟବସ୍ଥା ରହିବ। ଏଥିରେ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସୁବିଧା ମଧ୍ୟ ଏଥିରେ ରହିବ। ନୂତନ ବିଲ୍ଡିଂରେ ସୁସଜ୍ଜିତ ଚଳପ୍ରଚଳ କ୍ଷେତ୍ର ବ୍ୟତୀତ ଉଚ୍ଚ ମାନକ ଡର୍ମିଟୋରି ଏବଂ ରିଟାୟରିଙ୍ଗ ରୁମ ରହିବ ।

ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ଗତ ପୁରୀ ଗସ୍ତ ସମୟରେ ସେ ବିଭିନ୍ନ କାର୍ଯ୍ୟକଳାପ ଉପରେ ନିରୀକ୍ଷଣ କରିଥିଲେ ଏବଂ ସାଧାରଣ ଲୋକଙ୍କ ସୁରକ୍ଷିତ ଯାତ୍ରା ନିଶ୍ଚିତ କରିବାକୁ ଆଲୋଚନା କରିଥିଲେ। ପରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ସମ୍ପ୍ରତି ପୁରୀ ଷ୍ଟେସନ ପରିଦର୍ଶନ କରି ବିଭିନ୍ନ ଭିତିଭୂମି କାର୍ଯ୍ୟ ନିରୀକ୍ଷଣ କରିବା ସହିତ ସମସ୍ତ ବିକାଶମୂଳକ କାର୍ଯ୍ୟ ସହିତ ସମସ୍ତ ଶ୍ରେଣୀର ଯାତ୍ରୀମାନଙ୍କ ପାଇଁ ଅନୁକୂଳ ଭିତିଭୂମି ନିର୍ମାଣ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ପ୍ରକଳ୍ପ ୨୦୨୧-୨୨ ମସିହାରେ ୧୬୧.୫ କୋଟି ଟଙ୍କା ବ୍ୟୟରେ ଅନୁମୋଦନ କରାଯାଇଥିଲା ଏବଂ କାର୍ଯ୍ୟ ଆରମ୍ଭ ହେବାର ୩୦ ମାସ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଥିଲା। ଏହି ଷ୍ଟେସନର ରୂପାଙ୍କନ ଭବିଷ୍ୟତର ଯାତ୍ରୀ ଚାହିଦା ଓ ବୃଦ୍ଧିକୁ ନଜରରେ ରଖି ନିର୍ମାଣ କରାଯାଉଛି। ଏୟାର କନକର୍ସକୁ ମଧ୍ୟ ସମସ୍ତ ଯାତ୍ରୀମାନଙ୍କ ଚଳପ୍ରଚଳ ପାଇଁ ଏକ ସାଧାରଣ ସ୍ଥାନ ଭାବରେ ଡିଜାଇନ୍ କରାଯାଇଛି ଏବଂ ଏଥିରେ ବିଭିନ୍ନ ଆଧୁନିକ ଯାତ୍ରୀ ସୁବିଧା ରହିବ।

ବିଭିନ୍ନ ସ୍ଥାନରେ ଦିବ୍ୟାଙ୍ଗଜନଙ୍କୁ ସୁହାଇବା ଭଳି ଯାତ୍ରୀ ସୁବିଧା, ୱାଲ୍ ପେଣ୍ଟିଂ ଏବଂ ଗ୍ରୀନ୍ ସ୍ପେସ୍ ବ୍ୟବସ୍ଥା, ବର୍ଦ୍ଧିତ ସିସିଟିଭି ନୀରିକ୍ଷଣ, ପ୍ରିପେଡ୍ କ୍ୟାବ୍ ସୁବିଧା, ପର୍ଯ୍ୟଟନ ସୂଚନା ଏବଂ ବୁକିଂ କେନ୍ଦ୍ର, ଫାର୍ମାସି ଏବଂ ମେଡିକାଲ୍ ସୁବିଧା, ସାଇନେଜ୍ ଏବଂ ଡିଭାଇଡର , ଷ୍ଟେସନରେ ଗ୍ରୀନ୍ କଭର, ଡର୍ମିଟୋରି ଏବଂ ରିଟାୟରିଙ୍ଗ ରୁମ ସହିତ ପ୍ରତ୍ୟେକ ପ୍ଲାଟଫର୍ମରେ ୱେଟିଂ ଚେୟାର / ବେଂଚ, କନକୋର୍ସରେ ସିଟିଂ ବେଂଚ ଇତ୍ୟାଦି ଉପଲବ୍ଧ ହେବ ।

## ବିଜୟ ନାୟକଙ୍କ ଗଳ୍ପ ସଂକଳନ ମାୟାବର୍ତ୍ତ ଉନ୍ମୋଚିତ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ କରକମଳରେ ବିଶିଷ୍ଟ କଥାଶିଳ୍ପୀ ବିଜୟ ନାୟକଙ୍କ ନବମ ଗଳ୍ପ ସଂକଳନ 'ମାୟାବର୍ତ୍ତ' ଉନ୍ମୋଚିତ ହୋଇଯାଇଛି । ଏହି ଉପଲକ୍ଷେ ଆଜି ଅପରାହ୍ନରେ ଓଡ଼ିଶା ରାଜଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥିତଯଶା ଔପନ୍ୟାସିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ ଏବଂ ସୁଲେଖିକା ତଥା 'କାଦମ୍ବିନୀ'ର ସମ୍ପାଦିକା ଡ. ଇତି ସାମନ୍ତ ଉପସ୍ଥିତ ଥିଲେ । 'ମାୟାବର୍ତ୍ତ' ସଂକଳନରେ ଶ୍ରୀ ନାୟକଙ୍କର ବଛାବଛା ୨୨ଟି ଗଳ୍ପ ସ୍ଥାନିତ ହୋଇଛି । ସମାଜର ସବା ତଳ ପାହାଚରେ ଥିବା ମଣିଷର ସଂଘର୍ଷ ଓ ସଂଘାତର କାହାଣୀ, ପ୍ରେମ ପ୍ରଣୟ, ମନୋବିଶ୍ଳେଷଣ ଓ ନଷ୍ଟାଲଜିଆ ଉପରେ ସଂକଳନସ୍ଥ ଗଳ୍ପଗୁଡ଼ିକ ଆଧାରିତ । ଭାବର ସାନ୍ଦ୍ରତା ଓ ଶବ୍ଦର ଲାଳିତ୍ୟ ଯୋଗୁଁ ଗଳ୍ପଗୁଡ଼ିକ ବିପୁଳ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ନିଖୁଣ ପ୍ରଚ୍ଛଦ ଏବଂ ବିଦ୍ୟାପୁରୀ ପ୍ରକାଶନ ସଂସ୍ଥାର ପରିଚ୍ଛନ୍ନ ମୁଦ୍ରଣ ଗଳ୍ପ ସଂକଳନଟିକୁ ଆକର୍ଷଣୀୟ କରିଛି । ଏହି କାର୍ଯ୍ୟକ୍ରମରେ ଲେଖକ ଶ୍ରୀ ବିଜୟ ନାୟକ, 'କାହାଣୀ'ର ପ୍ରକାଶିକା ଶ୍ରୀମତୀ ତପସ୍ୱିନୀ ନାୟକ, ପ୍ରକାଶକ ଶ୍ରୀ ଜୀବାନନ୍ଦ ମିଶ୍ର, କବି ରକ୍ଷକ ନାୟକ, ଯୁବ ସାହିତ୍ୟିକ ଶ୍ରୀ ଅମିତାଭ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଆ ରାଜ୍ୟ ସି.ଟି., ବି.ଏଡ୍ ତାଲିମପ୍ରାପ୍ତ ଲେଫଟ୍ ଆଉଟ୍ ଗଣଶିକ୍ଷକ ମହାସଂଘର ବିକ୍ଷୋଭ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଆଜି ବିଧାନସଭା ସମ୍ମୁଖରେ ଓଡ଼ିଶା ଲେଫଟ୍ ଆଉଟ୍ ଗଣଶିକ୍ଷକ ମହାସଂଘର ବିକ୍ଷୋଭ ଓ ଗଣଧାରଣା ଅନୁଷ୍ଠିତ ହୋଇଯାଇଅଛି । ରାଜ୍ୟରେ ଥିବା ୨୨୫୧୨ଜଣ ଗଣଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କ ନିୟମିତ ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ୪୦୦୦ ଲେଫଟ୍ ଆଉଟ୍ ଗଣଶିକ୍ଷକମାନଙ୍କର ମୁଖ୍ୟ ଅଭିଯୋଗ ହେଉଛି ଯେ,୨୦୧୬ରେ ୧୮୫୬୪ଜଣ ଗଣଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ବିନା ଓ.ଟି.ଇ.ଟି. ଯୋଗ୍ୟତାରେ ନିୟମିତ କରାଯାଇଛି । ସେହିପରି ପତ୍ର ସଂଖ୍ୟା ୨୦୧୮ରେସରକାର ପୁଣି ୪୦୦୦ ଗଣଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ୨୦୧୮ ମସିହାରେ ଓ.ଟି.ଇ.ଟି. ଯୋଗ୍ୟତା ବିପକ୍ଷରେ ଓଡ଼ିଶା ବିକାଶ ପରିଷଦ ଦ୍ୱାରା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ଏଥିପାଇଁ ଆମେ ଉକ୍ତ ୪୦୦୦ ଗଣଶିକ୍ଷକ/ଶିକ୍ଷୟିତ୍ରୀମାନେ ନିୟମିତ ପ୍ରକ୍ରିୟାରୁ ବଂଚିତ ହେଲୁ ଏବଂ ୨୦୨୧ରେ ଓଡ଼ିଶା ବିକାଶ ପରିଷଦ ମାମଲାଟିକୁ ପ୍ରତ୍ୟାହାର କରିନେଇଥିଲେ । ଫଳରେ ତିନୋଟି ଜିଲ୍ଲା ଗଣଶିକ୍ଷକ/ ଶିକ୍ଷୟିତ୍ରୀମାନେ ନିୟମିତ ହୋଇପାରିଲେ । କିନ୍ତୁ ଦୁଃଖର ବିଷୟ ମାମଲା ପ୍ରତ୍ୟାହାର ହେଲା ପରେ ମଧ୍ୟ ଆଇନ୍ କାନୁନ୍‌ର ବିଭିନ୍ନ ଆଳ ଦେଖାଇ ସରକାର ଆମକୁ ନିୟମିତ କରୁନାହାଁନ୍ତି ବୋଲି କହିଛନ୍ତି, ମହାସଂଘର ସଭାପତି ସୁଧାଂଶୁ ଶେଖର ବଡୁ । ଆମେ ସବୁ ସି.ଟି., ବି.ଏଡ୍. ତାଲିମପ୍ରାପ୍ତ ହୋଇଥିବା ସହିତ ସମସ୍ତ ତାଲିମ୍ ସମାପ୍ତ କରିଅଛୁ । ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆମେ ୨୦୦୦ଟଙ୍କାରୁ ୭୦୦୦ ଟଙ୍କା ଦରମାରେ ରହି କାମ କରିଆସୁଅଛୁ। ଏ ପରିପ୍ରେକ୍ଷୀରେ ୪୦୦୦ ଗଣଶିକ୍ଷକ ପରିବାର ବହୁ କଷ୍ଟରେ ଜୀବନ ନିର୍ବାହ କରୁଛନ୍ତି, ଯଦ୍ଦ୍ୱାରା ସେମାନଙ୍କର ଆର୍ଥିକ ଓ ମାନସିକ ସ୍ତରରେ ଚାପଗ୍ରସ୍ତ ହୋଇପଡ଼ିଲେଣି । ସରକାରଙ୍କର ଏ କି ବିଚିତ୍ର ନିୟମ ଜଣାପଡୁନାହିଁ। ଜଣେ ଗଣଶିକ୍ଷକ ଭାବେ ଦିନ ମଜୁରିଆଠାରୁ କମ୍ ଦରମାରେ ପରିବାର ପ୍ରତିପୋଷଣ କରିବା ବହୁ କଷ୍ଟ ହେଉଥିବାରୁ ବାରମ୍ବାର ସରକାରଙ୍କୁ ଦାବିପତ୍ର ଦେଇଆସୁଅଛୁ । ହେଲେ, ସରକାର ଆମ ଦାବି ପ୍ରତି କୌଣସି ଦୃଷ୍ଟି ଦେଉନାହାଁନ୍ତି ବୋଲି କହିଛନ୍ତି ମହାସଂଘର ସାଧାରଣ ସମ୍ପାଦକ ପବିତ୍ର କୁମାର କାର୍ଜି । ଆମର ପ୍ରମୁଖ ଦାବି ହେଲା 'ସମାନ କାମକୁ ସମାନ ଦରମା' ଏବଂ 'ସ୍ଥାୟୀ ନିଯୁକ୍ତି' । ଏଣୁ ମହାସଂଘ ତରଫରୁ ସରକାରଙ୍କୁ ବିନମ୍ର ନିବେଦନ କରାଯାଉଅଛି ଯେ, ପୂର୍ବରୁ ବିନା ଓ.ଟି.ଇ.ଟି. ଯୋଗ୍ୟତାରେ ଯେଉଁଭଳି ୧୮୫୬୪ ରୁ ଊର୍ଦ୍ଧ୍ୱ ଗଣଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କୁ ନିୟମିତ କରାଯାଇଛି, ସେହି ଆଧାରରେ ବାକିଥିବା ଆଉ ୪୦୦୦ ସମସ୍ତ ଲେଫଟ୍ ଆଉଟ୍ ଗଣଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କୁ ନିୟମିତ କରାଯାଉ ଏବଂ ସମସ୍ତଙ୍କୁ ସମାନ ବେତନ ଦିଆଯାଉ ।

# ଓଏମ୍‌ସି ଏମ୍‌ଡିଙ୍କ ସହ ଆଦିତ୍ୟ ଆଲୁମିନା ବିକାଶ ପରିଷଦ ସଭାପତିଙ୍କ ଆଲୋଚନା

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଆଜି ପୂର୍ବାହ୍ନରେ ଓଡ଼ିଶା ଖଣି ନିଗମ କାର୍ଯ୍ୟାଳୟରେ ଆଦିତ୍ୟ ଆଲୁମିନା ଶିଳ୍ପ ପ୍ରତିଷ୍ଠା ଜମି ହରାଇଥିବା କଂସାରୀଗୁଡା ଗ୍ରାମବାସୀଙ୍କ ତରଫରୁ ଆଦିତ୍ୟ ଆଲୁମିନା ବିକାଶ ପରିଷଦର ସଭାପତି ଦୌଲ ଚୌଧୁରୀ ଏବଂ ଆର.ପି.ଡି.ଏସ୍.ସି.ର ସଦସ୍ୟ ରାଜେନ୍ଦ୍ର ଦୁରିଆ ଓ ଅନ୍ୟାନ୍ୟ ପାଂଚ ଜଣ ଜମି ହରା ଆଦିବାସୀ ନେତାମାନେ ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ବଳବନ୍ତ ସିଂହଙ୍କ ସହ ଆଦିତ୍ୟ ଆଲୁମିନା ଶିଳ୍ପ ପାଇଁ ସମସ୍ୟା ହେଉଥିବା ବକ୍ସାଇଟ୍ ଖଣି ଦେବା ସମ୍ପର୍କରେ ଆଲୋଚନା କରିଥିଲେ । କଂସାରୀଗୁଡାଠାରୁ ଶହ ଶହ ଜମିହରା ଓ ବାସହରା ତଥା ବିସ୍ଥାପିତ ହୋଇଥିବା ଗ୍ରାମବାସୀମାନେ ଏକାଠି ହୋଇ ଖଣି ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ଭେଟି ନିଜର ସମସ୍ୟା ପାଇଁ ଗୁହାରି କରିବା ପାଇଁ ଅନୁମତି ମାଗିଥିଲେ । କିନ୍ତୁ ମାତ୍ର ୭ ଜଣଙ୍କୁ ଅନୁମତି ମିଳିଥିଲା । ଆଲୋଚନାରେ ଖଣି ନିଗମ ଅଧ୍ୟକ୍ଷ ଶ୍ରୀ ବଳବନ୍ତ ସିଂହ ଖଣି ଯୋଗାଇବାରେ କୌଣସି ଅସୁବିଧା ନାହିଁ । କମ୍ପାନୀ ପ୍ରଥମେ କାମ ଆରମ୍ଭ କରୁ, ସବୁ ଠିକ୍ ହୋଇଯିବ । ସରକାରଙ୍କୁ କୁହନ୍ତୁ ପ୍ରଥମେ ଆଦିତ୍ୟ ଆଲୁମିନା କର୍ତ୍ତୃପକ୍ଷ ରାସ୍ତାଘାଟ ଭଳି ଆନୁସଙ୍ଗିକ ଭିତିଭୂମି ପ୍ରସ୍ତୁତ କରି କାମ ଆରମ୍ଭ କରୁ । ଖଣି ନିଶ୍ଚୟ ମିଳିବ ଏବଂ ସବୁ ସମସ୍ୟା ଆଲୋଚନା ମାଧ୍ୟମରେ ସଫଳ ହେଲା ବୋଲି କହିଛନ୍ତି ଆ ଲିକ ବିକାଶ ପରିଷଦ ସଭାପତି ଶ୍ରୀ ଦୌଲ ଚୌଧୁରୀ । ଅନ୍ୟପଟେ କମ୍ପାନୀ ଶୀଘ୍ର ପ୍ରତିଷ୍ଠା ହେଉ, ନଚେତ୍ ଆମ ଜମି ଫେରାଇଦେଉ ବୋଲି ଜମି ହରାଇଥିବା ଗ୍ରାମବାସୀମାନେ ଜିଦ୍ ଧରି ବସିଛନ୍ତି । ଆଉଥରେ ଟିକିରି ଓ କଂସାରୀଗୁଡାଠାରେ ଜମିହରା ଗ୍ରାମବାସୀମାନେ ସରକାରଙ୍କୁ ନିବେଦନ କରିଛନ୍ତି ଯେ, ଆଦିତ୍ୟ ଆଲୁମିନା ଶିଳ୍ପ ଶୀଘ୍ର ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ, ନଚେତ୍ ଆଦିତ୍ୟ ଆଲୁମିନା ଯେଉଁ ଜମି ନେଇଛି, ତା'ଠାରୁ ଜମି ଫେରାଇ ଆଣି ଗ୍ରାମବାସୀଙ୍କୁ ଦେଇଦିଅନ୍ତୁ ବୋଲି ଦୃଢ ଦାବି କରିଛନ୍ତି ଆର.ପି.ଡି.ଏସ୍.ସି. ସଦସ୍ୟ ରାଜେନ୍ଦ୍ର ଦୁରିଆ । ସରକାର ଯଦି ଆମ ଗୁହାରି ନ ସୁଣନ୍ତି ଆମ ଦାବି ପୂରଣ ନ କରନ୍ତି ତେବେ ଆମେସବୁ ଜମିହରା, ବାସହରା ପରିବାର ଓ ପିଲାଛୁଆ ସବୁ ମିଶି ସିଙ୍ଗାରାମ ରେଳ ଷ୍ଟେସନକୁ ସମ୍ପୂର୍ଣ୍ଣ ବନ୍ଦ କରି ଗାଡ଼ି ଚଳାଚଳ ଠପ୍ କରିଦେବୁ, କୋଡିଙ୍ଗାମାଳି ବକ୍ସାଇଟ୍ ଖଣିକୁ ବନ୍ଦ କରିଦେବୁ ଏବଂ ରାଜଧାନୀ ଆସି ହଜାର ହଜାର ସଂଖ୍ୟାରେ ଆଦିତ୍ୟ ଆଲୁମିନା ଦ୍ୱାରା ଜମି ଓ ବାସ ହରାଇଥିବା ଗ୍ରାମବାସୀମାନେ ନବୀନ ନିବାସ ସମ୍ମୁଖରେ ଧାରଣା ଦେବୁ ବୋଲି ଶ୍ରୀ ଦୌଲତ ଚୌଧୁରୀ ଚେତାବନି ଦେଇଛନ୍ତି ।

# ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍: ୬ ମାସରେ ୩୩ ଲକ୍ଷ ଆବେଦନ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଗାଡ଼ିଗୁଡ଼ିକରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଇବା କ୍ଷେତ୍ରରେ ଓଡ଼ିଶାଏକ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପରିବହନ ବିଭାଗ ଦାବି କରିଛି। ରାଜ୍ୟ ଯୁଗ୍ମ ପରିବହନ କମିସନର ଦୀପ୍ତି ରଂଜନ ପାତ୍ର କହିଛନ୍ତି ଯେ ଗତ ୬ମାସ ଭିତରେ ୩୩ଲକ୍ଷରୁ ଅଧିକ ଗାଡ଼ିରେଏହି ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଇବା ପାଇଁ ଆବେଦନ ହୋଇଛି। ସେଥିମଧ୍ୟରୁ ୨୦ ଲକ୍ଷ ଗାଡ଼ିରେ ଏହି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାସରିଲାଣି। ଶ୍ରୀ ପାତ୍ରଙ୍କ ତଥ୍ୟ ଅନୁସାରେ, ରାଜ୍ୟରେ ଥିବା ଆନୁମାନିକ ୫୦ ଲକ୍ଷ ଯାନବାହନ ମଧ୍ୟରୁ ନଭେମ୍ବର ୩୦ ତାରିଖ ସୁଦ୍ଧା ୩୨.୬୫ ଲକ୍ଷ ଗାଡ଼ିରେ ହାଇସିକ୍ୟୁରିଟି ରେଜିଷ୍ଟ୍ରେସନ୍ ପ୍ଲେଟ୍ ଲଗାଇବା ପାଇଁ ଆବେଦନ ହୋଇଛି । ସବୁ ଯାନବାହନରେ ଏହି ପ୍ଲେଟ୍ ଲଗାଇବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ଏବଂ ଆସନ୍ତା ବର୍ଷ ଅର୍ଥାତ୍ ୨୦୨୩ ମସିହା ଫେବ୍ରୁଆରି ୨୮ ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ସରିବାକୁ ଲକ୍ଷ୍ୟ ସ୍ଥିର ହୋଇଛି। ଏଠାରେ ଉଲ୍ଲେଖଥାଉକି, ଏତେ ଦ୍ରୁତ ଗତିରେ ଦେଶର ଅନ୍ୟ କୌଣସି ରାଜ୍ୟରେ ଏହି ନମ୍ବର ପ୍ଲେଟ୍ ଲଗାଯାଇନଥିବା ପରିବହନ ବିଭାଗ କହିଛି। ଏହି କାର୍ଯ୍ୟକ୍ରମ ହାତକୁ ନେବାରେ ଓଡ଼ିଶା ହେଉଛି ଭାରତର ୨୬ତମ ରାଜ୍ୟ। ଦିନକୁ ହାରାହାରି ୨୨ ହଜାରରୁ ୨୪ ହଜାର ଗାଡ଼ିରେ ଏହି ନମ୍ବର ପ୍ଲେଟ୍ ଲଗା ଯାଇପାରୁଛି। ଜଣେ ଆବେଦନ କରିବାର ହାରାହାରି ୮ ଦିନ ଭିତରେ ନମ୍ବର ପ୍ଲେଟ୍ ଲଗାଯାଉଛି ବୋଲି ଶ୍ରୀପାତ୍ର ସୂଚନା ଦେଇଛନ୍ତି।

# ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ର ଯୋଡ଼ ଭାରତ ଯୋଡ଼ କାର୍ଯ୍ୟକ୍ରମରେ ଦସ୍ତଖତ ଅଭିଯାନ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ମଧ୍ୟମ ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାହାରୁଖ ଖାନ୍‌ଙ୍କ ନେତୃତ୍ୱରେ ମହର୍ଷି କଲେଜ ସମ୍ମୁଖରେ "ଭାରତ ଯୋଡ଼ ଛାତ୍ର ଯୋଡ଼" କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଭାପତି ନିରୋଜ କୁନ୍ଦନ ଏବଂ ରାଷ୍ଟ୍ରୀୟ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷାଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଚାଲିଛି। ରାହୁଲ ଗାନ୍ଧୀଙ୍କର ଭାରତ ଯୋଡ଼ କାର୍ଯ୍ୟକ୍ରମକୁ ପ୍ରତି କଲେଜ ଓ ୟୁନିର୍ଭସିଟିରେ ପଂହଚାଇବାର ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ମଙ୍ଗଳବାର ମହର୍ଷି କଲେଜରେ ଛାତ୍ର କଂଗ୍ରେସ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଏକ ଦସ୍ତଖତ ଅଭିଯାନ ହୋଇଥିଲା। ମହର୍ଷି କଲେଜର ଛାତ୍ରଛାତ୍ରୀମାନେ ଛାତ୍ର କଂଗ୍ରେସର ନିର୍ଦ୍ଦିଷ୍ଟ ଦାବୀ ସମ୍ବଳିତ ଏକ ବ୍ୟାନରରେ ଦସ୍ତଖତ କରିଥିଲେ। କେତେକ ପ୍ରସଙ୍ଗରେ ଛାତ୍ର କଂଗ୍ରେସର ଲଢ଼େଇ ସେଠାରେ ଉପସ୍ଥାପିତ ହୋଇଥିଲା। କ୍ୟାମ୍ପସରେ ର୍‍ୟାଗିଂ, ଶିକ୍ଷାର ଘରୋଇକରଣ ଏବଂ ଫି ବୃଦ୍ଧି, କଲେଜ ଓ ୟୁନିର୍ଭସିଟିର ପରିସର ଏବଂ ହଷ୍ଟେଲ ଓ କ୍ୟାଂଟିନରେ ଅସ୍ୱାସ୍ଥ୍ୟକର ପରିବେଶ, ପରୀକ୍ଷା ବ୍ୟବସ୍ଥାରେ ଅସାଧୁତା, ଭଲ ନିଯୁକ୍ତି ସୁଯୋଗ, ବୃତି ବ୍ୟବସ୍ଥାରେ ଚଂଚକତା, ଜାଲ ସାର୍ଟିଫିକେଟରେ ନାମଲେଖା, ଛାତ୍ର ସଂସଦ ନିର୍ବାଚନ ନକରିବା, କ୍ୟାମ୍ପସରେ ଡ୍ରଗ୍ସର ବ୍ୟବହାର, ଶିକ୍ଷାନୁଷ୍ଠାନେର ଅସାମାଜିକ ଛାତ୍ରଙ୍କ ପ୍ରବେଶ, ଶିକ୍ଷକ ପଦବୀ ଖାଲି, ଶିକ୍ଷାନୁଷ୍ଠାନରେ ହିଂସା, ଉନ୍ନତ ଶିକ୍ଷାନୁଷ୍ଠାନ ଗଠନରେ ସରକାରଙ୍କର ଉଦାସୀନତା ପ୍ରଭୃତିକୁ ପ୍ରତିବାଦ କରି ଏହି ଆନ୍ଦୋଳନ କରାଯାଇଥିଲା। ଛାତ୍ର କଂଗ୍ରେସ ଭୁବନେଶ୍ୱରର ସମସ୍ତ କଲେଜ ଏବଂ ୟୁନିର୍ଭସିଟିରେ ଏହି କାର୍ଯ୍ୟକ୍ରମ ଗ୍ରହଣ କରିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି।

# ଶିଶୁ ଅପପୁଷ୍ଟି ଓ ଗେଡାପଣ ଜାତୀୟ ଆଲୋଚନା ଚକ୍ର

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଓଡ଼ିଶାରେ ଶିଶୁ ଅପପୁଷ୍ଟି ଓ ଗେଡାପଣ କମାଯାଇ ପାରିବ ଏବଂ ଏଥି ପାଇଁ ପୂର୍ଣ୍ଣ କ୍ଷେତ୍ର ପ୍ରସ୍ତୁତ କରାଯାଉଛି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି । ମଙ୍ଗଳବାର ଅନୁଷ୍ଠିତ ଭାରତରେ ଶିଶୁ ଅପପୁଷ୍ଟି ଓ ଗେଡାପଣ ନିରାକରଣ ଶୀର୍ଷକ ଜାତୀୟ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି ।

ମହାପାତ୍ର ଆହୁରି ମଧ୍ୟ କହିଥିଲେ ଯେ ପୃଷ୍ଟି-ବଜେଟ୍ ପ୍ରସ୍ତୁତିରେ ଓଡ଼ିଶା ପ୍ରଥମ ରାଜ୍ୟ । ବର୍ତ୍ତମାନ ରାଜ୍ୟ ସରକାର ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିଯୋଗାଣ ଏବଂ ପରିମଳ ଭଳି ସାମାଜିକ କ୍ଷେତ୍ର ଗୁଡିକରେ ବିପୁଳ ପୁଞ୍ଜି ବିନିଯୋଗ କରୁଛନ୍ତି । ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୯୬.୫ ଲକ୍ଷ ପରିବାର ସାମିଲ ହେବା, ପ୍ରାୟ ୭୫ ହଜାର ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଅତିରିକ୍ତ ପୁଷ୍ଟି ଯୋଗାଣ କାର୍ଯ୍ୟକ୍ରମ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଟେକହୋମ୍ ରାସନ କାର୍ଯ୍ୟକ୍ରମ, ୫୫ ହଜାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ସହରାଂଚଳରେ ଆହାର କେନ୍ଦ୍ର ସାଧାରଣ ବଂଟନ ବ୍ୟବସ୍ଥାରେ ଭିଟାମିନ୍ ଯୁକ୍ତ ଚାଉଳ ଓ ମାଣ୍ଡିଆ ଯୋଗାଣ ଆଦି କାର୍ଯ୍ୟକ୍ରମ ଓଡ଼ିଶାରେ ଜାରି ରହିଛି। ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ଶିଶୁମାନଙ୍କ ଅପପୁଷ୍ଟି ଓ ଗେଡାପଣ ସଂକ୍ରାନ୍ତୀୟ ନିର୍ଭୁଲ ତଥ୍ୟ ମଧ୍ୟ ସଂଗ୍ରହ କରାଯାଉଛି। ଏହି ପୃଷ୍ଠ ଭୂମିରେ ଓଡ଼ିଶା ଅପପୃଷ୍ଟି ଓ ଗେଡାପଣ ନିୟନ୍ତ୍ରଣ ନିମନ୍ତେ ଏକ ଲକ୍ଷ୍ୟଭେଦୀ ଅଭିଯାନ ପାଇଁ ପ୍ରସ୍ତୁତ ହେଉଛି।

ଏହି ଆଲୋଚନା ଚକ୍ରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହିଳା ଓ ଶିଶୁ ବିକାଶ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ୟୁନିସେଫ୍ ନିୟୁଟ୍ରିସନ ମୁଖ୍ୟ ଆରଜନ ଡ଼ି ୱାଗ୍, ନିୟୁଟ୍ରିସନ ବିଶେଷଜ୍ଞ ପ୍ରଫେସର ଶ୍ରୀନାଥ ରେଡ୍ଡୀ, ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ପ୍ରମୋଦ କୁମାର ମେର୍ଦ୍ଦପ ପ୍ରମୁଖ ଶିଶୁ ଅପପୁଷ୍ଟି ଓ ଗେଡାପଣ ସଂପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ "କୋଭିଡ-୧୯ ଏବଂ ଓଡ଼ିଶାରେ ପୁଷ୍ଟି ଯୋଗାଣ" ସଂପର୍କିତ ଏକ ଅଧ୍ୟୟନ ରିପୋଟ ଉନ୍ମୋଚନ କରିଥିଲେ। ଏହି ଆଲୋଚନା ଚକ୍ର ଓଡ଼ିଶା ସରକାର, ବିଶ୍ୱବ୍ୟାଙ୍କ୍, ୟୁନିସେଫ୍ ଏବଂ ଆନ୍ତର୍ଜାତିକ ଖାଦ୍ୟନୀତି ଗବେଷଣା ସଂସ୍ଥାଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ।

# ଶହୀଦ ଜୟୀ ରାଜଗୁରୁ ଓ ବାବା ସାହେବ ଆମ୍ବେଦକରଙ୍କ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ଓଡ଼ିଶାର ପାଇକ ବିଦ୍ରୋହର ସେନାପତି ଶହୀଦ ଜୟୀରାଜଗୁରୁଙ୍କ ୨୧୬ତମ ବଳିଦାନ ଦିବସ ମଙ୍ଗଳବାର ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଏ.ଜି. ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇ ପୁଷ୍ପମାଲ୍ୟ ସହ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏଥିରେ ଯୋଗଦେଇ ଶ୍ରଦ୍ଧାଳୁମାନେ ବ୍ରିଟିଶ୍ ସରକାରଙ୍କ କବଳରୁ ଓଡ଼ିଶାର ସୁରକ୍ଷା ପାଇଁ ଯେଉଁ ପାଇକ ବିଦ୍ରୋହ ଅନୁଷ୍ଠିତ ହୋଇଥିଲା ତାହା ଥିଲା ଭାରତ ବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସଶସ୍ତ୍ର ବିପ୍ଳବ । ଏହି ଆନ୍ଦୋଳନରେ ମୁଖ୍ୟ ସେନାପତି ଭାବରେ ଜୟୀ ରାଜଗୁରୁଙ୍କ ସୈନ୍ୟ ଚାଳନାରେ ବ୍ରିଟିଶ୍ ସୈନ୍ୟବାହିନୀ ଭୟଭୀତ ହୋଇଯାଇଥିଲେ । ପରବର୍ତ୍ତୀ ଅବସ୍ଥାରେ ସେମାନେ ଜୟୀରାଜଗୁରୁଙ୍କୁ ଛଳନାରେ ଧରି ତାଙ୍କୁ ଅତି ନିର୍ମମ ଭାବରେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଥିଲେ । ଓଡ଼ିଶାର ସୁରକ୍ଷା ପାଇଁ ଜୟୀ ରାଜଗୁରୁଙ୍କ ବଳିଦାନ ଚିରଦିନ ପାଇଁ ଯୁବ ସମାଜକୁ ଉଦ୍‌ବୁଦ୍ଧ କରିବ ବୋଲି ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭଜମନ ବେହେରା, ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଗିରିଜା ଶଙ୍କର ମହାପାତ୍ର, ଅନୁପମା ବେହେରା, ସଂଜୟ କୁମାର ପରିଡ଼ା, ବାମପନ୍ଥୀ ନେତା ଆଡ୍‌ଭୋକେଟ୍ ସୁରେଶ କୁମାର ରାଉତରାୟ, ବାବା ପଞ୍ଚଦେବ, ଉଇ ଫର ଭୁବନେଶ୍ୱର ସଭ୍ୟବୃନ୍ଦ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାମ୍ବାଦିକ ସଂଜୀବ କୁମାର ରାୟ, ସମାଜସେବିକା ପ୍ରତିମା ମିଶ୍ର, ସୁଜିତ୍ କୁମାର ପାତ୍ର, ପ୍ରତାପ ଚନ୍ଦ୍ର ଦାସଙ୍କୁ ଶହୀଦ ଜୟୀ ରାଜଗୁରୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ପୂର୍ବତଟ ରେଳପଥ ପକ୍ଷରୁ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ପୂର୍ବତଟ ରେଳପଥ ପକ୍ଷରୁ ସମ୍ବିଧାନର ପ୍ରଣେତା ଭାରତରତ୍ନ ଡ଼ଃ. ବି. ଆର. ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଅଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକରଙ୍କ ନେତୃତ୍ୱରେ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କ ସହିତ କର୍ମଚାରୀମାନେ ଡ଼ଃ. ବି. ଆର. ଆମ୍ବେଦକରଙ୍କ ଫଟ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସମାରୋହରେ ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀମାନେ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ (ପ୍ରଶାସନ) ଏଲଭିଏସଏସ ପାତୃଡୁ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଅଯୋଗ୍ୟ ସଂସ୍ଥାକୁ ଆଳୁ ବିହନ ଟେଣ୍ଡର ଅଭିଯୋଗ: ତଦନ୍ତ ଦାବି କଲା ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର, ୦୭/୧୧ (ନି.ପ୍ର): ପଞ୍ଜାବର ଅଯୋଗ୍ୟ ଘରୋଇ ସଂସ୍ଥାକୁ ଆଳୁ ବିହନ ଯୋଗାଣ ପାଇଁ ଟେଣ୍ଡର ଦିଆଯାଇଥିବା ନେଇ ଗୁରୁତର ଅଭିଯୋଗ କରିଛି ନବନିର୍ମାଣ କୃଷକ ସଂଗଠନ। ଏହାର ତଦନ୍ତ ଦାବି କରି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ପ୍ରମୁଖ ଶାସନ ସଚିବ, କୃଷି ବିଭାଗ ପ୍ରମୁଖ ସଚିବଙ୍କୁ ପୃଥକ୍ ଭାବରେ ପତ୍ର ଦେଇଛି ସଂଗଠନ। ଅନ୍ୟଦିଗରେ ବିହନ ନିଗମ ପରିଚାଳନା ନିର୍ଦ୍ଦେଶକ ଭବେଶ ନାୟକ କହିଛନ୍ତି ରାଜ୍ୟ ସରକାର କୌଣସି ଘରୋଇ ସଂସ୍ଥାକୁ ବିହନ ଯୋଗାଣ ପାଇଁ ଟେଣ୍ଡର ଦେଇ ନାହାନ୍ତି। ଭାରତ ସରକାରଙ୍କ ଏନଏସିସି, ନାଫେଡ ଏବଂ ଏନଏସଆରଡିଏସକୁ ଦିଆଯାଇଛି।



ଅଭିଯୋଗ ଅନୁଯାୟୀ, ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଚାଷୀଙ୍କ ପାଖରେ ପହଞ୍ଚିବାର ଥିଲା ଆଳୁ ବିହନ। ମାତ୍ର ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସମସ୍ତ ଚାଷୀଙ୍କ ପାଖରେ ଏହି ପହଞ୍ଚି ପାରିନାହିଁ। ଏଭଳି ସ୍ଥିତିରେ ହେକ୍ଟର ପିଛା ସରକାରଙ୍କ ୫୮ ହଜାର ରିହାତି ସତ୍ତ୍ୱେ ମଧ୍ୟ ଆଳୁ ଉତ୍ପାଦନ ଆଶାଜନକ ହେବ ନାହିଁ ବୋଲି ବର୍ତ୍ତମାନ ଠାରୁ ଆଶଙ୍କା ହେଲାଣି।

ଏହାକୁ ନେଇ ସଂଗଠନ କହିଛି, ୩ ବର୍ଷ ଧରି ପାଖାପାଖି ୩୫ କୋଟି ଟଙ୍କା କାରବାର କରିଥିବା ସଂସ୍ଥାକୁ ଆଳୁ ବିହନ ଟେଣ୍ଡର ପ୍ରଦାନର ନୂତନ ନିୟମ ରହିଛି। ମାତ୍ର ପଞ୍ଜାବର ଧୀରଜ ସଂସ୍ଥା ଏତେ କୋଟି ଟଙ୍କା କାରବାର କରିନଥିବା ପଞ୍ଜାବ ବିହନ ନିଗମର ରିପୋର୍ଟରୁ ଜଣାପଡ଼ିଛି। ଏଥିଯୋଗୁଁ ଧୀରଜ ସଂସ୍ଥା ଚାହିଦା ଅନୁସାରେ ବିହନ ଯୋଗାଣ କରିପାରୁ ନାହିଁ ଏବଂ ଏହା ବିଳମ୍ବିତ ହେଉଛି।

ସଂଗଠନ ଆହୁରି କହିଛି, ରାଜ୍ୟ ସରକାର ତିନୋଟି ଜାତୀୟ ସଂସ୍ଥା ଠାରୁ ବିହନ ନେଉଛନ୍ତି। ମାତ୍ର ଏହି ତିନୋଟି ଯାକ ରାଷ୍ଟ୍ରୀୟସ୍ତ ସଂସ୍ଥା ନିଜ ବିହନ ଉତ୍ପାଦନ କରନ୍ତି ନାହିଁ। ସେମାନେ ଏଥିପାଇଁ ଘରୋଇ ସଂସ୍ଥା ଧୀରଜ ଉପରେ ନିର୍ଭରଶୀଳ। ଏଥିଯୋଗୁଁ ବିହନ ଯୋଗାଣରେ ବିଭ୍ରାଟ ହୋଇଛି। କିନ୍ତୁ ଏହି ସଂସ୍ଥାକୁ ଜାତୀୟ ବିହନ ନିଗମ କାହିଁକି ଟେଣ୍ଡର ଦେଲେ ତାକୁ ନେଇ ପ୍ରଶ୍ନ ଉଠାଇଛି ନବନିର୍ମାଣ କୃଷକ ସଂଗଠନ। ହେକ୍ଟର ପିଛା ଆଳୁ ଚାଷ ପାଇଁ ସରକାରଙ୍କ ପକ୍ଷରୁ ସର୍ବାଧିକ ୫୮ ହଜାର ଟଙ୍କା ରିହାତି ଚାଷୀଙ୍କୁ ଦିଆଯାଏ।

# ଭୁବନେଶ୍ୱରରେ ଅନୁଷ୍ଠିତ ହେବ ଆଞ୍ଚଳିକ ରାଜଭାଷା ସମ୍ମିଳନୀ ଓ ପୁରସ୍କାର ବିତରଣ ସମାରୋହ




ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗ ପକ୍ଷରୁ ଆସନ୍ତାକାଲି, ଡିସେମ୍ବର ୮, ୨୦୨୨ରେ ଆଞ୍ଚଳିକ ରାଜଭାଷା ସମ୍ମିଳନୀ ଆୟୋଜନ କରାଯିବ। ଭୁବନେଶ୍ୱର ଆଚାର୍ଯ୍ୟ ବିହାର ସ୍ଥିତ ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇ ଆଇ ଏମ ଟି) ପରିସରରେ ଏହି ସମ୍ମିଳନୀ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ। ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୯ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ । ପୂର୍ବ ଏବଂ ଉତ୍ତର-ପୂର୍ବ କ୍ଷେତ୍ରର କେନ୍ଦ୍ର ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ସମ୍ମିଳନୀରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଜୟ କୁମାର ମିଶ୍ର ଅଧ୍ୟକ୍ଷତା କରିବେ। ବିଶେଷ ଅତିଥି ଭାବେ ରାଜଭାଷା ଉପରେ ଗଠିତ ସଂସଦୀୟ ସମିତିର ଉପାଧ୍ୟକ୍ଷ ଭର୍ତ୍ତୃହରି ମହତାବ ଯୋଗ ଦେବେ । ଏହା ବ୍ୟତୀତ ରାଜଭାଷା ବିଭାଗର ଯୁଗ୍ମ ସଚିବ ଡକ୍ଟର ମୀନାକ୍ଷୀ ଜୋଲି, କେନ୍ଦ୍ର ସରକାର ଓ କେନ୍ଦ୍ର ସରକାରୀ ପ୍ରତିଷ୍ଠାନର ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସମାରୋହରେ ଅତିଥିମାନେ ରାଜଭାଷାର ପ୍ରଚାରପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କେନ୍ଦ୍ର ସରକାରୀ ଅଧିକାରୀ, ବ୍ୟାଙ୍କ ଓ ଉଦ୍ୟୋଗମାନଙ୍କୁ ବିଭିନ୍ନ ବର୍ଗରେ ପୁରସ୍କୃତ କରିବେ । ରାଜଭାଷା ସମ୍ମିଳନୀ ଆୟୋଜନ ସମ୍ପର୍କରେ ଆଜି ଯୁଗ୍ମ ସଚିବ ଡକ୍ଟର ଜୋଲି ଗଣମାଧ୍ୟମକୁ ଏହି ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ସମ୍ବିଧାନର ଅନୁଚ୍ଛେଦ ୩୪୩ ଅନୁଯାୟୀ, ହିନ୍ଦୀ ଭାଷା ଓ ଦେବନାଗରୀ ଲିପିକୁ ରାଜଭାଷା ଭାବେ ଗ୍ରହଣ କରାଯାଇଛି । ହିନ୍ଦୀ ଭାଷାର ବିକାଶ ପାଇଁ ସମ୍ବିଧାନର ଅନୁଚ୍ଛେଦ ୩୫୧ରେ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି । ରାଜଭାଷା ହିନ୍ଦୀର ପ୍ରୋତ୍ସାହନ ପାଇଁ ପ୍ରତ୍ୟେକ ଆର୍ଥିକ ବର୍ଷରେ ରାଜଭାଷା ବିଭାଗ ପକ୍ଷରୁ ଚାରିଟି ଆଞ୍ଚଳିକ ସମ୍ମିଳନୀ ଆୟୋଜନ କରାଯାଇଥାଏ।

# ବସ୍ତାକୁ ସବଡିଭିଜନ ମାନ୍ୟତା ଦାବି ଜୋର ଧରିଲା

ବସ୍ତା, ୦୭/୧୨ (ନି.ପ୍ର): ବାଲେଶ୍ୱର ଜିଲାର ବସ୍ତାକୁ ରାଜସ୍ୱ ସବଡିଭିଜନ ବା ଉପଖଣ୍ଡ ମାନ୍ୟତା ଦେବା ପାଇଁ ବିଭିନ୍ନ ମହଲରେ ଦାବି ଦୋହରାଯାଇଛି । ନବେ ଦଶକରେ ବସ୍ତା, ବାଲିଆପାଳ, ସିଂଲା, ରୂପ୍ସା, ବାହାବଳପୁର, ପ୍ରଭୃତି ଥାନାକୁ ନେଇ ବସ୍ତାରେ ସବଡିଭିଜନ ପାଇଁ ଜନସାଧାରଣ ଦାବି ଉଠାଇ ଆସୁଛନ୍ତି। ଏହି ଦାବି ନେଇ ମୁଖ୍ୟମନ୍ତ୍ରୀ, ଜିଲାପାଳ, ବସ୍ତା ତହସିଲଦାର ପ୍ରମୁଖଙ୍କୁ ସ୍ମାରକପତ୍ର ଦିଆଯାଇଛି। ବସ୍ତା ଉପଖଣ୍ଡ କାର୍ଯ୍ୟାଳୟ ପାଇଁ ଏଠାରେ ଉପଯୁକ୍ତ ଭିତ୍ତିଭୂମି ରହିଛି । ଉଭୟ ଦକ୍ଷିଣପୂର୍ବ ରେଳପଥ ଓ ରାଜପଥ ବସ୍ତା ଦେଇ ଯାଇଅଛି । ଏଠାରେ ସିଏଚସି(୧) ଡାକ୍ତରଖାନା, ବ୍ଲକ, ବିଇଓ ଅଫିସ, ଅଗ୍ନିନିର୍ବାପକ କେନ୍ଦ୍ର, ଜାତୀୟକରଣ ବ୍ୟାଙ୍କ, ଉପନିବନ୍ଧକ କାର୍ଯ୍ୟାଳୟ, ଉପଡାକଘର, ଥାନା, ତହସିଲ କାର୍ଯ୍ୟାଳୟ, ଏସଡିପିଓ କାର୍ଯ୍ୟାଳୟ, ଜେଏମଏଫସି କୋର୍ଟ, ଗ୍ରାମ୍ୟ ଉନ୍ନୟନ ସବଡିଭିଜନ, ବିଦ୍ୟୁତ ବିଭାଗ ଉପଖଣ୍ଡ, ବନବିଭାଗ, ପୂର୍ତ୍ତବିଭାଗ ସବଡିଭିଜନ, ଜଳସେଚନ, ଅବକାରୀ, ଟେଲିକମ, ଉଠାଜଳସେଚନ ବିଭାଗ, ବସ୍ତାର ବାହାର୍ଦ୍ଦା ଠାରେ ଆନ୍ତର୍ଜାତୀୟ ମତ୍ସ୍ୟବଜାର, କୃଷିଫାର୍ମ, ୧୩୨କେଭି ବିଦ୍ୟୁତ ଗ୍ରୀଡ, ଆନ୍ତଃରାଜ୍ୟ ବସଷ୍ଟାଣ୍ଡ, ପ୍ରଭୃତି ସବଡିଭିଜନ ସ୍ତରୀୟ କାର୍ଯ୍ୟାଳୟ ରହିଛି। ମାତ୍ର ବସ୍ତାକୁ ଏପର୍ଯ୍ୟନ୍ତ ସବଡିଭିଜନ ଘୋଷଣା କରାଯାଇନାହିଁ। ଉଲ୍ଲେଖଯୋଗ୍ୟ ଯେ, ବସ୍ତା ବ୍ଲକରେ ୧ଲକ୍ଷ୯୪ ହଜାର ୨୨୫୧, ବାଲିଆପାଳ ବ୍ଲକରେ ୨ଲକ୍ଷ ୧୭ହଜାର ୫୪୬, ରୂପସା ଓ ବାହାବଳପୁର ଅଞ୍ଚଳରେ ୧ଲକ୍ଷ ୫ହଜାର ଜନସଂଖ୍ୟା ରହିଛି। ସବୁ ଅଞ୍ଚଳକୁ ଉତ୍ତମ ଯୋଗାଯୋଗ ବ୍ୟବସ୍ଥା ରହିଛି। ୩୦ବର୍ଷ ତଳେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ୧୯୯୩ ମସିହାରେ ୧୩ଜିଲାକୁ ବିଭାଜନ କରାଯାଇ ୩୦ଜିଲାରେ ପରିଣତ କରାଯାଇଥିଲା। ଏହି ଦୃଷ୍ଟି କୋଣରୁ ଉଦାହରଣତଃ ଦେବଗଡ ଜିଲାରେ ୩ଲକ୍ଷ ୧୨ହଜାର ୧୨୯ ଲୋକସଂଖ୍ୟା ଥିବା ବେଳେ ଏହା ଜିଲା ହୋଇଅଛି। ମାତ୍ର ପ୍ରସ୍ତାବିତ ବସ୍ତା ସବଡିଭିଜନରେ ତା'ଠାରୁ ବହୁ ଅଧିକ ଜନସଂଖ୍ୟା ରହିଛି। ବାଲେଶ୍ୱର ଜିଲାର ନୀଳଗିରି ଓ ଔପଦା ବ୍ଲକକୁ ନେଇ ସବଡିଭିଜନ ଗଠିତ ହୋଇଥିବା ବେଳେ ବସ୍ତା କାହିଁକି ସବଡିଭିଜନ ଘୋଷିତ ନ ହେବ ତା'ର ଯୁକ୍ତି ରହିଛି। ଏହି ପ୍ରସ୍ତାବିତ ଉପଖଣ୍ଡ ଅଞ୍ଚଳରେ ଶିକ୍ଷା ବିଭାଗରେ ବାଲିଆପାଳରେ ସୁବର୍ଣ୍ଣରେଖା, ନାବରା, ଜଗାଇ, କାଳିପଦା, ଜାମଶୂଳୀ, ଲଙ୍ଗଳେଶ୍ୱର, ଉଇଟିକିରି, ଅମର୍ଦ୍ଦାରୋଡ, ରୂପସା ମହାବିଦ୍ୟାଳୟ ମାନ ରହିଛି। ଏସବୁ ଦୃଷ୍ଟିକୋଣରୁ ଜନସାଧାରଣଙ୍କ ଦ୍ୱାରଦେଶରେ ପ୍ରଶାସନ ପହଞ୍ଚିବା ପାଇଁ ସବଡିଭିଜନ ଆବଶ୍ୟକ ବୋଲି ବସ୍ତାବ୍ଲକ ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ବିଜେଡି ରାଜ୍ୟ ସାଧାରଣ ସଂପାଦକ ଶ୍ୟାମପ୍ରସାଦ ବେହେରା, ପୂର୍ବତନ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ବର୍ତ୍ତମାନର ଅଧ୍ୟକ୍ଷ ରଂଜିତା ନାୟକ, ବସ୍ତା ବ୍ଲକ ଅଧ୍ୟକ୍ଷା ଅଂଜଳୀ ଦାସ, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଦାସ, ପୂର୍ବତନ ଜିଲା ପରିଷଦ ସଦସ୍ୟ ମହାଦେବ ଦାସଙ୍କ ସମେତ ବହୁ ନେତୃବୃନ୍ଦ ଦାବି କରିଛନ୍ତି।

## ମୟୂରଭଂଜ ପୋଲିସ ପକ୍ଷରୁ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ

ବାରିପଦା, ୦୭/୧୨ (ନି.ପ୍ର): ବାରିପଦା ପୋଲିସ ପଡିଆ ଠାରେ ମୟୂରଭଂଜ ପୋଲିସ ପକ୍ଷରୁ ଆଜି ୬୦ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ୟାରେଡ଼ରେ ଅଂଶଗ୍ରହଣ କରି ଅଭିବାଦନ ଗ୍ରହଣ କରିବା ସହ ଗୃହରକ୍ଷୀମାନଙ୍କ ଅବିସ୍ମରଣୀୟ କିର୍ତୀ ଉପରେ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ । ଗୃହରକ୍ଷୀମାନେ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ମରୁଡି ଠାରୁ ଆରମ୍ଭ କରି ଆଇନ୍ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଭଳି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ କର୍ତବ୍ୟ ସମ୍ପାଦନ ସହ ନିଜ ଜୀବନକୁ ପାଣି ଛଡାଇ ଜନସାଧାରଣଙ୍କର ସେବା କରିଆସିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ନିକଟରୁ ଆସିଥବା ସନ୍ଦେଶବାର୍ତା ଆରକ୍ଷୀ ଅଧିକ୍ଷକ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପୋଲିସ ବିଭାଗର ଅନେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ



ବସ୍ତା, ୦୭/୧୨ (ନି.ପ୍ର): ବସ୍ତା ବ୍ଲକ ରାଉତପଡା ପଞ୍ଚାୟତ ଅନ୍ତର୍ଗତ ବାରାପାଳ ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଞ୍ଜୁଚରଣ ପାଲ (୬୫)ଙ୍କର ମଙ୍ଗଳବାର ରାତିରେ ହୃଦଘାତଜନିତ ମୃତ୍ୟୁ ଘଟିଛି । ତାଙ୍କ ଘର ସଦର ଥାନା ପରିଖୀ ଫାଣ୍ଡି ଅଧୀନ ହଣାଗୋଠ ଗ୍ରାମରେ । ୨୦୧୭ ଫେବୃଆରୀରେ ସେ ଅବସର ଗ୍ରହଣ କରିଥିଲେ । ରାତିରେ ଘରେ ବସିଥିବା ସମୟରେ ତାଙ୍କ ଛାତିରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାରଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ବୁଧବାର ତାଙ୍କ ମୃତଦେହ ଘରକୁ ଅଣାଯାଇଥିଲା । ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ନିଆଯାଇ ଗାଁ ଶ୍ମଶାନରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା । ମୃତ୍ୟୁ ବେଳକୁ ତାଙ୍କ ତିନି ପୁଅ ପପୁ, ଦିପୁ ଓ ଲିପୁ ସମେତ ସ୍ତ୍ରୀ, ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳ ରେ ଶୋକରଛାୟା ଖେଳିଯାଇଛି । ଖବର ପାଇ ବିଦ୍ୟାଳୟର ଶିକ୍ଷକ, ଅଣଶିକ୍ଷକ, ପୁରାତନ ଛାତ୍ର, ଜନପ୍ରତିନିଧି, ଗ୍ରାମବାସୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରି ଅମର ଆତ୍ମାର ସଦଗତି କାମନା କରିଥିଲେ । ସେ ଜଣେ ଛାତ୍ରବତ୍ସଳ, ଆଦର୍ଶ ଶିକ୍ଷକ, ଅନୁଷ୍ଠାନ ପ୍ରେମୀ ଭାବେ ସୁନାମ ଅର୍ଜନ କରିଥିଲେ ।

# ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ବି.ଆର.ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୦୭/୧୨ (ନି.ପ୍ର): ଭାରତ ସମ୍ବିଧାନର ପ୍ରଣେତା ଡ. ବାବା ସାହେବ ଆମ୍ବେଦକରଙ୍କୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ତାଙ୍କ ମହାପ୍ରୟାଣ ଦିବସରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ଏକ ସଭା ଦଳିତ କମିଟିର ସଭାପତି ରଂଜନ କୁମାରେ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମ୍ବିଧାନ ଓ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି। ଜନସାଧାରଣଙ୍କ ମୌଳିକ ଅଧିକାରକୁ ସଂକୁଚିତ କରିଦେବାର ଉଦ୍ୟମ ଚାଲିଛି। ତେଣୁ ସମ୍ବିଧାନର ସୁରକ୍ଷା ଆମ ସମସ୍ତଙ୍କର ସାମଗ୍ରୀକ କର୍ତ୍ତବ୍ୟ ହେବା ଉଚିତ ବୋଲି ଶ୍ରୀ ଦାସ ନିଜ ବକ୍ତବ୍ୟରେ କହିବା ସହ ଏହା ଡ. ଆମ୍ବେଦକରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜୀବ ଗାନ୍ଧୀ ସେବା ସଂଗଠନର ସଭାପତି ପ୍ରଦ୍ୟୁମ୍ନ ଦାସ, ଦଳିତ ଆବାହାକ ଦିନବଂଧୁ ଦାସ, ଖଗେଶ୍ୱର ଜେନା, ଭଦ୍ରକ ବ୍ଲକ ଦଳିତ ସଂଘର ସଭାପତି ନିଶିକାନ୍ତ ଯେନା, ଯୁବ ଟାଉନ ସସଭାପତି ଫୈଜାନ ଅଲ୍ଲୀ, ସଂଗ୍ରାମ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନନିଜ ବକ୍ତବ୍ୟରେ ଡ. ଅମ୍ବେଦକର ଜଣେ ଯୋଗଜନ୍ମା ବୋଲି ଅଭିହିତ କରିବା ସହ ସେମାନଙ୍କ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

FOREST DEPARTMENT
OFFICE OF THE DIVISIONAL FOREST OFFICER,
BARIPADA FOREST DIVISION
e-mail – dfo.baripada@odisha.gov.in.

Government of Odisha e-Tender Call Notice
Bid Identification No.-DFO-BPD-03/2022-23

1. Number of works – 2 (Two numbers).
2. Approximate estimated cost: - 10.17 lakh to 12.00 lakh
3. Period of Completion: - 45 Days.
4. Date & Time of availability of bid documents in the portal :- Dt.08.12.2022 to 18.12.2022
5. Last Date & Time of receipt of bid in the portal :- Dt.18.12.2022 up to 5.00 PM
6. Date of Opening of bid :- Dt.19.12.2022 at 11.00 AM
7. Name & address of the Office inviting bid:- Divisional Forest Officer, Baripada Forest Division, Baripada, Mayurbhanj.

Further details can be seen from the e-procurement portal http://www.tendersodisha.gov.in

OIPR : 08065/11/0004/2223

Divisional Forest Officer
Baripada Forest Division

## ଚତୁର୍ଦ୍ଦଶତମ ଶ୍ରୀମଦ୍ ଭାଗବତ ଜୟନ୍ତୀ

ଜଳେଶ୍ୱର, ୦୭/୧୨(ନି.ପ୍ର): ଜଳେଶ୍ୱର ନୂଆବଜାରସ୍ଥିତ ଶିବ ମନ୍ଦିର ପ୍ରଙ୍ଗଣରେ ଚଳିତବର୍ଷ ଗୀତା ଜୟନ୍ତୀ ମହାସମାରୋହରେ ପାଳିତ ହୋଇ ଯାଇଛି । ଚଳିତବର୍ଷରେ ବିଶ୍ୱରୁ ମହାମାରୀ ନିବାରଣ ସଂକଳ୍ପ କରାଯାଇ ଗୀତା ଜୟନ୍ତୀ ତଥା ବିଷ୍ଣୁଙ୍କ ସହସ୍ର ନାମ ଜପ କରାଯାଇଥିଲା । ମନ୍ଦିର କମିଟି ଶ୍ରୀ ଭାଗବତ ଦାସ ଓ ମହେଶ୍ୱର ଦାସଙ୍କ ପ୍ରତ୍ୟେକ୍ଷ ତତ୍ୱାବଦାନରେ ତଥା ବାଭିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁଙ୍କ ସଂଯୋଜନାରେ ଯଜ୍ଞ କାର୍ଯ୍ୟ ବିଧିବିଧାନରେ ଅନୁଷ୍ଠିତ ହୋଇଥିଲା। ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରମାନେ ବେଦପାଠ କରିଥିଲ । ଯଜ୍ଞ କାର୍ଯ୍ୟରେ ରମଣୀ ରଂଜନ ପାଠୀ, ଗୌରୀଶଂକର ପାଠୀ, ପତିତପାବନ ପଣ୍ଡା, ଈଶ୍ୱର କୁମାର କର, ଜନ୍ଦ୍ରମୋହନ ପଣ୍ଡା, ସଂଜୟ କୁମାର ପାଠୀ ପ୍ରମୁଖ ଆଚାର୍ଯ୍ୟଭାବେ ରହି କାର୍ଯ୍ୟ ସମ୍ପାଦନ କରିଥିଲେ ।

## ୬୦ ତମ ହୋମ ଗାର୍ଡ ଦିବସ ପାଳିତ

ଖୋର୍ଦ୍ଧା, ୦୭/୧୨ (ନି.ପ୍ର): ଖୋର୍ଦ୍ଧା ପୋଲିସ ଜିଲ୍ଲା ତରୁଆ ଥିବା ରିଜର୍ଭ ପୋଲିସ୍ ପାରେଡ୍ ପଡିଆ ଠାରେ ୬୦ ତମ ହୋମଗାର୍ଡ ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ପୋଲିସ ଆରକ୍ଷୀ ଅଧିକାରୀ ଓ ସିଦ୍ଧାର୍ଥ କାଟରିଆ (ଆଇପିଏସ) ଖୋର୍ଦ୍ଧା ପାରେଟରେ ଯୋଗ ଦେଇ ହୋମଗାର୍ଡ ମାନଙ୍କ ପାରେଟ୍ ଦେଖି ଥିଲେ ଓ ଅଭିବାଦନ ଗ୍ରହଣ କରିଥଲେ। ଆମ ଦେଶ, ରାଜ୍ୟ ଓ ଜିଲ୍ଲା ହୋମ ଗାର୍ଡ କ୍ୟାର୍ଯ୍ୟ ଦକ୍ଷତା ପାଇଁ ପ୍ରସଂଶା କରିଥଲେ। ଖୋର୍ଦ୍ଧା ଜିଲ୍ଲାର ଏହି ହୋମଗାର୍ଡ କାର୍ଯ୍ୟ ବିଶେଷ ଦରକାର ପଡୁଛି। ସେମାନେ ନ ଥିଲେ, ସମସ୍ତ କାର୍ଯ୍ୟ ପୋଲିସ କରିବା ସକ୍ଷମ ହୁଅନ୍ତି ନାହିଁ। ସେମାନେ ଟ୍ରାଫିକ, ଶାନ୍ତି ରକ୍ଷା, ସହର ଗ୍ରାମାଞ୍ଚଳ ପାଇଁ ବିଶେଷ ଦରକାର। ସେ ଦେଶ ରାଜ୍ୟ ପୋଲିସ ଦିନ ରାତ୍ର କାର୍ଯ୍ୟ ଓ ସାଧାରଣ ଲୋକଙ୍କ ସୁରକ୍ଷା ବଧ ପରିକର୍। ଏହି ଉତ୍ସବରେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ, ସମସ୍ତ ଥାନା ଅଧିକାରି, ଖୋର୍ଦ୍ଧା ଯୁବ ଏସଡିପିଓ (ଓପିଏସ) ଶ୍ରୀଯୁକ୍ତ ଦିଲୀପ କୁମାର ଦାସ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଓ ସମସ୍ତ ସାମ୍ୱାଦିକ ପ୍ରିଣ୍ଟ ଓ ବୈଦିକ ମିଡ଼ିଆ ଯୋଗ ଦେଇଥିଲେ।

## ଜମ୍ମୁର ସିଦଡ଼ାରେ ବିସ୍ଫୋରଣ ପରେ ସୁରକ୍ଷାବଳଙ୍କ ତଲାସୀ ଅଭିଯାନ ଜାରି

ଜମ୍ମୁ, ୦୭/୧୨ (ନି.ପ୍ର): ମଙ୍ଗଳବାର ବିଳମ୍ବିତ ରାତିରେ ଜମ୍ମୁର ସିଦଡ଼ା ଅଂଚଳରେ ତୱି ବ୍ରିଜ ନିକଟରେ ଏକ ବଡ଼ ବିସ୍ଫୋରଣ ପରେ ସୁରକ୍ଷା ବାହିନୀର ସର୍ଚ୍ଚ ଅପରେସନ ଚାଲିଛି। ବୁଧବାର ସକାଳେ ବ୍ରିଜ ନିକଟରେ ଥିବା ଜଙ୍ଗଲ ଏବଂ ତୱି ନଦୀ ଅଂଚଳରେ ସୁରକ୍ଷା ବାହିନୀ ସର୍ଚ୍ଚ ଅପରେସନ ଆରମ୍ଭ କରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଏତଲା ପଞ୍ଜୀକରଣ ନକଲେ....

ବ୍ୟକ୍ତିଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବା ଉଚିତ । ଲେଖିବା ପାଇଁ କାଗଜ, କଲମ ଓ ବସିବା ପାଇଁ ଚୌକି ଦେବା ଆବଶ୍ୟକ । ରାୟରେ ଉଲ୍ଲେଖ କରାଯାଇଥିବା ଆଦେଶ ପାଳନ ପାଇଁ ନିର୍ଦ୍ଦେଶନାମା ଜାରି କରିବେ ଡିଜିପି । ଅଭିଯୋଗ ଆସିଲେ ତାକୁ ଗ୍ରହଣ କରିବାକୁ ପୁଲିସ ଅଧିକାରୀ ବାଧ । ଥାନାକୁ ଆସୁଥିବା ବ୍ୟକ୍ତିଙ୍କ ପ୍ରତି ଭଲ ବ୍ୟବହାର କରିବା ସହ ଅଭିଯୋଗ ଲେଖିବା ପାଇଁ ବ୍ୟବସ୍ଥା କରାଯିବ । ବିନା ମୂଲ୍ୟରେ ଏତଲା କପି ଅଭିଯୋଗକାରୀଙ୍କୁ ସଂପୃକ୍ତ ପୁଲିସ ଅଧିକାରୀ ପ୍ରଦାନ କରିବେ ।

# ୧୧ଦଫା ଦାବିରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଘେରାଉ




ଭଦ୍ରକ, ୦୭/୧୨ (ନି.ପ୍ର): କେନ୍ଦ୍ର ସରକାର କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଆଇନକୁ ବିଓସିଡବ୍ଲୁଡବ୍ଲୁଏ, ଅନ୍ୟାନ୍ୟ ଆଇନ ସହ ମିଶ୍ରଣ ଯୋଜନାକୁ ପ୍ରତ୍ୟାହାର କରିବା ଦିଗରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କର ଏଭଳି ନିଷ୍ପତ୍ତିକୁ ବିରୋଧ କରିବା ସହ ବିଧିବଦ୍ଧ ଭାବେ ପ୍ରତିବାଦ କରିବାକୁ ଟ୍ରେଡ ୟୁନିୟନ ସଂଗଠନମାନେ ଦାବି କରିଛନ୍ତି। ନିର୍ମାଣ ଶ୍ରମିକ ନବିକରଣ ଓ ନୂତନ ପଂଜିକରଣ ପାଇଁ କେବଳ ମାତ୍ର ଅନଲାଇନରେ କରା ନଯାଇ ଅଫଲାଇନ ବ୍ୟବସ୍ଥା ପ୍ରକ୍ରିୟାକୁ ଚାଲୁ କରାଯିବାକୁ ମଧ ଦାବି ହୋଇଛି। କାରଣ ନିର୍ମାଣ ଶ୍ରମିକ ମାନେ ଶିକ୍ଷତ ନୁହନ୍ତି। ସମସ୍ତଙ୍କ ପାଖରେ ମୋବାଇଲ ନାହିଁ ଓ ଓଟିପି ଚାଲୁ କରି ପାରିବେ ନାହିଁ। ବିଭିନ୍ନ ଜିଲ୍ଲା ଶ୍ରମ କରାର୍ଯ୍ୟାଳୟରେ ଦାଖଲ କରାଯାଇଥିବା ଦରଖାସ୍ତଗୁଡ଼ିକୁ ଯାଞ୍ଚ କରି ପଞ୍ଜିକରଣ କରାଯିବା, ବିଭିନ୍ନ ସହାୟତା ଦେବାର ବିଳମ୍ବ ନକରି ଯଥାଶୀଘ୍ର ସମୟ ସୀମା ମଧ୍ୟରେ ପ୍ରଦାନ କରିବା, ଆବେଦନ କରାଯାଇଥିବା ମୃତ୍ୟୁକାଳୀନ, ବିବାହ, ଶିକ୍ଷା, ଓ ମେଡିକାଲ ସହାୟତା ତୁରନ୍ତ ପ୍ରଦାନ କରାଯିବାକୁ ଦାବି କରାଯାଇଛି। ସେହିପରି ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ନିର୍ମାଣ ଶ୍ରମିକମାନଙ୍କୁ ମାସିକ ୧୦ ହଜାର ଟଙ୍କା ପେନସନ ଦିଆଯାଉ। ପ୍ରତ୍ୟେକ କାର୍ଯ୍ୟ ଦିବସରେ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ଠାରୁ ବାର୍ଷୀକ ଦେୟ ଗ୍ରହଣ କରାଯାଉ। କରୋନା ଓ ଅନ୍ୟାନ୍ୟ ସମସ୍ୟା ଯୋଗୁଁ ୩ ବର୍ଷରୁ ଉର୍ଦ୍ଧ୍ୱ ବାର୍ଷିକ ଦେୟ ପୈଠ କରିନଥିବା ନିର୍ମାଣ ଶ୍ରମିକଙ୍କ ଆବେଦନକୁ ବିଚାର କରି ନବିକରଣ କରାଯାଉ। ସେସ ଆଦାୟକୁ ଦୃଢ଼ ଭାବରେ କାର୍ଯ୍ୟକାରୀ କରାଯାଉ। ନିର୍ମାଣ ଶ୍ରମିକଙ୍କ ସ୍ୱାର୍ଥକୁ ରକ୍ଷା କରିବା ପାଇଁ କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନଙ୍କ ସହିତ ଓବି ଏଣ୍ଡ ଓସି ଡ଼ବ୍ଲ୍ୟୁଡ଼ବ୍ଲ୍ୟୁବିର ବୈଠକ ଅନୁଷ୍ଠିତ ହୋଇ ଅଭିଯୋଗ ଓ ନିର୍ମାଣ ଶ୍ରମିକଙ୍କ ସମସ୍ୟା ସମାଧାନ କରାଯାଉ। ଏସମସ୍ତ ଦାବି ନେଇ ଆଜି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଆହ୍ୱାନରେ ସମଗ୍ର ରାଜ୍ୟର ସଦର ମହକୁମାରେ ଶ୍ରମ କାର୍ଯ୍ୟାଳୟ ଘେରାଉ କରାଯାଇ ଶ୍ରମାଧିକାରୀଙ୍କୁ ୧୧ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହିକ୍ରମରେ ଭଦ୍ରକ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭାରେ ଶ୍ରମିକ ନେତା ଦିବ୍ୟସିଂହ ନାୟକ ସଭାପତିତ୍ୱ କରିଥିଲେ। ସିଆଇଟିୟୁର ରାଧା ଦାସ, କାଳନ୍ଦୀ ପାତ୍ର, ନିରଂଜନ ପାଣୀ, ବିଷ୍ଣୁ ଦାସ, ମଳୟ ଭୋଇ, ସୀତା ଦାସ, ବାସନ୍ତୀ ବେହେରା, ଏଆଇସିସିଟିୟୁର ସମର ବଳ, ଗାୟତ୍ରୀ ବେହେରା, ରମାକାନ୍ତ ଦାସ, ପପନା ପାତ୍ର, ଗୟାଧର ଶେଣ, ପାଣ୍ଡବ ଜେନା, ଜୟନ୍ତୀ ବିଶ୍ୱାଳ, ଏଆଇୟୁଟିୟୁସିର ରାମଚନ୍ଦ୍ର ଶଂଖୁଆ, ଆଇଏନଟିୟୁସିର ସୁବାଶିଶ ନାୟକ, ଏଆଇଟିୟୁସିର ରବୀନ୍ଦ୍ର ସେଠୀ ପ୍ରମୁଖ ବକ୍ତ୍ୟ ରଖି ନିର୍ମାଣ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାର କେନ୍ଦ୍ର ଉପରେ ଚାପ ପକାନ୍ତୁ ଓ ସେମାନଙ୍କ ସ୍ୱାର୍ଥ ପ୍ରତି ଯତ୍ନଶୀଳ ହୁଅନ୍ତୁ। ଏହି ଅବସରରେ ଶ୍ରମାଧିକାରୀ ସଚ୍ଚିଦାନନ୍ଦ ଜେନା ପ୍ରତିବାଦସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିବା ସହ ତାଙ୍କ କ୍ଷମତା ପରିସରରେ ଥବବା ସମସ୍ତ ଦାବି ପୂରଣ କରିବାର ପ୍ରତିଶ୍ରୁତି ଦେଇଥିଲେ।

# ନିଶା ନିବାରଣର ମୁଖ୍ୟ ପୁରୋଧାଥିଲେ ଗୋବିନ୍ଦ ଚନ୍ଦ୍ର



ଖଇରା, ୦୭/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଅଞ୍ଚଳରେ ଖଇରା ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ୧୮ତମ ଶ୍ରାଦ୍ଧ ବାର୍ଷିକୀ ବିଭିନ୍ନ ସ୍ଥାନରେ ପାଳିତ ହୋଇ ଯାଇଛି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ନଛିପୁର ଉପ୍ର। ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିସଭାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ସନାତନ ବେହେରା ପୌରହିତ୍ୟ କରିଥିଲେ । ଖଇରା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଚିନ୍ତାମଣି ସାହାଣି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ନରସିଂହ ପାଣି ବେଦ ପାଠ କରିଥିଲେ । ସେହିଭଳି ଖଇରା ଜନଜାଗରଣ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁକ୍ତିକାନ୍ତ ଶତପଥି, ନିରଞ୍ଜନ ବେହେରା, ବୁଦ୍ଧିରାମ ପାଣିଗ୍ରାହୀ, ନାରାୟଣ ପଣ୍ଡା,କୈଳାସ ଚନ୍ଦପୃଷ୍ଟି,ଦେବେନ୍ଦ୍ର ପ୍ରସାଦ ରାଉତ, ଉପେନ୍ଦ୍ର ପ୍ରସାଦ ଦାସ, ଅଲେଖ ଚରଣ ନାୟକ,ବଳରାମ ଲେଙ୍କା, ଅନାମ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ । ଖଇରା ଅଞ୍ଚଳରେ ନିଶା ନିବାରଣର ମୁଖ୍ୟ ପୁରୋଧା ସାଜିଥିବା ଏହି ବ୍ୟକ୍ତି ଜଣକ ଜନଗହଳି ସ୍ଥାନରେ ପହଞ୍ଚି ଅଳିଆଆବର୍ଜନା ସଫା କରିବା,ବିଭିନ୍ନ ଶକ୍ତିପୀଠରେ ବଳିପ୍ରଥା ବନ୍ଦ କରିବା,ନିଜେ ଅରଟରେ ସୁତାକାଟି ଲୁଗାବୁଣି ପିନ୍ଧିବା ଭଳି କାର୍ଯ୍ୟପାଇଁ ଆଜି ବି ଲୋକେ ତାଙ୍କୁ ଝୁରୁଥିବା ନେଇ ବକ୍ତାମାନେ ପ୍ରକାଶ କରିଥିଲେ । ଅଭିରାମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାମ୍ମୁ-କାଶ୍ମୀରରେ ୩.୦ ତୀବ୍ରତାର ଭୂମିକମ୍ପ

ଜମ୍ମୁ, ୦୭/୧୨ (ନି.ପ୍ର): ଜମ୍ମୁ-କାଶ୍ମୀର ରେ ବୁଧବାର ସକାଳେ ଭୂମିକମ୍ପର ଝଟକା ଅନୁଭୂତ ହୋଇଥିଲା । ସକାଳେ ୯.୧୫ ସମୟରେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୦ ଥିଲା । ଭଦ୍ରବାହ, କଠୁଆ, ଡୋଡା, ଉଦ୍ଧମପୁର, ଜମ୍ମୁ, କଟଡ଼ା ଏବଂ ଶ୍ରୀନଗରରେ ଏହି ଭୂମିକମ୍ପର ଝଟକା ଅନୁଭୂତ ହୋଇଥିଲା । ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂମିଠାରୁ ୧୦ କି.ମି. ତଳେ ଥିଲା ।

# ମୁନି ପ୍ରାଣକୃଷ୍ଣ ବେହେରା-ମୁନିରାଜ୍ଞୀ ବାସନ୍ତୀ ବେହେରାଙ୍କ ବାସଭବନରେ ବ୍ରହ୍ମଯଜ୍ଞ ଅନୁଷ୍ଠିତ



ମଥାନି, ୦୭/୧୨ (ନି.ପ୍ର): ବୁଧବାର ଥିବା ୧୦ ଘଟିକା ସମୟରେ ମୁନି ପ୍ରାଣକୃଷ୍ଣ ବେହେରା-ମୁନିରାଜ୍ଞୀ ବାସନ୍ତୀ ବେହେରାଙ୍କ ବାସଭବନରେ, ଆତ୍ମଜ୍ଞାନୀ ବରିଷ୍ଠ ଯୋଗୀ ନରେନ୍ଦ୍ର ମୁନିଙ୍କ ସଭାପତିତ୍ୱରେ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ, ଓଡ଼ିଶା ପ୍ରାନ୍ତ, ମଥାନି-ଶାଖା ଆନୁକୂଲ୍ୟରେ, ଏକ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ମୁନି ସମାଜର ଜ୍ୟୋତି, ଜିଲ୍ଲା ସମ୍ପାଦକ, ପ୍ରାନ୍ତୀୟ ପ୍ରଚାର ସଙ୍ଗଠନ ମନ୍ତ୍ରୀ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ବେଦବିତ୍, ଆତ୍ମଦର୍ଶୀ ଯୋଗାଚାର୍ଯ୍ୟ ବାଇଧର ମୁନିଜୀ ମହୋଦୟ । ଆଧ୍ୟାତ୍ମିକ ମୁନି ସଙ୍ଗୀତ ଗାନ କରିଥିଲେ,ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା, କଣ୍ଠଶିଳ୍ପୀ ମୁନିରାଜ୍ଞୀ ସଂଯୁକ୍ତା ମହାନ୍ତୀ ପ୍ରମୁଖ । ମଞ୍ଚ ପରିଚାଳନା କରିଥିଲେ, ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ, ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ଏବଂ ମୁନିବର ଅମୂଲ୍ୟ ମୁନିଜୀ ମହୋଦୟ । ମଞ୍ଚାସୀନ ଥିଲେ, ହାତିଆଡିହା ଶିବମୁନି ଯୋଗାଶ୍ରମ ରୁ ଆସିଥିବା ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି, ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି, ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ, ଯୋଗୀ ରାମଚନ୍ଦ୍ର ବେହେରା, ଯୋଗୀ ମଧୁସୂଦନ ପଣ୍ଡା, ଯୋଗୀ ଅରୂଣ ମୁନି, ଯୋଗୀ ଅନ୍ତର୍ଯ୍ୟାମୀ ରାଉଳ, ଯୋଗୀ କୃପାସିନ୍ଧୁ ମୁନି, ଯୋଗୀ ହରିଶ୍ଚନ୍ଦ୍ର ମୁନି, ଯୋଗଶିକ୍ଷୟତ୍ରୀ କମଳିନୀ ଦେ, ଯୋଗଶିକ୍ଷୟତ୍ରୀ ଶାନ୍ତିଲତା ମହାନ୍ତୀ, ମୁନି ରାଜ ପରେଶ୍ ମୁନି ପ୍ରମୁଖ। ଉପସ୍ଥିତ ଥିଲେ, ମୁନି ପଞ୍ଚାନନ ଜେନା, ମୁନି ଉପେନ୍ଦ୍ର ବେହେରା, ଧୀରେନ୍ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା,ଆଦିକନ୍ଦ ଦାସ, ହରିହର ଗିରି, ମୁନି ମତୀ ଝୁନୁମଣୀ ଜେନା, ସୀତାମଣୀ ମହାଳିକ, ମମତା ଆଇଚ, ଜୟନ୍ତୀ ଗିରି, ଶାନ୍ତିଲତା ଗିରି, ମାଳତୀ ଗିରି, ଜୋସ୍ନାରାଣୀ ଭୂୟାଁ ଇତ୍ୟାଦି ଶତାଧିକ ଶିବମୁନି ପରିବାରର ସଦସ୍ୟ-ସଦସ୍ୟା ବୃନ୍ଦ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ପରିବାରକୁ ଦୀର୍ଘ ନୀରୋଗ, ନୀରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ତା ପରେ ମୁଖ୍ୟବକ୍ତା ତାଙ୍କ ବଚନାମୃତରେ, ଜଣେ ଯଦି ଯମ, ନିୟମ ପାଳନ କରି ପ୍ରତିଦିନ ଯୋଗ ସାଧନା ଜାରି ରଖି ଚାଲିଥିବ, ତେବେ ସେ ନୀରୋଗ ରହିବା ସହିତ, ତାର ସମସ୍ତ ସଂକଳ୍ପ ନିଶ୍ଚୟ ପୂର୍ଣ ହେବ ହିଁ ହେବ । ସେ ନିଶ୍ଚୟ ଅତ୍ମଦର୍ଶନ କରିବ ହିଁ କରିବ । ଜୀବନ ମୁକ୍ତ ହେବ । ଶେଷରେ ଯୋଗୀ ଚିତ୍ତରଞ୍ଜନ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

ଗୁରୁବାର, ଡିସେମ୍ବର ୦୮, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସର୍ବଭାରତୀୟ ଜୁନିଅର କରାଟେ ଚମ୍ପିୟନସିପ୍‌ରେ ବାଲେଶ୍ୱର ଖେଳାଳିଙ୍କ ସଫଳତା

ବାଲେଶ୍ୱର, ୦୭/୧୨ (ନି.ପ୍ର): ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ସର୍ବ ଭାରତୀୟ ଜୁନିଅର କରାଟେ ଚମ୍ପିୟନସିପ୍‌ରେ ସହରର ଉତ୍କଳ କରାଟେ ସ୍କୁଲ ଶିକ୍ଷାର୍ଥୀଙ୍କ ସଫଳତା ଜିଲ୍ଲା ସମେତ ଓଡ଼ିଶା ପାଇଁ ଗୌରବ ଆଣିପାରିଛି । କୃତୀ ପ୍ରତିଯୋଗୀମାନେ ବାଲେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବା ପରେ ସେମାନଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ନୂଆଦିଲ୍ଲୀର ତାଲକୋଟ୍ରା ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଏହି ଚମ୍ପିୟାନସିପ୍‌ରେ ବାଲେଶ୍ୱରରୁ ବାଳକ ବିଭାଗର ୨ ଜଣ ଓ ୪ଜଣ ବାଳିକାଙ୍କ ସମେତ ପ୍ରଶିକ୍ଷକ ଲକ୍ଷ୍ମୀ ରଣା ଅଂଶଗ୍ରହଣ କରିଥିଲେ । ଜୁନିଅର ବର୍ଗର କୁମାଇଟ ବିଭାଗରେ କୁନି ବାଳକ ନକ୍ସ ପୋଦାର ଦ୍ୱିତୀୟ ହୋଇ ସିଲଭର ମେଡାଲ ଜିତିବା ସହ ନିଜ ପ୍ରଦର୍ଶନରେ ସମସ୍ତଙ୍କୁ ଚମତ୍କୃତ କରିଥିଲେ । ବାଲେଶ୍ୱର ସହରର ସମାଜସେବୀ ମନୋଜ ପୋଦାରଙ୍କ ପୁତ୍ର ନକ୍ସଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି । ଚମ୍ପିୟନସିପ୍‌ର କାତା ବିଭାଗରେ ଉର୍ଜା ସାମନ୍ତ ସିଲଭର, କୁମାଇଟ ବିଭାଗରେ କାଜଲ ଆଚାର୍ଯ୍ୟ ବ୍ରୋଞ୍ଜ ମେଡାଲ ଜିତିବାରେ ସଫଳତା ପାଇଛନ୍ତି । ସେହିପରି ସେଠାରେ ଆୟୋଜିତ ଇଂଟର ଜୋନାଲ କରାଟେ ଚମ୍ପିୟନସିପ୍‌ରେ ବ୍ରତତୀ ବିଶ୍ୱପ୍ରଭା ପତି ଦୁଇଟି ବିଭାଗରେ ଅଂଶଗ୍ରହଣ କରି ଗୋଲ୍ଡ ଓ ବ୍ରୋଞ୍ଜ ମେଡାଲ ପାଇବାରେ ସକ୍ଷମ ହୋଇଛନ୍ତି । ପୂର୍ବରୁ ସେ ଶ୍ରୀଲଙ୍କାରେ ଆୟୋଜିତ ସାଉଥ ଏସିଆ କରାଟେ ଟୁର୍ଣ୍ଣାମେଣ୍ଟରେ ବ୍ରତତୀ ଅଂଶଗ୍ରହଣ କରି ସିଲଭର ମେଡାଲ ପାଇଛନ୍ତି ବୋଲି ପ୍ରଶିକ୍ଷିକା ଶ୍ରୀମତି ରଣା ସୂଚନା ଦେଇଛନ୍ତି । ଏହି ସଫଳତାକୁ ନେଇ ସେ ସନ୍ତୋଷ ପ୍ରକାଶ ସହ ଉତ୍କଳ କରାଟେ ସ୍କୁଲରେ ପ୍ରଶିକ୍ଷକ ଦେବେନ୍ଦ୍ର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱରରୁ ପ୍ରତିଯୋଗୀମାନେ ଯାଇ ଆନ୍ତର୍ଜାତିକ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପୂର୍ବକ ସଫଳତା ହାସଲ କରିପାରିଛନ୍ତି ବୋଲି ଶ୍ରୀମତି ରଣା କହିଥିଲେ । ଆଗାମୀ ଦିନରେ ବି ଏହି ଛାତ୍ରଛାତ୍ରୀମାନେ ଅଧିକରୁ ଅଧିକ ପ୍ରତିଯୋଗିତାରେ କୃତିତ୍ୱ ଦେଖାଇବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

## ସୋନ ନଦୀରେ ମାତିଛନ୍ତି ବାଲି ମାଫିଆ, ଲକ୍ଷ ଲକ୍ଷ ଟଙ୍କାର ବାଲି ଚୋରି

ନୀଳଗିରି, ୦୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଧୀନ ସୋନ ନଦୀ କାଠପାଳ ଠାରେ ମାତିଛନ୍ତି ବାଲି ମାଫିଆ । ମଧ୍ୟରାତ୍ରି ଠାରୁ ସକାଳ ୭ଟା ପର୍ଯ୍ୟନ୍ତ ଶହ ଶହ ଟ୍ରିପ ବାଲି ଟ୍ରାକ୍ଟର ଯୋଗେ ଉଠାଯାଇ ଆଖପାଖ ଅଞ୍ଚଳରେ ଗଚ୍ଛିତ କରି ରଖୁଛନ୍ତି ବାଲି ମାଫିଆ । କିଏ ଇଟା ଭାଟିରେ ରଖୁଛି ତ ଆଉ କିଏ ଗାଁ ଭିତରେ ରଖୁଛି । ଗଚ୍ଛିତ ବାଲିକୁ ବଡ଼ ବଡ଼ ଟ୍ରକରେ ଲୋଡ କରି ବାହାରକୁ ଚାଲାଣ ହେଉଛି । ହେଲେ ସବୁ ଦେଖୁ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । କିଛିଦିନ ପୂର୍ବରୁ ଦିନରେ ବାଲି ଚୋରି ହେଉଥିବାରୁ ଗ୍ରାମବାସୀମାନେ ଡେଜିବାରୁ ଏବେ ମାଫିଆ ରାତିର ବାଲି ଚୋରି କରୁଛନ୍ତି । ଏନେଇ ଅଞ୍ଚଳବାସୀ ଅଭିଯୋଗ ଆଣିଲେ ଜୀବନରୁ ମାରିଦେବାକୁ ଧମକ ମିଳୁଛି । ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ ଫଳ ଶୂନ । ଜିଲ୍ଲାପାଳ ଘଟଣାର ହସ୍ତକ୍ଷେପ ନକଲେ କୋଟି କୋଟି ଟଙ୍କା ଆଗକୁ ରାଜସ୍ୱ ହାନି ହେବାର ଆଶଙ୍କା ଘାରିଛି ।

## ସ୍ଥାୟୀ ନିଯୁକ୍ତି ନିଷ୍ପତିରୁ ବଞ୍ଚିତ ଜନସ୍ୱାସ୍ଥ୍ୟ ବିଭାଗର ଅସ୍ଥାୟୀ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ

ବାଲେଶ୍ୱର, ୦୭/୧୨ (ନି.ପ୍ର): ରାଜ୍ୟର ସମସ୍ତ ସହରାଞ୍ଚଳ ଓ ଗ୍ରାମ୍ୟ ଜଳଯୋଗାଣ ବ୍ୟବସ୍ଥାରେ ଦୀର୍ଘ ବର୍ଷ ଧରି ସ୍ଥାୟୀ ଭାବେ କାର୍ଯ୍ୟରତ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲ୍ଲା ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ ହେଉଥିବା ବେଳେ ବାଲେଶ୍ୱର ଜିଲ୍ଲା ସଂଗଠନ ପକ୍ଷରୁ ଅନୁରୂପ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସଂଘର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ ସହ ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନେ ସାମନା କରୁଥିବା ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ଗତ ଅକ୍ଟୋବର ମାସରେ ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୫୭ହଜାର ଠିକା କର୍ମଚାରୀମାନଙ୍କୁ ନିୟମିତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସବୁବର୍ଗରୁ ସ୍ୱାଗତ କରାଯାଇଥିବା ବେଳେ ପାନୀୟ ଜଳଯୋଗ ଭଳି ଏକ ଅତ୍ୟାବଶ୍ୟକ ତଥା ଜରୁରୀ ସେବା ବିଭାଗରେ ଦୀର୍ଘ ବର୍ଷ ଧରି ସ୍ଥାୟୀ ଭାବେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନଙ୍କୁ ଅଣଦେଖା କରାଯାଇଥିବା ସଂଘ କମକର୍ତ୍ତାମାନେ ଅଭିଯୋଗ କରିଥିଲେ ।

## ନାଟ୍ୟକାର ସ୍ୱର୍ଗତ ଭଗବାନ ଚନ୍ଦ୍ର ଗିରିଙ୍କ ୯ମ ଶ୍ରାଦ୍ଧବାର୍ଷିକୀ



ଜଳେଶ୍ୱର, ୭/୧୨(ନି.ପ୍ର): ଜଣେ ବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, କଳାକାର, ମିଷ୍ଟଭାଷୀ, ଦରଦି, ସଂଗୀତ ନିର୍ଦ୍ଦେଶକ ଭାବେ ଖ୍ୟାତି ଅର୍ଜନ କରିଥିବା ନଛିମପୁର ଗ୍ରାମର ସ୍ୱର୍ଗତ ଭଗବାନ ଗିରିଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ତାଙ୍କ ବାସଭବନରେ ଆଜି ଅନୁଷ୍ଠିତ ହୋଇ ଯାଇଛି । ଭଗବାନ ଚନ୍ଦ୍ର ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ କବି କର୍ତ୍ତିକ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ । ଏଥିରେ ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସ୍ୱର୍ଗତ ଗିରିଙ୍କର ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥିଭାବେ କବି ନରୋତ୍ତମ ପ୍ରଧାନ ଯୋଗ ଦେଇ କଳାକାରର ମୃତ୍ୟୁ ନଥିବା ବେଳେ ସମାଜର ଦର୍ପଣଭାବେ କାର୍ଯ୍ୟ କରିଥାନ୍ତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜାମାତା ନିରଞ୍ଜନ ଦାସ, ଅଜୟ ପରିଡା, ବାସନ୍ତୀ ଗିରି, ସେବିକା ଆଶାଲତା ଦାସ, ମାନସୀ ପରିଡା, କଳ୍ପନା କୁଣ୍ଡୁ, ଶିକ୍ଷକ ଦିଲ୍ଲିପ ଗିରି, କୃଷି ବିଶେଷଜ୍ଞ ହରିଶଂକର ଗିରି, ବିଜୟ ପାତ୍ର, ରବିନ୍ଦ୍ର ମିଶ୍ର, ବଂଧୁବାନ୍ଧବ ଓ ପରିବାର ବର୍ଗ ଉପସ୍ଥିତ ରହି ତାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ । ପୁତ୍ର ଗୌରୀଶଂକର ଗିରି ଓ ଦୁର୍ଗାଶଂକର ଗିରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ମୁଖ୍ୟ ଶାସନ ସଚିବଙ୍କୁ ପ୍ରତୀକାତ୍ମକ ସଶସ୍ତ୍ର ବାହିନୀ ପତାକା ପ୍ରଦାନ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ସଶସ୍ତ୍ର ବାହିନୀ ପତାକା ଦିବସ ଆଜି ପାଳିତ ହେଉଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ରାଜ୍ୟ ସୈନିକ ବୋର୍ଡ ପକ୍ଷରୁ ପ୍ରତୀକାତ୍ମକଭାବେ ସଶସ୍ତ୍ର ବାହିନୀ ପତାକା ପ୍ରଦାନ କରାଯାଇଛି । ଏହି ଅବସରରେ ଶ୍ରୀ ମହାପାତ୍ର ଅଭିନନ୍ଦନ ଜ୍ଞାପନ କରିଥିଲେ । ଦେଶର ବୀର ଯବାନମାନଙ୍କ ଅମରକୀର୍ତ୍ତି ଓ ବଳିଦାନକୁ ସ୍ମରଣ କରିବା ପାଇଁ ପ୍ରତି ବର୍ଷ ଡ଼ିସେମ୍ବର ୭ ତାରିଖକୁ ସଶସ୍ତ୍ର ବାହିନୀ ପତାକା ଦିବସଭାବେ ପାଳନ କରାଯାଉଛି । ୧୯୪୯ ମସିହାଠାରୁ ଏହି ଦିବସ ପାଳନ କରାଯାଉଛି । ଏହି ଅବସରରେ ରାଜ୍ୟ ସୈନିକ ବୋର୍ଡ ସଂପାଦକ କମାଣ୍ଡର ଘନଶ୍ୟାମ ଓଝା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପେନସନ ମେଳା



ବାରିପଦା, ୦୭/୧୨ (ନି.ପ୍ର): ମୟୂରଭଂଜ ଜିଲ୍ଲା ଶିକ୍ଷାଧୀକାରୀଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ସହଯୋଗରେ ଅକ୍ଟୋବର ଓ ନଭେମ୍ବର ମାସରେ ଚାକିରୀରୁ ଅବସର ନେଇଥିବା ମାଧ୍ୟମିକ ସ୍କୁଲ ଶିକ୍ଷକ-କର୍ମଚାରୀମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସହିତ ପ୍ରୋଭିଜନାଲ ପେନସନର କାଗଜପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ଶିକ୍ଷାଧିକାରୀ ନବକିଶୋର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶାରୀରିକ ଶିକ୍ଷା ନୀରିକ୍ଷକ ଭାଗୀରଥି ମଲ୍ଲିକ, ବିଜ୍ଞାନ ପରିଦର୍ଶକ ଜ୍ଞାନରଂଜନ ଆଚାର୍ଯ୍ୟ, ଅଫିସ ସହକାରୀ ଶିବପ୍ରସାଦ ବେହେରା, କ୍ଷେତ୍ରମୋହନ ବେହେରା ଓ ସହାୟକ ଦେବ ପ୍ରସାଦ ମହାନ୍ତଙ୍କ ସହିତ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ରାଜ୍ୟ ସଂପାଦକ ଭରତ ଚନ୍ଦ୍ର ବରାଳ, ଜିଲ୍ଲା ସଂପାଦକ ଶ୍ରୀ ଚିତରଂଜନ ପଲତା, ବାରିପଦା ବ୍ଲକ୍ ସଂପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଦୁଇ ମାସରେ ସେବା ନିବୃତ ହୋଇଥିବା ବିଭିନ୍ନ ବିଦ୍ୟାଳୟର ୩ ଜଣ ପ୍ରଧାନ ଶିକ୍ଷକ, ଜଣେ ହୀନ୍ଦି ଶିକ୍ଷକ, ୨ ଜଣ ପିଅନ, ଏହିପରି ମୋଟ୍ ୬ ଜଣ ଅବସରପ୍ରାପ୍ତ କର୍ମଚାରୀ ଜିଲ୍ଲା ଶିକ୍ଷାଧାକାରୀଙ୍କ ଠାରୁ ମାନପତ୍ର, ଅନ୍ୟାନ୍ୟ କାଗଜପତ୍ର ଓ ପୁଷ୍ପଗୁଚ୍ଛ ଗ୍ରହଣ କରିଥିଲେ । ଅବସର ଗ୍ରହଣ କରିଥିବା ଶିକ୍ଷକ-କର୍ମଚାରୀମାନେ ସେମାନଙ୍କର ଦୀର୍ଘ ଦିନର ଚାକିରୀ ଅନୁଭୁତି ଉପରେ ଆଲୋକପାତ କରିଥିବା ବେଳେ, ବାରିପଦା ବ୍ଲକ ସଂପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଇରା ସରସ୍ୱତୀ ଶିଶୁ ମନ୍ଦିରରେ ଗୀତା ଜୟନ୍ତୀ

ଖଇରା, ୦୭/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ନଟାପଡାସ୍ଥିତ ସରସ୍ୱତୀ ମନ୍ଦିରରେ ପବିତ୍ର ଗୀତା ଜୟନ୍ତୀ ସୋମବାର ଦିବସ ବ୍ୟାପି ପ୍ରଧାନାଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଦେବେନ୍ଦ୍ର ପାଣିଗ୍ରାହୀ, ପଙ୍କଜ ମହାନ୍ତି, ହେମଲତା ପାଣିଗ୍ରାହୀ, ବିଷ୍ଣୁପ୍ରିୟା ପଣ୍ଡାଙ୍କ ଦ୍ୱାରା କଳସ ଅଣାଯାଇଥିଲା । ପଣ୍ଡିତ ନୃସିଂହ ପାଣି, ଅଭିମନ୍ୟୁ ପଣ୍ଡାଙ୍କ ଦ୍ୱରା ଗୀତାପାଠ ଓ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା । ଗୁରୁମା ସବିତା ମହାନ୍ତି, ମନୋରମା ଗିରି, ଅହଲ୍ୟା ପାଣି, ମମତା ବାରିକ, ଇତିଶ୍ରୀ ନାୟକ ଗୁରୁଜୀ ତାପସ ନାୟକ, ଡମ୍ବରୁ ଜେନା, ବଳରାମ ଲେଙ୍କା, ପ୍ରଭାକର ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶତାଧିକ ଅବିଭାବକ ଉପସ୍ଥିତ ଥିଲେ । ସେହିଭଳି ବ୍ଲକର ରାଇକୁଳା, ତୁଡିଗଡିଆ, କ୍ଷିରିପଦା, ଅଳିପୁର, ବାଣପୁର, ଡଗରପଡା ଇତ୍ୟାଦି ଶିଶୁ ମନ୍ଦିରରେ ଗୀତା ଜୟନ୍ତୀ ପାଳିତ ହୋଇଛି ।

## ଖେଳ, ଗୀତ ଓ ନାଚରେ ଗର୍ଜିଲା ଲୋୟର ପିଏମ୍‌ଜି

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ଓଡିଶା କଳା ଓ କ୍ରୀଡ଼ ଶିକ୍ଷକ ମହାସଂଘର ଧାରଣାର ତୃତୀୟ ଦିନରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଲୋୟର ପିଏମ୍‌ଜିରେ ତାଙ୍କର ନ୍ୟାର୍ଯ୍ୟଦାବିକୁ ଖେଳ, ଗୀତ ଓ ନାଚ ମାଧ୍ୟମରେ ପ୍ରଦର୍ଶନ କରି ସରକାରଙ୍କୁ ଦାବି ଜଣାଇଛନ୍ତି । ଆଜକୁ ୧୦ ବର୍ଷ ଧରି ଚାକିରୀ କରି ଆସୁଥିଲେ ବି ବିଭିନ୍ନ ସମୟରେ ସରକାରଙ୍କୁ ତାଙ୍କର ଅଭିନବ ଉପାୟରେ ଦୁଃଖ ଜଣାଉଥିଲେ ମଧ ସରକାର ମହାସଂଘର ଦୁଃଖକୁ ଅଣଦେଖା କରୁଛନ୍ତି । ଯେପର୍ଯ୍ୟନ୍ତ ମହାସଂଘର ଦାବି ପୂରଣ ନହୋଇଛି, ଓଡ଼ିଶାର ସମସ୍ତ ପାର୍ଟ ଟାଇମ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଅନୁରୋଧ, ଏହି ଦୁର୍ବାର ଆନ୍ଦୋଳନରେ ସାମିଲ ହେବା ପାଇଁ ଆହ୍ୱାନ କରାଯାଉଛି । ସେପର୍ଯ୍ୟନ୍ତ ଏଭଳି ଅଭିନବ ଉପାୟରେ ରାଜରାସ୍ତାରେ ବସିବେ ବୋଲି ମହାସଂଘର ଆବାହକ ଧର୍ମେନ୍ଦ୍ର ପଣ୍ଡା ଓ ଦେବବ୍ରତ ପଟ୍ଟନାୟକ, ସଂଯୋଜକ ଆଶୁତୋଷ ଶତପଥୀ, ବିଜନ ଦାସ, ଶଙ୍କର ପ୍ରସାଦ ମହାପାତ୍ର, ସ୍ୱାତୀମୁକ୍ତା, ସ୍ମିତାଞ୍ଜଳି ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି ।

## ‘ଶିକ୍ଷା ଅପେକ୍ଷା କରିପାରିବ ନାହିଁ’ ଶୀର୍ଷକ ଆଲୋଚନାଚକ୍ର



ଉଦଳା, ୦୭/୧୨ (ନି.ପ୍ର): ଜନଜାଗୃତି ମଞ୍ଚ ତରଫରୁ ଉଦଳା ଠାରେ ଚଳିତ ଡ଼ିସେମ୍ବର ୫ ତାରିଖ ସୋମବାର ଦିନ ମଞ୍ଚର ଟିମ ଲିଡ଼ର ଗଦାଧର ଦାଶଙ୍କ ଅଧ୍ୟକ୍ଷତାରେ ‘ଶିକ୍ଷା ଅପେକ୍ଷା କରିପାରିବ ନାହିଁ’ , ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅତିଥି ଭାବରେ ମାଙ୍କଡ଼ପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ବେହେରା ଯୋଗ ଦେଇ ଶିକ୍ଷା ବ୍ୟବଧାନକୁ ରୋକିବା ପାଇଁ ସରକାରଙ୍କ ଶିକ୍ଷା ପୁନରୁଦ୍ଧାର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ମଞ୍ଚ ତରଫରୁ ସର୍ଭେ କାର୍ଯ୍ୟରେ ନିୟୋଜିତ ଥିବା ଗୌତମ ମହାପାତ୍ର , ଆରତୀ ଖଣ୍ଡାପାତ୍ର, ରୁପାଏ ବାସ୍କେ, ରାମଚନ୍ଦ୍ର ସିଂ, ହରପ୍ରିୟା ଦାସ, କାପାଲ ମୁର୍ମୁ, ରାମାୟ ମୁର୍ମୁ, ସୁବ୍ରତ ମହାନ୍ତି, ସୁମତି ମୁର୍ମୁ, ନିରୁପମା ଦାସ, ରବିନ୍ଦ୍ର ଖଣ୍ଡେଇ ଓ ଲାଲ ମୋହନ ବିନ୍ଧାଣୀ ନିଜ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ପରେ ୫ ଗୋଟି ବ୍ଲକରେ ୩୦ ଗୋଟି ପଞ୍ଚାୟତ ଓ ୧୦୨ଟି ଗ୍ରାମରେ ଅନଲାଇନ ମାଧ୍ୟମରେ ସର୍ଭେ କରାଯାଇଥିବା ରିପୋର୍ଟ ଅନୁସାରେ ୨୭୪ଟି ଏଲ.ଆର.ପି., ୧୦୫ଗୋଟି ବିଦ୍ୟାଳୟରେ ଆର.ଟି.ଇ., ୧୪ ଗୋଟି ଡ୍ରପଆଉଟ ଓ ୫ ଟି ମାଇଗ୍ରେସନର ବିବରଣୀ ଉପସ୍ଥାପିତ ହୋଇଥିଲା । ସାମାଜିକ କର୍ମୀ କୈଳାଶ ନାୟକ କରୋନା ସମୟରୁ ବହୁ ପିଲା ପାଠ ପଢ଼ା ଛାଡ଼ି ଦେଇଥିବା ବେଳେ ଏବେ ସେମାନେ ବିବାହ କରୁଛନ୍ତି । ଫଳରେ ବାଲ୍ୟ ବିବାହ ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ଜଣାଇଥିଲେ । ବହୁ ସଂଖ୍ୟାରେ ଏସ୍.ଏମ୍.ସି. ମେମ୍ବର, ସ୍ୱେଚ୍ଛାସେବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଆଜିର ଆଲୋଚନା ଚକ୍ରରେ ଉପସ୍ଥିତ ଥିଲେ ।

## ପଦ୍ମପୁର ଫଳାଫଳ ପୂର୍ବରୁ ବିଜେଡିର ସମୀକ୍ଷା ବୈଠକ

ଭୁବନେଶ୍ୱର, ୦୭/୧୨ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ଫଳାଫଳ ପୂର୍ବରୁ ନବୀନ ନିବାସରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପଦମପୁରର ରିପୋର୍ଟ କାର୍ଡ ଦେଇଛନ୍ତି ଦଳୀୟ ନେତା । ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବରଗଡ଼ ପର୍ଯ୍ୟବେକ୍ଷକଙ୍କ ସହ ପଦ୍ମପୁର ଦାୟିତ୍ୱରେ ଥିବା ନେତାଙ୍କୁ ନବୀନ ନିବାସ ଡକାଯାଇଥିଲା । ଅପରପକ୍ଷରେ ପଦମପୁରରେ ବିଜେଡି ବିପୁଳ ଭୋଟ୍ ରେ ବିଜୟୀ ହେବ ବୋଲି ମତ ଦେଇଛନ୍ତି ବିଜେଡି ନେତା । ପଦ୍ମପୁରରେ ଲୋକଙ୍କର ସମସ୍ୟା କଣ ଅଛି, ସରକାରୀ ଯୋଜନା ତଳ ସ୍ତରରେ କେମିତି ପହଁଚୁଛି, ଲୋକଙ୍କ ଆବଶ୍ୟକତା କଣ ରହୁଛି କିପରି ସମସ୍ୟାର ସମାଧାନ କରାଯିବ ବୋଲି ବିଜେଡି ନେତାମାନେ ଆଲୋଚନା କରିଛନ୍ତି । ସେ ସମ୍ପର୍କରେ ୧୫ ତାରିଖ ସୁଦ୍ଧା ବିସ୍ତୃତ ରିପୋର୍ଟ ଦେବା ପାଇଁ ହାଇ କମାଣ୍ଡଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଛି । ବିଜୟ ପରେ ଦାୟିତ୍ୱରେ ଥିବା ସବୁ ନେତା ପଦ୍ମପୁର ଯାଇ ଲୋକଙ୍କୁ ଧନ୍ୟବାଦ ଦେବାସହ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଆଲୋଚନା କରିବେ ବୋଲି ବିଜେଡି ସୁପ୍ରିମୋଙ୍କ ସହ ଆଲୋଚନା ପରେ ବିଜେଡି ନେତା ତଥା ବରଗଡ଼ ବିଜେଡି ପର୍ଯ୍ୟବେକ୍ଷକ ସୁଧୀର ସାମଲ, ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବିଧାୟକ ସାରଦା ନାୟକ, ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଓ ପୁଷ୍ପେନ୍ଦ୍ର ସିଂଦେଓ ଏହି ସୂଚନା ଦେଇଛନ୍ତି ।

## ଓଡିଶା ପାୱାର ସେକ୍ଟର ଟେକ୍ନିକାଲ ଏମ୍ପ୍ଲୋୟିଜ ୟୁନିୟନ ୨୦୨୨ର ଦ୍ୱିତୀୟ ବାର୍ଷିକ ଉତ୍ସବ




ବାଲେଶ୍ୱର, ୦୭/୧୨ (ନି.ପ୍ର): ବାଲେଶ୍ୱର ଷ୍ଟେସନ କ୍ଲବରେ ଓଡିଶା ପାୱାର ସେକ୍ଟର ଟେକ୍ନିକାଲ ଏମ୍ପ୍ଲୋୟିଜ ୟୁନିୟନ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠାନର ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ସଭାରେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ କୁଳପତି ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇଥିଲେ ଓ ମୁଖ୍ୟ ଅତିଥି ସମ୍ମାନସ୍ପଦ ଜିଲ୍ଲାପାଳ ଶ୍ରୀଯୁକ୍ତ ଦତାତ୍ରୟ ଭାଉସାହେବ ସିନ୍ଦେ ଯୋଗ ଦେଇଥିଲେ । ଏପରିକି ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଦାସ, ମୁଖ୍ୟ ବକ୍ତା ସନ୍ତୋଷ କୁମାର ପୁହାଣ ଯୋଗ ଦେଇଥିଲେ ଓ ଏହି ୟୁନିୟନ ଦୁଇବର୍ଷ ଧରି ଅଭିଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ପରିଚାଳିତ ହୋଇଥିବା ତଥା ମୁଖ୍ୟ ବକ୍ତା ପ୍ରଶଂସା କରିଥିଲେ । ଏପରିକି ବକ୍ତାମାନେ ମାଲିକ ଓ ଶ୍ରମିକ ସମ୍ପର୍କକୁ ନିବିଡତରୁ ନିବିଡତର ପହଞ୍ଚିବା ପାଇଁ ଏପରି ସମ୍ମିଳନୀ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଏପରିକି ଝଚଘଡଉଖ ର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶ୍ରୀଯୁକ୍ତ ଶ୍ରୀବଲ୍ଲଭ ସିଂହ ଓ ଅନୁଷ୍ଠାନର ସମସ୍ତ କର୍ମ କର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ । ଏପରିକି ଏହି ସଭାରେ ରମେଶ ପ୍ରଧାନ, ମଦନ ମୋହନ ସ୍ୱାଇଁ, ଚିତ୍ତରଞ୍ଜନ ଦାଶ, ସରୋଜ କୁମାର ପ୍ରଧାନ, ବିରଞ୍ଚି ନାରାୟଣ ସୁବୁଦ୍ଧି, ରବିନ୍ଦ୍ର ଦଳେଇ, ସୁଶାନ୍ତ ମହାନ୍ତି ପ୍ରମୁଖ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଭଦ୍ରକ ଜିଲ୍ଲାପାଳ ଓ ଶିକ୍ଷାଧିକାରୀ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ଭଦ୍ରକ, ୦୭/୧୨ (ନି.ପ୍ର): ଓଷ୍ଟା ଓ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଭଦ୍ରକ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଦୀର୍ଘଦିନ ଧରି ଶିକ୍ଷକ ଓ ଅଧ୍ୟାପକମାନେ ଶିକ୍ଷକ ମାରଣନୀତିରେ ଜର୍ଜରିତ । ବ୍ଲକଗ୍ରାଣ୍ଟ ଭଳି କୁତ୍ସିତ ପ୍ରଥାର ବିଲୋପ ପାଇଁ ଚାକିରୀ ସର୍ତ୍ତାବଳୀ, ପେନସନର ସୁବିଧା ସୁଯୋଗ ପାଇଁ ବାରମ୍ବାର ଶିକ୍ଷକଟିଏ ସ୍କୁଲ ଛାଡ଼ି ରାଜରାସ୍ତାକୁ ଓହ୍ଲାଇଛି ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଶିକ୍ଷା ହେଉଛି ସରକାରଙ୍କର ଦାୟିତ୍ୱ । ଶିକ୍ଷାର ବିକାଶ ହେଲେ ଦେଶର ବିକାଶ ହେବ । ଏକଥା ଜାଣିଶୁଣି ସରକାର ବଧିର ହେଉଛନ୍ତି । ୯୧୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨୬୦୮ ମାଧ୍ୟମିକ ବିଦ୍ୟାଳୟ, ୬୬୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ୪୮୮ ଟି ମହାବିଦ୍ୟାଳୟ, ମଦ୍ରାଶା ଓ ସଂସ୍କୃତ ଶିକ୍ଷାନୁଷ୍ଠାନ ମାନଙ୍କରେ କାର୍ଯ୍ୟରତ ଶିକ୍ଷକ, କର୍ମଚାରୀ ୧୫ ରୁ ୨୦ ବର୍ଷ ଧରି ବିନା ବେତନରେ କାର୍ଯ୍ୟ କଲାପରେ ଓଡ଼ିଶା ସରକାର ସେମାନଙ୍କୁ ବ୍ଲକଗ୍ରାଣ୍ଟ ଓ ପରେ ପରେ ନୂତନ ଅନୁଦାନ ପ୍ରଦାନ କରିଛନ୍ତି ୩୦ ବର୍ଷ କାର୍ଯ୍ୟ କଲାପରେ ଅବସର ନେଉଥିବା ଶିକ୍ଷକ ବା କର୍ମଚାରୀଟିଏ ଖାଲି ହାତରେ ଘରକୁ ଯାଉଛି । ସରକାର ସପ୍ତମ ବେତନ ଦେବାକଥା ନିଷ୍ପତ୍ତି ନେଲେ । କିନ୍ତୁ ବିଜ୍ଞପ୍ତି ପରେ ଏହା ଗ୍ରହଣୀୟ ନୁହେଁ । ଏହି ବିଜ୍ଞପ୍ତି ଶିକ୍ଷକ କର୍ମଚାରୀ ସ୍ୱାର୍ଥ ବିରୋଧି ଥିଲା । ଏହାକୁ ବିଶେଷ କରି ଆନ୍ଦୋଳନ ହୋଇଥିଲା । କିନ୍ତୁ ୧୧ ମାସ ବିତିଯାଇଥିଲେ ମଧ । ସରକାରଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭଂଗ ହେଉ ନାହିଁ । ସେଥିପାଇଁ ଶିକ୍ଷକ ଓ ଅଧ୍ୟାପକମାନେ ରାଜ ରାସ୍ତାକୁ ଓହ୍ଲାଇବାକୁ ସରକାର ବାଧ କରିଛନ୍ତି । ଆଗାମୀ ୧୭ ତାରିଖରେ ହଜାର ହଜାର ଶିକ୍ଷକ ଓ ଅଧ୍ୟାପକମାନେ ରାଜ୍ୟ ସ୍ତରୀୟ ବିକ୍ଷୋଭରେ ଯୋଗଦେବା ପାଇଁ ଶିକ୍ଷକ ନେତୃବୃନ୍ଦ ଆହ୍ୱାନ କରିଛନ୍ତି । ଅବିକଳ ସପ୍ତମ ବେତନ ପ୍ରଦାନ । ହିନ୍ଦୀ, ସଂସ୍କୃତ, ପିଇଟି ଓ ମଦ୍ରାସା ଶିକ୍ଷକ ମାନଙ୍କୁ ଅବିକଳ ୭ମ ବେତନ ପ୍ରଦାନ । ସମସ୍ତ ଯୋଗ୍ୟ ବିବେଚିତ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ । ଚାକିରୀ ସର୍ତ୍ତାବଳୀ ଓ ପେନସନ ପ୍ରଦାନ କରିବା । ଅବସରକାଳୀନ ବୟସ ୬୨ କୁ ବୃଦ୍ଧି । ସମସ୍ତ ଅନୁଦାନ ପ୍ରାପ୍ତ କଲେଜ ଓ ସ୍କୁଲ ଶିକ୍ଷକ ଅଧ୍ୟାପକ ନିଯୁକ୍ତି କରିବା । R.A.C.P. ର ସୁପ୍ରିମ୍‌କୋର୍ଟ ଅର୍ଡ଼ରକୁ ସାର୍ବଜନନୀ କରିବା । ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ୪୮ ବର୍ଷପରେ ଟିଜି ସ୍କେଲ ପ୍ରଦାନ । ସମସ୍ତ ଚୁକ୍ତି ଭିତ୍ତିକ ଶିକ୍ଷକକୁ ନିୟମିତ କରିବା । ଏହି ଦାବୀ ଗୁଡ଼ିକୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଗଣ, ଶିକ୍ଷାମନ୍ତ୍ରୀ, ଅର୍ଥମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟ ସଚୀବ, କମିଶନର, ପ୍ରିନ୍ସିପାଲ ସେକ୍ରେଟେରୀ ଜିଲ୍ଲାପାଳଙ୍କ ମାଧ୍ୟମରେ ପଠାଗଲା ବୋଲି ରାଜ୍ୟ ସଂପାଦିକା ସୁରଜିତା ନାୟକ, ସଭାପତି-ଉମାକାନ୍ତ ପରିଡ଼ା, ଜିଲ୍ଲା ସଂପାଦକ, ପ୍ରଦୀପ୍ତଦାସ, ପୂର୍ଣ୍ଣଚନ୍ଦ୍ର ଦାଶ, ମନୋରଂଜନ ପଣ୍ଡା, ସୁବଳ ପତ୍ରୀ, ପ୍ରଭାତ ପାଣିଗ୍ରାହୀ, ହେମନ୍ତ ସୂତାର, ଅରୁଣ ଶତପଥି, ବସନ୍ତ ଦାସ, କମଳାକାନ୍ତ ନାୟକ, ଦେବବ୍ରତ ତ୍ରିପାଠୀ, ପର୍ଶୁରାମ ପାଢ଼ୀ, ଅନିଲ୍ ମିଶ୍ର, ମଦ୍ରାସା ସଂଘରୁ ଅବତାବ୍ ଦୟାନ, ଅଲଓଷ୍ଟା ଉପେନ୍ଦ୍ର ବିଶ୍ୱାଳ, ଅଶୋକ ରାଉତ, ଜିଲ୍ଲାସଂପାଦକ ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ ସଂଘ ଅଫିସରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳ ଓ ଶିକ୍ଷାଧିକାରୀଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

## ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ-୨୦୨୨ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ



ବାରିପଦା, ୦୭/୧୨ (ନି.ପ୍ର): ୩୦ତମ ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ-୨୦୨୨ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ବାରିପଦାସ୍ଥିତ ଶରତ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କର ବୈଜ୍ଞାନିକ ଚିନ୍ତାଧାରାକୁ ବିକଶିତକରିବାରେ ସାହାଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆର୍ଯ୍ୟ ଯୋଗ ଦଇଥିଲେ । ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଡାପାଳର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲ୍ଲା ସଂଯୋଜକ କୃତୀ ଶିକ୍ଷକ ଅଜିତ କୁମାର ଜେନା କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ଶିକ୍ଷକ ସଂଯୋଜକ କୃତୀ ଶିକ୍ଷକ ବସନ୍ତ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋତ୍ସ୍ନାରାଣୀ ମହାପାତ୍ରଙ୍କ ସଞ୍ଚାଳନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଚିତ୍ରଡା ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ପ୍ରଧାପିକା ସୁଷମା ଷଡଙ୍ଗୀ, ରସାୟନ ବିଜ୍ଞାନର ପ୍ରଧାପକ କାମଦେବ ପୀଠ ଓ ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ ବିରକ ଭାବେ ଯୋଗ ଦେଇଥିଲେ । ବିରକମାନଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରକଳ୍ପର ଦଳମୁଖ୍ୟ ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ ୨୦୨୨ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଶିକ୍ଷକ ନୟନ କୁମାର ଗିରି, ବିଷ୍ଣୁପଦ ଆର୍ଯ୍ୟ, ମନୋଜ କୁମାର ପରିଡା କାର୍ଯ୍ୟକ୍ରମ ପରିଳନାରେ ସହଯୋଗ କରିଥିଲେ । ରଘୁନାଥ ହାଇସ୍କୁଲ, ରାଇକମାର ଛାତ୍ରୀ ଜ୍ୟୋତିର୍ମୟୀ ନାଥ, ଲାଲ ମୋହନ ପତି ହାଇସ୍କୁଲ, ଧନପୁରର ଛାତ୍ରୀ ଲିପ୍‌ସା ମହାନ୍ତ, ସରକାରୀ ଉଚ୍ଚ ବିଦ୍ୟାଳୟ, ଦାନ୍ତିଆମୁହାଁର ଛାତ୍ରୀ ପୁଷ୍ପମିତ୍ରା ମହାନ୍ତ ଓ ରରୁଆଁ ବ୍ଲକର ଟିଙ୍ଗିରିଆ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଆସ୍ମା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo